


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୩୧ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 31 DECEMBER 2021

Vol.No. 32 ■ No. 335 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଆଉ ୫ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୩୦/୧୨(ନି.ପ୍ର): ଓଡିଶାରେ ଆଉ ୫ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସେସ୍ (ଆଇଏଲ୍ଏସ୍) ପକ୍ଷରୁ ଏହି ସୂଚନା ଦିଆଯାଇଛି। ରାଜ୍ୟରେ ୫ ଜଣ ନୂଆ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହେବା ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି ୫ ନୂଆ ଓମିକ୍ରନ୍ ଆକ୍ରାନ୍ତଙ୍କ ମଧ୍ୟରୁ ୪ ଜଣ ପୁରୁଷ ଓ ଜଣେ ମହିଳା। ସମସ୍ତଙ୍କ ବୟସ ୨୨ରୁ ୪୪ ବର୍ଷ ମଧ୍ୟରେ। ଏମାନଙ୍କ ଭିତରୁ ଜଣେ କତାରରୁ ଆସିଛନ୍ତି। ଜଣେ କଙ୍ଗୋରୁ ଆସି




ଥିବା ବେଳେ ଅନ୍ୟ ଜଣେ ୟୁଏଇରୁ ଆସିଛନ୍ତି। ୪ ଜଣ ଆକ୍ରାନ୍ତଙ୍କର ଆନ୍ତର୍ଜାତୀୟ ଟ୍ରାଭେଲ ହିଷ୍ଟ୍ରି ଅଛି। କିନ୍ତୁ ପଂଚମ ବ୍ୟକ୍ତିଙ୍କର ଯାତ୍ରା ବିବରଣୀ ନାହିଁ। ସେ କିଛି ଦିନ ପୂର୍ବରୁ ରାୟପୁର ଓ ହାଇଦ୍ରାବାଦ ଯାଇଥିଲେ। ସମସ୍ତଙ୍କ କଂଟାକ୍ଟ ଟ୍ରେସିଂ ସରିଛି। ଜଣଙ୍କର କଂଟାକ୍ଟ ଟ୍ରେସିଂରେ ପଜିଟିଭ୍ ଆସିଛି ଏବଂ ତାଙ୍କର ରିପୋର୍ଟକୁ ଜେନମ ସିକ୍ୱେନ୍ସିଂ ପାଇଁ ପଠାଯାଇଛି । ଦୁଇ ଜଣଙ୍କର କଂଟାକ୍ଟ ଟ୍ରେସିଂ ନେଗେଟିଭ ଆସିଛି। ଆଉ ଦୁଇ ଜଣଙ୍କର ଏପର୍ଯ୍ୟନ୍ତ ରିପୋର୍ଟ ଆସିନି। ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଅଛି ଦୁଇ ଜଣ ହସ୍ପିଟାଲରେ ଅଛନ୍ତି। ରାଜ୍ୟରେ କରୋନାର ନୂଆ ଭାରିଆଂଟ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇପାରେ ଲାଗିଛି। ଗତ ୧୦ ଦିନ ମଧ୍ୟରେ ୧୪ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇସାରିଲେଣି। ଗତ ୨୧ ତାରିଖରେ ରାଜ୍ୟରେ ପ୍ରଥମ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ।

## ରାଜଧାନୀର ସମସ୍ତ ଧର୍ମାନୁଷ୍ଠାନ ୩ ଦିନ ପାଇଁ ବନ୍ଦ

ଭୁବନେଶ୍ୱର,୩୦/୧୨(ନି.ପ୍ର): ଆସନ୍ତାକାଲି (ଡିସେମ୍ବର ୩୧) ରୁ ଜାନୁଆରୀ ୨ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଥିବା ସମସ୍ତ ଧର୍ମାନୁଷ୍ଠାନ ଶ୍ରଦ୍ଧାଳୁଙ୍କ ପାଇଁ ବନ୍ଦ ରହିବ। ନୂଆବର୍ଷରେ ବିଭିନ୍ନ ଧର୍ମାନୁଷ୍ଠାନରେ ଭିଡ ପରିଲିକ୍ଷିତ ହୋଇଥାଏ । ସେହିପରି ରାଜ୍ୟରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ କୋଭିଡ୍ ସଂକ୍ରମଣ ରୋକିବା ପାଇଁ ଏଭଳି ନିଷ୍ପତି ନେଇଛି ବିଏମସି। ବିଏମସି ଅଧୀନରେ ଆସୁଥିବା ସମସ୍ତ ମନ୍ଦିର, ମସଜିଦ୍, ଗୁରୁଦ୍ୱାରା, ଚର୍ଚ୍ଚ ଭକ୍ତଙ୍କ ପାଇଁ ବନ୍ଦ ରହିବ ।

# ବିଧାୟକ କିଶୋର ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର,୩୦/୧୨(ନି.ପ୍ର): ବ୍ରଜରାଜନଗରର ବିଜେଡି ବିଧାୟକ କିଶୋର ମହାନ୍ତିଙ୍କ ପରଲୋକ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ହୃଦଘାତ ଯୋଗୁଁ ଝାରସୁଗୁଡାର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୩ ବର୍ଷ ହୋଇଥିଲା। ସନ୍ଧ୍ୟାରେ ଦଳୀୟ କାର୍ଯ୍ୟାଳୟରେ ଯୋଗ ଦେବା ସମୟରେ ସେ ଅସୁସ୍ଥ ହୋଇପଡିଥିଲେ। ତାଙ୍କର ହୃଦ୍‌ଘାତ ହେବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍‌ପିଟାଲରେ ଭର୍ତି କରାଯାଇଥିଲା। ସ୍ୱର୍ଗତ କିଶୋର ମହାନ୍ତି ଓଡ଼ିଶା ବିଧାନସଭାର ବାଚସ୍ପତି ରହିସାରିଛନ୍ତି। ଏହାସହ ସେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଥିଲେ। ସେ ୩ ଥର ଝାରସୁଗୁଡ଼ାରୁ ଓ ଥରେ ବ୍ରଜରାଜନଗରରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୯ରୁ ୨୦୧୨ ପର୍ଯ୍ୟନ୍ତ ସେ



ରାଜ୍ୟସଭା ସାଂସଦ ଥିଲେ। ଗତ ସାଧାରଣ ନିର୍ବାଚନରେ ସେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କିଶୋର ମହାନ୍ତିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ଆନ୍ଧ୍ର ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନ, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ, ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ସାମାଜିକ ସୁରକ୍ଷା ମନ୍ତ୍ରୀ ଅଶୋକ ପଣ୍ଡା, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ, ଶକ୍ତି ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ଜଙ୍ଗଲ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଂଜୟ ଦାସବର୍ମା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ବିଧାୟକ କିଶୋର ମହାନ୍ତିଙ୍କ ପରଲୋକରେ ରଘୁନାଥ ମହାନ୍ତିଙ୍କ ଶୋକ

ବାଲେଶ୍ୱର, ୩୦/୧୨ (ନି.ପ୍ର): ପୂର୍ବତନ ବାଚସ୍ପତି ତଥା ବିଧାୟକ କିଶୋର ମହାନ୍ତିଙ୍କ ଆକସ୍ମିକ ବିୟୋଗରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଏହି ଦୁଃଖଦ ମୃତ୍ୟୁ ମୋତେ ଗଭୀର ଭାବରେ ଦୁଃଖ ଦେଇଛି । ଶ୍ରୀଯୁକ୍ତ ମହାନ୍ତି ଦଳମତ ନିର୍ବିଶେଷରେ ସମସ୍ତଙ୍କଠାରେ ଖୁବ୍ ପ୍ରିୟ ଥିଲେ । ସେ କେବଳ ବିଧାୟକ ନୁହନ୍ତି ପୂର୍ବତନ ବାଚସ୍ପତି ଥିବା ସହ ରାଜ୍ୟସଭାରେ ସଦସ୍ୟ ମଧ୍ୟ ଥିଲେ । ସେହିପରି ମନ୍ତ୍ରୀ ଓ ବିଧାୟକ ଭାବରେ ଓଡ଼ିଶା ରାଜନୀତିରେ ତାଙ୍କର ଅନେକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଅଛି । ତାଙ୍କ ପରୋଲୋକଗତ ଆତ୍ମାର ସଦ୍ଗତି କାମନା କରିବା ସହ ଭଗବାନ ତାଙ୍କ ଶୋକସନ୍ତପ୍ତ ପରିବାରଙ୍କୁ ସହାୟକ ହୁଅନ୍ତୁ ।

## ପ୍ରଚାର, ଭୋଟିଂ ସ୍ଥିତି ଦେଖି ଗାଇଡ଼ଲାଇନ ଜାରି କରାଯିବ : ନିର୍ବାଚନ ଆୟୋଗ

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ସଂପୂର୍ଣ୍ଣ ପ୍ରସ୍ତୁତ ବୋଲି ରାଜ୍ୟ ନିର୍ବାଚନ ଆୟୋଗ ଆଦିତ୍ୟ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି। ଜିଲ୍ଲା ଗୁଡିକୁ ବାଲଟ ବକ୍ସ ପଠାଯାଇଛି। ଅନ୍ୟ ରାଜ୍ୟରୁ ବାଲଟ ବକ୍ସ ଆସିଛି। ଆମେ ନିଜେ ବି କିଛି ପ୍ରସ୍ତୁତ କରିଛୁ। ସରକାରୀ ପ୍ରେସ ରେ ବାଲଟ ପେପର ପ୍ରଂଟିଂଗ ବି ଶେଷ ପର୍ଯ୍ୟାୟରେ ପହଂଚିଛି। ୱାର୍ଡମେମ୍ବର, ସରପଂଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ଚିହ୍ନ ଆଲଟ ହୋଇଛି। ୱାର୍ଡ ମେମ୍ବର ୧୫, ସରପଂଚ ପାଇଁ ୩୨ ଏବଂ ସମିତି ସଭ୍ୟ ପାଇଁ ୧୯ଟି ଚିହ୍ନ ରହିଛି। ଓଡ଼ିଆ ନାମ ଅନୁସାରେ ପ୍ରାର୍ଥୀଙ୍କୁ ଚିହ୍ନ ଆଲଟ କରାଯିବ। ଓମିକ୍ରନନ ଉପରେ ବି ଆମର ନଜର ରହିଛି। ନିର୍ବାଚନ ପ୍ରଚାର ଏବଂ ଭୋଟିଂ ବେଳେ ସ୍ଥିତି ଦେଖି ଆମେ ଗାଇଡ଼ଲାଇନ ଜାରି କରିବୁ ବୋଲି ସେ କହିଛନ୍ତି।

# ଜାନୁଆରୀ ମାସରେ ପିକନିକ୍ ମନା : ସହରାଞ୍ଚଳରେ ଜାରି ରହିବ ନାଇଟ୍ କର୍ଫ୍ୟୁ

ଭୁବନେଶ୍ୱର, ୩୦/୧୨ (ନି.ପ୍ର): କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ଜାନୁଆରୀ ମାସ ପାଇଁ ଗାଇଡଲାଇନ ଘୋଷଣା କରିଛନ୍ତି ରାଜ୍ୟ ସରକାର । ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ଜାରି କରିଥିବା ଗାଇଡ୍ ଲାଇନ୍ ଅନୁଯାୟୀ ସମସ୍ତ ସହରାଂଚଳରେ ନାଇଟ କର୍ଫ୍ୟୁ ଜାରି ରହିବ। ରାତି ୧୦ରୁ ସକାଳ ୫ଟା ଯାଏଁ ନାଇଟ କର୍ଫ୍ୟୁ ଲାଗୁ ହେବ। ନାଇଟ କର୍ଫ୍ୟୁ ବେଳେ ଯିବା ଆସିବା ବନ୍ଦ ରହିବ। ସେହିପରି ସକାଳ ୫ଟାରୁ ରାତି ୧୦ଟା ଯାଏଁ ଦୋକାନ ବଜାର ଖୋଲା ରହିବ । ଜରୁରୀକାଳୀନ ସେବାକୁ ଛାଡିଦେଲେ ଅନ୍ୟ ସବୁ ଉପରେ କଟକଣା ଲାଗୁ



କରାଯାଇଛି । ଏହି ନିୟମ ଜାନୁଆରୀ ୧ରୁ ଫେବ୍ରୁଆରୀ ୧ ଯାଏଁ ବଳବତର ରହିବ । ନୂଆ ଗାଇଡଲାଇନ୍ ମୁତାବକ, ଜାନୁଆରୀ ମାସରେ ପାର୍କ, ବେଳାଭୂମି କିମ୍ବା ଅନ୍ୟାନ୍ୟ ପିକନିକ୍ ସ୍ପଟରେ ପିକନିକ୍ କରିବାକୁ ମନା କରାଯାଇଛି। ଏପରିକି ଜାନୁଆରୀ ମାସରେ କୌଣସି ଶିକ୍ଷାନୁଷ୍ଠାନ ପିକନିକ୍ ମନାଇବାକୁ ଯାଇପାରିବେ ନାହିଁ। ସେହିପରି ସମସ୍ତ ପ୍ରକାର ସାମାଜିକ ଓ ଧାର୍ମିକ ସମାବେଶ ଉପରେ କଟକଣା ଲଗାଯାଇଛି। ରାଜନୈତିକ ସମାବେଶରେ ସର୍ବାଧିକ ୧୦୦ ଲୋକଙ୍କୁ ଅନୁମତି ମିଳିଛି। ସେହିପରି ପ୍ରଦର୍ଶନୀ, ବାଣିଜ୍ୟ ମେଳା, ମେଳା ଆଦି ଆୟୋଜନକୁ ମଧ୍ୟ ବାରଣ କରାଯାଇଛି। ହୋଟେଲ, ପାର୍କ, ମଲରେ ସାଂସ୍କୃତିକ, ନୃତ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରିବ ନାହିଁ। କୌଣସି ବାର୍ଷିକ ଉତ୍ସବ ଓ ଆନିଭର୍ସାରୀ ପାଳନ ଉପରେ ମଧ୍ୟ ରୋକ ଲଗାଯାଇଛି। ତେବେ ରାଜ୍ୟ ସରକାର ଯାତ୍ରା, ମେଲୋଡି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅନୁମତି ଦେଇଛନ୍ତି। ସର୍ବାଧିକ ୧ ହଜାର ଦର୍ଶକଙ୍କୁ ନେଇ ▶▶ପୃଷ୍ଠା ୭

# ମହାତ୍ମା ଗାନ୍ଧୀଙ୍କ ଉପରେ ବିବାଦୀୟ ବୟାନ ଦେଇ ବନ୍ଧାହେଲେ ବାବା କାଳିଚରଣ

ନୂଆଦିଲ୍ଲୀ,୩୦/୧୨: ମାହାତ୍ମା ଗାନ୍ଧୀଙ୍କୁ ନେଇ ଅପମାନଜନକ ଟିପ୍ପଣୀ ଦେଇ ଗିରଫ ହେଲେ ବାବା କାଳି ଚରଣ ମହାରାଜ । ଛତିଶଗଡର ରାୟପୁରରେ ଆୟୋଜିତ ଏକ ସଭାରେ ଗାନ୍ଧୀଙ୍କ ବିରୁଦ୍ଧରେ ଆପତ୍ତି ଜନକ ବୟାନ ଦେଇଥିଲେ କାଳିଚରଣ । ଯାହାକୁ ବିଭିନ୍ନ ମହଲରୁ ବିରୋଧ କରାଯାଇଥିଲା। ବାବାଙ୍କ ଏହି ବିବାଦୀୟ ବୟାନକୁ ନେଇ ମଧ୍ୟ ସୋଶିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହାପରେ ଦେଶର ବିଭିନ୍ନ



ପୋଲିସ ଷ୍ଟେସନରେ ବାବାଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିଲା । ଏହାପରେ ବାବା ଗିରଫ ହେବା ଭୟରେ ଫେରାର ହୋଇଯାଇଥିଲେ । ତେବେ ବିବାଦ ବଢୁଥିଲେ ମଧ୍ୟ ସେ ଗାନ୍ଧୀଙ୍କୁ ନେଇ ▶▶ପୃଷ୍ଠା ୭

## ଜିଲ୍ଲାପାଳ ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୩୦/୧୨(ନି.ପ୍ର): ଓଡିଶାରେ ମିଶନାରିଜ୍ ଅଫ ଚାରିଟି ଦ୍ୱାରା ପରିଚାଳିତ ବିଭିନ୍ନ ସଂସ୍ଥା ଯଥା କୁଷ୍ଠାଶ୍ରମ ଓ ଅନାଥାଶ୍ରମ ମାନଙ୍କରେ ଥିବା ଅନ୍ତେବାସୀମାନେ ଯେପରି କୌଣସି ସମସ୍ୟା ବିଶେଷ କରି ଖାଦ୍ୟ ନିରାପତା ତଥା ସ୍ୱାସ୍ଥ୍ୟ ସଂପର୍କିତ ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ତାକୁ ଦୃଷ୍ଟିରେ ରଖି ଆଗୁଆ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ପଡିଲେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ସଂସ୍ଥାଗୁଡିକୁ ତୁରନ୍ତ ସହାୟତା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଓଡ଼ିଶାରେ ମିସନାରିଜ୍ ଅଫ୍ ଚାରିଟି ପକ୍ଷରୁ ପରିଚାଳିତ ଅନେକ କୁଷ୍ଠାଶ୍ରମ ଓ ଅନାଥାଶ୍ରମ ରହିଛି ।

# ବିଧାୟକ କିଶୋର ମହାନ୍ତିଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୩୦/୧୨(ନି.ପ୍ର): ପୂର୍ବତନ ବାଚସ୍ପତି, ରାଜ୍ୟସଭା ସାଂସଦ ଏବଂ ବର୍ତମାନର ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତିଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିବା ସହ ବ୍ୟକ୍ତିଗତ ଭାବେ ଦୁଃଖିତ ଓ ମର୍ମାହତ ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ତାଙ୍କ ବିୟୋଗରେ ଓଡିଶା ଜଣେ ଟାଣୁଆ ଏବଂ ସ୍ପଷ୍ଟବାଦୀ ରାଜନେତାଙ୍କୁ ହରାଇଲା ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ୨୦୦୦ ମସିହାରେ କିଶୋର ଭାଇ ଓ ମୁଁ ଏକାସାଙ୍ଗରେ ବିଧାନସଭାକୁ ନିର୍ବାଚିତ ହୋଇଥିଲୁ। ୨୦୦୪ରେ ଦେବଗଡ଼ ଲୋକସଭା କ୍ଷେତ୍ରର ମୁଁ ସାଂସଦ ଥିବା ବେଳେ ▶▶ପୃଷ୍ଠା ୭

# ସଂକ୍ରମଣ ରୋକିବାକୁ କଡା କଟକଣା ଲଗାଇଲେ ଜିନ୍ ପିଙ୍ଗ୍ ସରକାର

ନୂଆଦିଲ୍ଲୀ,୩୦/୧୨: ବଡ ବିପଦରେ ବେଜିଂବାସୀ। କରୋନା ସଂକ୍ରମଣ ହଠାତ୍ ବଢିବା ପରେ ଚୀନ୍ ରାଷ୍ଟ୍ରପତି ସି ଜିନ୍ ପିଙ୍ଗ୍ କଡା କଟକଣା ଲଗାଇଛନ୍ତି । ଗୋଟିଏ ଘରୁ ଜଣେ ବାହାରିବାକୁ ଅନୁମତି । ନିୟମ ଭାଙ୍ଗିଲେ ଦଣ୍ଡାଦେଶ ଘୋଷଣା କରିଛି ବେଜିଂ ପ୍ରଶାସନ । ଯାହାକୁ ବିରୋଧ କରି ଲୋକେ ଏବେ ରାସ୍ତାକୁ ଓହ୍ଲାଇଛନ୍ତି । ସାରା ଦୁନିଆକୁ କରୋନା ଭୂତାଣୁ ବାଂଟିଥିବା ଡ୍ରାଗନ ଏବେ ତ୍ରାହି ତ୍ରାହି ଡାକୁଛି । ଦୁନିଆକୁ ନିଜ ଦେଶର କରୋନା ସ୍ଥିତି ଉପରେ ଅନ୍ଧାରରେ ରଖୁଥିବା ବେଜିଂ ଶେଷରେ ପୁଣିଥରେ କରୋନା ପଞ୍ଝାରେ ପଡିଛି । ବେଜିଂରେ ଏବେ ଦୈନିକ ୧୫୫ ଉପରେ କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି । ସଂକ୍ରମଣ



ରୋକିବାକୁ ୮ ଦିନ ହେବ ୧୩ ମିଲିଅନ ଲୋକ ଲକଡାଉନରେ । ସ୍ଥିତି ଏମିତି ଯେ ବେଜିଂ ସରକାରର ଲକଡାଉନ ପାଇଁ ଖାଇବା ପାଇଁ ପାଉ ନାହାନ୍ତି । ତିନି ଦିନରେ ଜଣେ ହିଁ କେବଳ ଥରେ ଘରୁ ବାହାରିପାରିବାକୁ ନିୟମ ରହିଛି । ଆଉ ନିୟମ ଉଲ୍ଲଂଘନ କଲେ ଜେଲ ସହିତ ଜୋରିମାନା । ଯାହାକୁ ବିରୋଧ କରି ଲୋକେ ଏବେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ତାଜା ଖବର ଅନୁଯାୟୀ ଚୀନ ରାସ୍ତା ଘାଟରେ ସାନିଟାଇଜ କରିବାକୁ ବୁଲୁଛି ବଡ ବଡ ଗାଡି । ଯଦି ଭୁଲରେ ଅନ୍ୟ କୌଣସି ଗାଡି ବାହାରକୁ ଆସିଲା ତାହେଲେ ୧୦ ଦିନ ଜେଲ୍ ସହିତ ୫ ଶହ ୟୁଆନ୍ ଅର୍ଥାତ୍ ପାଖାପାଖି ୫ରୁ ୮ ହଜାର ଜୋରିମାନା ଗଣିବାକୁ ହେବ । କରୋନା ▶▶ପୃଷ୍ଠା ୭

# ହୃଷିକେଶ ମଲ୍ଲିକ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ତଥା ବିଶିଷ୍ଟ କବି ହୃଷିକେଶ ମଲ୍ଲିକ ୨୦୨୧ ବର୍ଷ ଲାଗି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। 'ସରିଯାଇଥିବା ଅପେରା' ପୁସ୍ତକ ନିମନ୍ତେ ସେ ଏହି ପୁରସ୍କାର ପାଇବେ। ସେହିପରି 'ଗୀତ କହେ ମାଟିର କଥା' ବହି ପାଇଁ ଦିଗରାଜ ବ୍ରହ୍ମା ୨୦୨୧ର ବାଲ୍ ସାହିତ୍ୟ ପୁରସ୍କାର ପାଇବେ।



ସ୍ୱର୍ଣ୍ଣ' ଓ ଅନ୍ୟାନ୍ୟ ଗଳ୍ପ ପାଇଁ ସାହିତ୍ୟ ଏକଡେମୀ ଯୁବ ପୁରସ୍କାର ପାଇବେ ଦେବବ୍ରତ ଦାସ । ହୃଷିକେଶ ମଲ୍ଲିକ ବର୍ତମାନ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ରହିଛନ୍ତି। ପୂର୍ବରୁ ସେ କବିତା ପୁସ୍ତକ 'ଧାନ ସାଉଁଟା ଝିଅ' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। 'ଜେଜେ ଦେଖି ନ ଥିବା ଭାରତ' କବିତା ପୁସ୍ତକ ନିମନ୍ତେ ତାଙ୍କୁ ସମ୍ମାନଜନକ ସାରଳା ପୁରସ୍କାର ମିଳିଥିଲା। ତାଙ୍କ ରଚିତ ୪୦ରୁ ଉର୍ଦ୍ଧ୍ୱ ପୁସ୍ତକ ମଧ୍ୟରୁ ୧୨ଟି ହେଉଛି କବିତା, ୨ଟି କ୍ଷୁଦ୍ରଗଳ୍ପ ଏବଂ ଅନ୍ୟୂନ ୧୦ଟି ପୁସ୍ତକ ସାହିତ୍ୟ ସମାଲୋଚନା ଉପରେ ଆଧାରିତ।

# ବଢୁଛି କରୋନା ସଂକ୍ରମଣ: ସତର୍କ ରହିବାକୁ ୮ ରାଜ୍ୟକୁ କହିଲା କେନ୍ଦ୍ର

ନୂଆଦିଲ୍ଲୀ,୩୦/୧୨: କରୋନା ସଂକ୍ରମଣ ବଢିବା ପରେ ୮ ରାଜ୍ୟକୁ ସତର୍କ କରାଇଲା କେନ୍ଦ୍ର । କରୋନାର ଓମିକ୍ରନ ଭ୍ୟାରିଆଂଟ ତୃତୟ ଲହର ଆଣିବ ବୋଲି ଆକଳନ ହେଉଛି । ତେଣୁ ଏପରି ସ୍ଥିତିରେ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ କଡା ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ର ସରକାର କହିଛନ୍ତି । ମୁଖ୍ୟତଃ ଏହି ୮ ରାଜ୍ୟର ପ୍ରମୁଖ ସହର ଗୁଡିକରେ କରୋନା ସଂକ୍ରମଣ ବଢୁଛି ବୋଲି ଜଣାପଡିଛି । ସାରା ଦେଶରେ କରୋନା ସଂକ୍ରମଣ ବଢୁଛି । ବୁଢିଆଣୀ ଜାଲରେ ଛନ୍ଦି ହେଲା ପରି ଭାରତ ମଧ୍ୟ ଓମିକ୍ରନ ଜାଲରେ



ଛନ୍ଦି ହେବାକୁ ଯାଉଛି । ଏପରି ସ୍ଥିତିରେ ସତର୍କ ରହିବାକୁ କହିଛି କେନ୍ଦ୍ର । ଦିଲ୍ଲୀ, ହରିଆଣା, ତାମିଲନାଡୁ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଗୁଜରାଟ, କର୍ଣ୍ଣାଟକ ଏବଂ ଝାଡଖଣ୍ଡରେ କରୋନା ସଂକ୍ରମଣ ବଢୁଛି। ଏହାକୁ ନଜରରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ସତର୍କ ରହିବାକୁ କହିଛନ୍ତି । ରାଜ୍ୟରେ କରୋନା ଟେଷ୍ଟିଂ, ହସ୍ପିଟାଲ ସ୍ଥିତି ଉପରେ ଗୁରୁତ୍ୱ ଦେବା ସହିତ ଟିକାକରଣକୁ ଜୋରଦାର କରିବା ଏବଂ ସଂକ୍ରମଣକୁ ରୋକିବାକୁ ପଦକ୍ଷେପ ନେବାକୁ କହିଛି କେନ୍ଦ୍ର । ମୁଖ୍ୟତଃ କରୋନା ଜନିତ ମୃତ୍ୟୁ ହ୍ରାସ କରିବାକୁ କେନ୍ଦ୍ର କହିଛି । ବଢୁଥିବା ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଦିଲ୍ଲୀର ଜିଆରଏପି ମଡେଲ ବା ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ୍ ଲାଗୁ କରିବାକୁ ପରାମର୍ଶ ଦେଇଛନ୍ତି । ଏବେ ନଜର ପକାନ୍ତୁ ଏହି ଜିଆରଏପି ପ୍ଲାନ୍ କଣ ? ସଂକ୍ରମଣ ହାର, ନୂଆ ସଂକ୍ରମିତଙ୍କ ସଂଖ୍ୟା ଏବଂ ଅକ୍ସିଜେନ ବେଡ୍ କେତେ ଉପଲବ୍ଧ ରହିଛି ତାକୁ ମାପଦଣ୍ଡ ଆକାରରେ ଗ୍ରହଣ କରି ଏହା ପ୍ରସ୍ତୁତ କରାଯାଇଛି । ସଂକ୍ରମଣ ହାର ଅନୁଯାୟୀ ଏହାକୁ ୪ ପର୍ଯ୍ୟାୟର ଅନ୍ତର୍ଭୁକ୍ତ କରାଯାଇଛି ।

## ଏକ ବିଶେଷ ସୂଚନା

ସଂପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଦ୍ରଣ ସାମଗ୍ରୀର ଅହେତୁକ ଦରବୃଦ୍ଧି ଓ ବିଜ୍ଞାପନ ନୀତିରେ ପରିବର୍ତ୍ତନ ଆସିଥିବାରୁ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂକଟ ମଧ୍ୟ ଦେଇ ଗତି କରୁଛନ୍ତି । ଏହି ସମୟରେ ଆମ ସମ୍ବାଦପତ୍ର ସହ ଜଡ଼ିତ ଥିବା ଲେଖକ, ଲେଖିକା/ ପାଠକ, ପାଠିକା ଓ ଶୁଭେଚ୍ଛୁମାନଙ୍କୁ ସବିନୟ ଅନୁରୋଧ କରୁଅଛୁକି, ଏହି ସମ୍ବାଦପତ୍ରର ବାର୍ଷିକ ଗ୍ରାହକଟିଏ ହୋଇ (ଡାକ ଖର୍ଚ୍ଚ ସହ)ବର୍ଷକୁ ମାତ୍ର ଟ. ୧୦୦୦/- ପୈଠ କରି ସମ୍ବାଦପତ୍ର ପ୍ରକାଶନରେ ସହଯୋଗ କରନ୍ତୁ ।

**Google pay ନମ୍ବର (୯୩୩୭୭୩୭୦୫୩)**
**SBI Bank- 30952449813**
**IFSC code- SBIN0006933**

ପରିଚାଳନା ସଂପାଦକ
ଧ୍ୱନିପ୍ରତିଧ୍ୱନି

# ମାଲକାନଗିରିରେ ଖୁବ୍ ଶୀଘ୍ର ବିମାନବନ୍ଦର: ଦୁଇବର୍ଷରେ ଶେଷ ହେବ ନିର୍ମାଣ

ମାଲକାନଗିରି,୩୦/୧୨ (ନି.ପ୍ର): ମାଲକାନଗିରିରେ ଖୁବଶୀଘ୍ର ଆରମ୍ଭ ହେବ ବିମାନବନ୍ଦର ନିର୍ମାଣ କାର୍ଯ୍ୟ । ଦୁଇବର୍ଷ ମଧରେ ଶେଷ ହେବ ନିର୍ମାଣ କାର୍ଯ୍ୟ । ଏଥିପାଇଁ ୨୩୪ ଏକର ଜମି ଅଧ ଗ୍ରହଣ ପ୍ରକ୍ରିୟା ଶେଷ ହୋଇଥିବାବେଳେ ପ୍ରକଳ୍ପ ନିର୍ମାଣ ପାଇଁ ଆବଶ୍ୟକ ଖର୍ଚ୍ଚ ସରକାର ବହନ କରିବାକୁ ନିଷ୍ପତି ନେଇଛନ୍ତି । ଜିଲାରେ ଆଜିପର୍ଯ୍ୟନ୍ତ ରେଳସେବା ସ୍ୱପ୍ନ ଥିବାବେଳେ ଖୁବଶୀଘ୍ର ବିମାନସେବା ଖବର ଜଣାପଡ଼ିବା ପରେ ଜିଲ୍ଲାବାସୀଙ୍କ ଉତ୍ସାହ ବଢ଼ିଯାଇଛି । ଏଥିପାଇଁ ଏ .ଏ.ଆଇ ପକ୍ଷରୁ ସର୍ଭେ ସମାପ୍ତ ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଗୌଡଗୁଡା ପଂଚାୟତର ୨୩୩ ହେକ୍ଟର ଜମିରେ ଏହି ବିମାନବନ୍ଦର ନିର୍ମାଣ ହେବା ପାଇଁ ଦୁଇ ଦୁଇଥର ସର୍ଭେ ସମାପ୍ତ ହୋଇଛି । ୫୦ଟି ଆଦିବାସୀ ପରିବାରକୁ ସ୍ଥାନାନ୍ତର କରାଯାଇ ସେମାନଙ୍କ ପାଇଁ ପକ୍କା ଘର ନିର୍ମାଣ କରାଯାଇଥିବା ବେଳେ ବର୍ତମାନ ୧୯ ପରିବାରକୁ ଥଇଥାନ କରାଯାଇଛି । ବର୍ତମାନ ପ୍ରାୟ ୫୧ ହେକ୍ଟର ଘରୋଇ ଜମି ହୋଇଥିବାବେଳେ ସେହି ଜମି ଅଧିଗ୍ରହଣ କାର୍ଯ୍ୟ ମଧ ସରିଛି । ବର୍ତମାନ ପ୍ରସ୍ତାବିତ ରେଳ ଲାଇନ ସେହି ଅଂଚଳ ଦେଇ ଯିବାକୁ ଥିବାବେଳେ ତାହାର ଗତି ବଦଳାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଦୁଇଟି ପାହାଡ ଅବରୋଧ ହେଉଥିବାରୁ ଏହି ପାହାଡ ଗୁଡିକି କିଭଳି ହଟାଯାଇ ଏହି ବିମାନବନ୍ଦର ନିର୍ମାଣ ହେବ ସେ ନେଇ ସର୍ଭେ ଚାଲିଛି । ଜିଲାପାଳ ବିଶାଳ ସିଂଙ୍କ ତତ୍ୱାବଧାନରେ ଦୁଇ ଦୁଇଟି ଦଳ ରାଜସ୍ୱ ବିଭାଗ , ସମେତ ଅନ୍ୟାନ୍ୟ ଅଧିକାରୀ ସର୍ଭେ କାର୍ଯ୍ୟରେ ନିୟୋଜିତ ରହି ଏଏଆଇକୁ ସହଯୋଗ କରୁଛନ୍ତି ।

# ଓଡ଼ିଶା କେନ୍ଦୁପତ୍ର ସଂଘ ଓ କେନ୍ଦୁପତ୍ର ଡିଏଫଓଙ୍କ ବୈଠକ

ନୂଆପଡ଼ା,୩୦/୧୨ (ନି.ପ୍ର): ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖରିଆର ଡିଭିଜନ କମିଟି ଡିଭିଜନ ସମ୍ପାଦକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ପ୍ରତାପ ବେହେରାଙ୍କ ସହିତ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାର କେନ୍ଦୁପତ୍ର ତୋଳାଳୀ,ବନ୍ଧାଳି ,ସିଜିନାଲ ଷ୍ଟାଫ ଓ ଅନ୍ୟାନ୍ୟ ଶ୍ରମିକ ମାନଙ୍କ ବକେୟା ଥିବା ପାଉଣା ଠୁ ଆରମ୍ଭ କରି ଅନ୍ୟାନ୍ୟ ଅନେକ ସମସ୍ୟା ଓ ଦାବୀକୁ ନେଇ ଦୀର୍ଘ ବିସ୍ତୃତ ଚର୍ଚ୍ଚା ଆଲୋଚନା ହୋଇଥିଲା। ସିଜିନାଲ ଷ୍ଟାଫଙ୍କ ଇ.ପି.ଏଫ. ଲାଗୁ ପାଇଁ ସମସ୍ତ ଡକୁମେଂଟ ପ୍ରସ୍ତୁତ କରିବା, ସିଜିନାଲ ଷ୍ଟାଫଙ୍କ ବକେୟା ଦରମା ତୁରନ୍ତ ପ୍ରଦାନ, ହେଡଚେକର ମାନଙ୍କ ବକେୟା ଥିବା ତିନି ମାସର ବର୍ଦ୍ଧିତ ଦରମା ତୁରନ୍ତ ପ୍ରଦାନ, ଆସନ୍ତା ସିଜନରେ ଆବଶ୍ୟକ ଥିବା ଅନ୍ୟୁନ ଆଠରୁ ଦଶ ହଜାର ପତ୍ର ତୋଳାଳୀଙ୍କୁ ତୋଳାଳୀ କାର୍ଡ ପ୍ରଦାନ କରିବା, ଫଡ଼ି କମିଟି ଠିକ ଭାବରେ ଗଠନ କରି ଫଡ଼ି ସ୍ତରରେ କାମ ପାରିଚାଳନା କରିବା, ସଙ୍ଘ ସହିତ ଆଲୋଚନା ଓ ବିଚାର ବିମର୍ଷ କରି ସିଜିନାଲ ଷ୍ଟାଫଙ୍କ ପ୍ରମୋସନ ନିର୍ଦ୍ଧାରିତ କରିବା, ଖଡ଼ିଆଳରେ ବାକିଥିବା ଫାଲ ୟୁନିଟ ଗୁଡିକୁ ପ୍ରୋସେସ କରିବା, ସାମାଜିକ କଲ୍ୟାଣ ଯୋଜନାରେ ପୂର୍ବ ପ୍ରଦତ ସମସ୍ତ ସୁବିଧା ପୁଣି ଲାଗୁ କରିବା ତଥା ପାଂଚ ଶହ କେରୀ ପତ୍ରତୋଳି ଥିବା ତୋଳାଳୀଙ୍କୁ କଲ୍ୟାଣ ଯୋଜନାରେ ସାମିଲ କରିବା, କେନ୍ଦୁପତ୍ର ବ୍ୟବସାୟ ଉପରୁ ଜି.ଏସ . ଟି.ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ଇତ୍ୟାଦି ବିଭିନ୍ନ ଦାବୀ ଉପରେ ଚର୍ଚ୍ଚା କରାଯାଇଥିଲା। ଡି.ଏଫ . ଓ. ଶ୍ରୀ ବେହେରା ଯେଉଁ ଦାବୀ ଓ ସମସ୍ୟା ଡିଭିଜନ ସ୍ତରରେ ସମାଧାନ ହୋଇପାରିବ ମୁଁ ନିଶ୍ଚୟ ସମାଧାନ କରିବି ଓ ଯେଉଁ ସମସ୍ୟା ରାଜ୍ୟ ସ୍ତରରେ ଓ ସରକାର ସ୍ତରରେ ସମାଧାନ ହୋଇପାରିବ ସମ୍ପୃକ୍ତ ଅଧିକାରୀଙ୍କ ହସ୍ତକ୍ଷେପ ପାଇଁ ସୁପାରିଶ କରିବି ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଲକ୍ଷ ଲକ୍ଷ ତୋଳାଳୀ ଓ ଶ୍ରମିକଙ୍କ ଜୀବନ ଜୀବିକାକୁ ବିପନ୍ନ କରି କେନ୍ଦୁପତ୍ର ବ୍ୟବସାୟ କୁ ଘରୋଇକରଣ କରିବାର ମସୁଧାରୁ ସରକାର ଓହରି ଯାଆନ୍ତୁ ନଚେତ ଭୟଙ୍କର ଆନ୍ଦୋଳନ ଓ ପରିଣାମ ପାଇଁ ସରକାର ଦାୟୀ ରହିବେ ବୋଲି ଡିଭିଜନ ସମ୍ପାଦକ ଶ୍ରୀ ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି। ପଂଚାୟତ ନିର୍ବାଚନ ଆଚରର୍ଣ୍ଣିଧି ଲାଗୁ ହେବା ପୂର୍ବରୁ କେ.ଏଲ .ଡି .ବି . ବୈଠକ ଡାକି କେନ୍ଦୁପତ୍ର କେରୀକୁ ପ୍ରୋସେସରେ ଦୁଇ ଟଙ୍କା ତଥା ଫାଲରେ ଚାରି ଟଙ୍କା, ସିଜିନାଲ ଷ୍ଟାଫଙ୍କ ଦରମା ବୃଦ୍ଧି, ତୋଳାଳୀଙ୍କୁ ଶହେ ପ୍ରତିଶତ ବୋନସ ଓ ସିଜିନାଲ ଷ୍ଟାଫ, ବନ୍ଧାଳିଙ୍କୁ ପଚିଶ ପ୍ରତିଶତ ପ୍ରୋତ୍ସାହନ ଭତା ପ୍ରଦାନ ଇତ୍ୟାଦି ନ୍ୟାର୍ଯ୍ୟ ପୂର୍ଣ୍ଣ ଦାବୀ ସବୁ ଲାଗୁ କରିବା, ପୂର୍ବ ପ୍ରଦତ ସାମାଜିକ କଲ୍ୟାଣର ସମସ୍ତ ସୁବିଧା ଲାଗୁ କରିବା ପାଇଁ ଦାବି କରାଯାଇଛି। ଲଖନା ହେଡ ଚେକର ଅବଦୁଲ ରସିଦ, ନୂଆପଡା ହେଡ ଚେକର ବାବୁଲାଲ ପଟେଲ, ସିନାପାଲି ହେଡ ଚେକର ସଲିକ ରାମ ରାଉତ, ଖରିଆର ହେଡଚେକର କୃଷ୍ଣବଲ୍ଲଭ ବାରିକ, ଡୋରେଶ୍ୱର ପଟେଲ, ଈଶ୍ୱର ସବର , ମଙ୍ଗଳସାଏ ବଗର୍ତି, ଦମନ ନାଏକ, ରୁଦ୍ର ନାଗ, ନଟ ନାଗ, ସୁରେଶ ବେହେରା, ପଦ୍ମନ ମାଝୀ ପ୍ରମୁଖ କର୍ମକର୍ତା ସାମିଲ ହୋଇ ଆଲୋଚନାରେ ଭାଗ ନେଇଥିଲେ।

## ଶିଖା ବହେଙ୍ଗା ଗ୍ରାମରେ ଖାଉଟି ସଚେତନତା ବୈଠକ ଅନୁଷ୍ଠିତ

ବଲାଙ୍ଗିର ,୩୦/୧୨ (ନି.ପ୍ର): ଗ୍ରାହକ ସଚେତନତା ପକ୍ଷ ପାଳନ ଅବସରରେ ଆଜି ପୁଇଁତଳା ବ୍ଲକ ଅନ୍ତର୍ଗତ ଶିଖା ବହେଙ୍ଗା ଗ୍ରାମ ରେ ପଂଚାୟତ ସ୍ତରୀୟ ବୈଠକରେ ଗ୍ରାହକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିନ ୧୨ ଘଂଟା ସମୟରେ ଅଖିଳ ଭାରତୀୟ ଗ୍ରାହକ ପଂଚାୟତ ବଲାଙ୍ଗିର ସଭାପତି ଗୋପବନ୍ଧୁ ଶତପଥୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ରାଜ୍ୟ ପ୍ରଚାର ପ୍ରସାର ପ୍ରମୁଖ ଇଞ୍ଜି କିଶୋର ମୋହନ ମିଶ୍ର, ପଂଚାୟତ ର ସଂଗଠନ ମନ୍ତ୍ରୀ ଓକିଲ ଅଶୋକ କୁମାର ମିଶ୍ର,ସାଧାରଣ ସମ୍ପାଦକ ଅଶୋକ କୁମାର ମିଶ୍ର , ଗ୍ରାମ ପଂଚାୟତର ନାଏବ ସରପଂଚ ମୋହନ ପଟେଲ ପ୍ରମୁଖ ଯୋଗଦେଇ ଗ୍ରାହକ ସଚେତନତା ଦିଗରେ ବକ୍ତବ୍ୟ ରଖି ଗ୍ରାମାଂଚଳରେ ଦୈନନ୍ଦିନ ଜୀବନରେ ସଚେତନତା ଉପରେ ହେଉଥିବା ଯେକୌଣସି ସମସ୍ୟା ସଙ୍ଗଠିତ ଉଦ୍ୟମରେ ସମାଧାନ ହୋଇ ପାରିବ ବୋଲି କହିଥିଲେ। ଉପସ୍ଥିତ ମହିଳା ମାନଙ୍କ ମଧ୍ୟରୁ ସୁମତି ପଟେଲ ଓ ବିଳାସିନୀ ମିଶ୍ର ସେମାନଙ୍କ ପ୍ରଶ୍ନ ଉତର ମାଧ୍ୟମରେ ସେମାନଙ୍କ ସନ୍ଦେହ ମୋଚନ କରିଥିଲେ। ଶେଷରେ କୋଷାଧକ୍ଷ ନବକୃଷ୍ଣ ପଟେଲ ଧନ୍ୟବାଦ୍ ଅର୍ପଣ କରିଥିଲେ। ଆରମ୍ଭରେ ଦୀପ ପ୍ରଜ୍ୱଳନ ପୁଜା ଅର୍ଚ୍ଚନା ଓ ଶେଷ ରେ ଶାନ୍ତିପାଠ ପରେ ସମାପନ ହୋଇଥିଲା।

# ପ୍ରସ୍ତାବିତ ପେଟ୍ରୋକେମିକାଲ ପିସିପିଆର ପ୍ରକଳ୍ପ ନିମନ୍ତେ ଜନଶୁଣାଣି ଶିବିର

ପାରାଦୀପ,୩୦/୧୨ (ନି.ପ୍ର): ଜଗତସିଂହପୁର ର ପାରାଦୀପ ଓ କେନ୍ଦ୍ରାପଡ଼ା ର ୨୮୪ ସ୍କୋୟାର କିଲୋମିଟର ପରିସୀମା ରେ ଗଢିଉଠିବ ପେଟ୍ରୋକେମିକାଲ ପ୍ରକଳ୍ପ । ଏହି ଅଂଚଳରେ ପ୍ରକଳ୍ପ ଗଢିଉଠିଲେ ସ୍ଥାନୀୟ ଅଂଚଳର ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଅଂଚଳର ଯୁବକ, ଯୁବତୀ ଉପକୃତ ହେବା ସହିତ ରାସ୍ତା ଉନ୍ନତିକରଣ, ପାନୀୟ ଜଳ, ହସ୍ପିଟାଲ ଠାରୁ ଆରମ୍ଭ କରି ବିଭିନ୍ନ ଆନୁସଙ୍ଗିକ ସୁବିଧା ସୁଯୋଗ ସୃଷ୍ଟି ହେବ । ଏ ନେଇ ଆଜି ଜଗତସିଂହପୁର ଜିଲ୍ଲାର ପାରାଦୀପ ଅଂଚଳ ଓ କେନ୍ଦ୍ରାପଡ଼ା ଜିଲ୍ଲାର କିଛି ଅଂଚଳ କୁ ନେଇ ଆଗାମୀ ଦିନରେ ଗଢିଉଠୁଥିବା ପ୍ରସ୍ତାବିତ ପେଟ୍ରୋଲିୟମ, ରସାୟନ ଓ ପେଟ୍ରୋକେମିକାଲସ ପ୍ରକଳ୍ପ ନିମନ୍ତେ ପୁଞ୍ଜିବିନିଯୋଗ କରାଯିବାକୁ ଥିବା ଜଗତସିଂହପୁର ଜିଲ୍ଲା ପାଇଁ ପରିବେଶ ସମ୍ବନ୍ଧୀୟ ସର୍ବସାଧାରଣ ଜନଶୁଣାଣୀ ଶିବିର ପାରାଦୀପ ମୁନିସିପାଲିଟି କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ମିଳିତ ଆୟୋଜନ ରେ ଅନୁଷ୍ଠିତ ଏହି ଜନଶୁଣାଣୀ ଶିବିରରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଓ ଆଂଚଳିକ ପ୍ରଦୂଷଣ ବୋର୍ଡ ର ଅଧିକାରୀ ଙ୍କ ସହିତ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଅଂଚଳ ରେ ବୁଦ୍ଧିଜୀବୀ, ସାମାଜିକ ସଂଗଠନ ଓ ବିଭିନ୍ନ ଗ୍ରାମର ମୁରବି ଉପସ୍ଥିତ ଥିଲେ । ଏହି ଜନଶୁଣାଣୀ ଶିବିରରେ ସ୍ଥାନୀୟ ଅଂଚଳରେ ପରିବେଶ ପ୍ରଦୂଷଣର ମାତ୍ରା ବଢୁଥିବା ବେଳେ ପ୍ରକଳ୍ପ ନିର୍ମାଣ ହେଲେ ସ୍ଥାନୀୟ ଅଂଚଳର ଯୁବକ ଯୁବତୀ ମାନଙ୍କୁ ଉପେକ୍ଷିତ କରାଯାଉଥିବା ନେଇ ସ୍ଥାନୀୟ ଅଂଚଳବାସୀ ଅଭିଯୋଗ କରିଛନ୍ତି। ଏଥିସହିତ ଆଗାମୀ ଦିନରେ ସ୍ଥାନୀୟ ଅଂଚଳ ରେ ବଢୁଥିବା ପ୍ରଦୂଷଣ କୁ ଦୃଷ୍ଟି ଦେବା ସହିତ ସ୍ଥାନୀୟ ଅଂଚଳବାସୀଙ୍କ ମୌଳିକ ସମସ୍ୟାଗୁଡିକ ପ୍ରତି ଦୃଷ୍ଟି ରେ ରଖି ପ୍ରକଳ୍ପ ନିର୍ମାଣ କରିବାକୁ ସ୍ଥାନୀୟ କିଛି ବୁଦ୍ଧିଜୀବୀ ମତ ପ୍ରକାଶ କରିଥିଲା ବେଳେ ଉପସ୍ଥିତ ବହୁ ଲୋକ ଏହି ପ୍ରକଳ୍ପ ପାଇଁ ସିଧାସଳଖ ବିରୋଧ କଥା କହି ନଥିଲେ ମଧ ପୂର୍ବରୁ ଯେତେ ପ୍ରକଳ୍ପ ପାଇଁ ଜନଶୁଣାଣୀ ହୋଇଛି ପ୍ରତିଶ୍ରୁତି ପ୍ରଶାସନ କିମ୍ବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରକ୍ଷା କରି ନାହାନ୍ତି । ସାରା ପାରାଦ୍ୱୀପ ବର୍ତମାନପ୍ରଦୂଷିତ , ଜଳ ,ବାୟୁ ଓ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ନାହିଁ ବୋଲି ମତ ରଖିଛନ୍ତି ସ୍ଥାନୀୟ ଲୋକମାନେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଆଜି ଜନଶୁଣାଣୀ ହେଉଛି ବୋଲି ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାର ସମ୍ପୃକ୍ତ ଅଂଚଳବାସୀଙ୍କୁ ଅଗ୍ରୀମ ସୂଚନା ଦିଆଯାଇନାହିଁ । ନିର୍ଦ୍ଦିଷ୍ଟ ପ୍ରାୟୋଜିତ ସମର୍ଥକ ଲୋକମାନଙ୍କୁ ନେଇ ପ୍ରଶାସନ ପକ୍ଷରୁ ଏହି ଜନଶୁଣାଣୀ ଅନୁଷ୍ଠିତ ହୋଇଥିଲା ଶାସକଦଳର ପ୍ରୋତ୍ସାହନ ରେ ବୋଲି ସାଧାରଣ ଲୋକ ଅଭିଯୋଗ କରିଛନ୍ତି। ସ୍ଥାନୀୟ କିଛି ଲୋକ ଖବର ପାଇ ସେଠାରେ ଯୋଗ ଦେଇଥିଲେ କିନ୍ତୁ ସେମାନଙ୍କୁ ନିଜ ମତ ପ୍ରକାଶ ପାଇଁ ପ୍ରଶାସନ ଅନୁମତି ଦେଲେନାହିଁ । ମାତ୍ର ୯ ଜଣ ଲୋକ କହିବାକୁ ସୁଯୋଗ ପାଇଲେ , ତନ୍ମଧ୍ୟରୁ ୭ ଜଣ ସପକ୍ଷରେ ଓ ୨ ଜଣ ବିରୋଧ ରେ ଯୁକ୍ତି ରଖିଥିଲେ ।

# କୋଚ ଶିବପ୍ରସାଦ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍ଯାପିତ: ସ୍ପୋର୍ଟସ୍ ହଷ୍ଟେଲ ଚମ୍ପିଆନ୍

ବଲାଙ୍ଗିର ,୩୦/୧୨ (ନି.ପ୍ର): ବଲାଙ୍ଗିର ନିକଟସ୍ଥ ଖଲିଆପାଲି ଆମ୍ବେଦକର ଷ୍ଟାଡିୟମଠାରେ ଜଗନ୍ନାଥ ସ୍ପୋର୍ଟ୍ସ କ୍ଲବ ଓ ସ୍ପୋର୍ଟ୍ସ ହଷ୍ଟେଲ ବଲାଙ୍ଗିର ପୁରାତନ ଓ ବର୍ତମାନ ଛାତ୍ରଙ୍କ ମିଳିତ ଆନୁକୁଲ୍ୟରେ ଆଜି କୋଚ୍ ଶିବପ୍ରସାଦ ଦ୍ୱିତୀୟ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟ ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି । ସ୍ପୋର୍ଟ୍ସ ହଷ୍ଟେଲ ବନାମ ୟୁଥ କ୍ଲବ ଖେଳ ନିର୍ଦ୍ଧାରିତ ସମୟ ମଧରେ ୨-୨ ଗୋଲରେ ଡ୍ର ରହିଥିବା ବେଳେ ଟ୍ରାଇବ୍ରେକରରେ ସ୍ପୋର୍ଟ୍ସ ହଷ୍ଟେଲ ୪-୩ ଗୋଲରେ ୟୁଥ କ୍ଲବକୁ ହରାଇ ଚାମ୍ପିଆନ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଓକିଲ ସଂଘ ସମ୍ପାଦକ ତଥା ପୁର୍ବତନ ଫୁଟବଲ ଖେଳାଳୀ ଅମନ ନାଗ ଯୋଗ ଦେଇ ବିଜେତା ଦଳ ସ୍ପୋର୍ଟ୍ସ ହଷ୍ଟେଲ ବଲାଙ୍ଗିରକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ଉପବିଜେତା ଦଳ ୟୁଥ କ୍ଲବ ବଲାଙ୍ଗିରକୁ ଟ୍ରଫି ସହ ୭ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ଫାଓ ଓଡିଶା ତଥା ଜିଲ୍ଲା କ୍ରୀଡାସଂସଦର ସଭାପତି ଡ. ଶ୍ରୀକର ମିଶ୍ର, କ୍ରୀଡାସଂସଦର ବରିଷ୍ଠ ସଦସ୍ୟ ଡ. ସିଦ୍ଧେଶ୍ୱର ମିଶ୍ର ଓ ଫୁଟବଲ ସମ୍ପାଦକ ହେମନ୍ତ କୁମାର ବେହେରା ମଂଚାସୀନ ଥାଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । କମିଟିର ସଭାପତି ନାରାୟଣ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍ଯାପନୀ ସମାରୋହରେ ମୁଖ୍ୟ ଅତିଥି ଶ୍ରୀ ନାଗ ପ୍ରତିଭା ସମ୍ପନ୍ନ ୨୦ ଜଣଙ୍କୁ ସମ୍ମାନିତ କରିଥିଲେ । ଖେଳକୁ ରେଫରୀ ଭାବରେ ଦେବାଶିଷ ବାଗ, ସୁଶାନ୍ତ ନାଗ, ସଂଜିବ ମହାରଣା ଓ ପ୍ରଫୁଲ୍ଲ ବଗର୍ତା ପରିଚାଳନା କରିଥିଲେ । ଜିଲ୍ଲା କ୍ରୀଡାଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ, ଫୁଟବଲ କୋଚ ପରାସର ବାଗ, ସମ୍ପାଦକ ଅଭିମନ୍ୟୁ ପାଣ୍ଡେ, ଗିରି ପାଉଲେ, ଅନୁପ ସାଏ, ସୁକଦେବ ସାହୁ, ସୁର୍ଯ୍ୟମଣି ସୁନା, ଚିତର ରଂଜନ ବିଶ୍ୱାଳ, ମନୋରଂଜନ ବିଶ୍ୱାଳ, ତସା ନାଗ, କହ୍ନେଇ ଗଡତ୍ୟା, ନିଲାଞ୍ଚଳ ପ୍ରଧାନ, ରାମଚନ୍ଦ୍ର ବିଶ୍ୱାଳ, ମିଥୁନ ଭୁକ୍ତା, ଜନାର୍ଦ୍ଦନ ପାଣ୍ଡେ, ପ୍ରସାନ୍ତ ପ୍ରଧାନ, ହେମସାଗର ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

# ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

କେନ୍ଦ୍ରାପଡ଼ା,୩୦/୧୨ (ନି.ପ୍ର): ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଗରାପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଅନ୍ତର୍ଯ୍ୟାମୀ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ଡ଼ଃ ବିଭୂ ପ୍ରସାଦ ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳିତ ବର୍ଗର ଉଥାନ ଓ ବିକାଶ ନିମନ୍ତେ ସମ୍ବିଧାନ ପ୍ରଣେତା ଡ଼ଃ ଆମ୍ବେଦ କରଙ୍କ ଭୂମିକା ଓ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । କେନ୍ଦ୍ରର ମୋଦୀ ସରକାର ଡ଼ଃ ଆମ୍ବେଦ କରଙ୍କ ସମ୍ମାନ ପାଇଁ ୫ଟି ସ୍ଥାନକୁ ପଂଚତୀର୍ଥ ଭାବେ ପ୍ରତିଷ୍ଠା କରିଛନ୍ତି । ଦଳିତ ବର୍ଗର ଛାତ୍ରଛାତ୍ରୀ ମାନଙ୍କ ପାଇଁ ୪ଗୁଣା ଛାତ୍ର ବୃତି ପ୍ରଦାନ କରିଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ଅନୁସୂଚିତ ଜାତି ରାଜ୍ୟ ସାଧାରଣ ସଂପାଦକ ରାଘବ ମଲିକ, ରାଜ୍ୟ ଉପ ସଭାପତି ଚନ୍ଦନ ସ୍ୱାଇଁ, ବିକାଶ ବେହେରା, ସଂଯୋଜକ ରବି ନାରାୟଣ ବେହେରା, ଗୁରୁଚରଣ ସେଠୀ, ସତ୍ୟଜିତ୍ ମଲିକ, ରାଷ୍ଟ୍ର କାର୍ଯ୍ୟକାରିଣୀ ସଦସ୍ୟ ଡ଼ଃ କଳ୍ପନା ମଲିକ, ମାଧବାନନ୍ଦ ମଲିକ, ବିଜେପି ନେତା ବିଷ୍ଣୁ ଦାସ, ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ ପ୍ରମୁଖ ଉପସ୍ଥିତ ହୋଇ ରାଜ୍ୟ ସରକାର ଦଳିତ ମହିଳା, ଶିଶୁ ମାନଙ୍କ ବିକାଶ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । କେନ୍ଦ୍ରର ଅନେକ ଯୋଜନାଗୁଡିକରେ ଗରିବ ଓ ଦଳିତ ଲୋକମାନଙ୍କୁ ଉପେକ୍ଷା କରାଯାଉଛି ବୋଲି ଅଭିଯୋଗ କରିଥିଲେ ।

# ଶୀତରେ ଥରୁଥିବା ଲୋକଙ୍କୁ କମ୍ବଳ ଦାନକଲା ମିତ୍ରସଂଘ

ପୁରୀ,୩୦/୧୨ (ନି.ପ୍ର): ଗତକିଛି ଦିନଧରି ଶୀତର ପ୍ରକୋପ ବଢିବା ସହ ବଡ଼ଦାଣ୍ଡ ଓ ଶରଧାବାଲିରେ କିଛି ଅସହାୟ ଲୋକ ଶୀତ କାକରରେ ଶୋଉଥିବା ଦେଖିବାକୁ ମିଳିଥିଲା । ଏହା ଦେଖି ମିତ୍ରସଂଘର କର୍ମକର୍ତାମାନେ ମଙ୍ଗଳବାର ରାତି ୧୦ଟା ପରେ ଶରଧାବାଲିରେ ଅସହାୟ, ଦିବ୍ୟାଙ୍ଗ ଓ ଗରିବ ଲୋକମାନଙ୍କୁ କମ୍ବଳ ଦାନ କରିଥିଲେ। ଏହି ଶୀତବସ୍ତ୍ର ଦାନ ସମୟରେ ରାଜ୍ୟ ଯୁବ ବିଜେଡ଼ି ଉପସଭାପତି ସୁନିଲ ମହାନ୍ତି, ପୁର୍ବତନ କାଉନସିଲର ପ୍ରଦୀପ ନାୟକ, ଜିଲ୍ଲା ବିଜେଡ଼ି ସମ୍ପାଦକ ସରୋଜ ନାୟକ ,ଷ୍ଟାଲିନ୍ ପରିଜା ପ୍ରମୁଖ ଉପସ୍ଥିତ ରହି ବଂଟନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ମିତ୍ରସଂଘର ଆବାହକ ଅନନ୍ତ ଶତପଥୀ, ସମ୍ପାଦକ ତ୍ରିନାଥ ପାତ୍ରଙ୍କ ନେତୃତ୍ୱରେ ରାଜିବ ମହାପାତ୍ର,ସରୋଜ ମହାନ୍ତି, କପିଳେଶ୍ୱର ମହାପାତ୍ର, ମିଥୁନ ସାହୁ, ଜଗଜିତ୍ ବିଶୋଇ, ଅଜୟ ମହାନ୍ତି, ମାନସ ପ୍ରଧାନ, ବିକ୍ରମ ସେନାପତି, ଦିପକ ପଟ୍ଟନାୟକ, ରତ୍ନାକର ପ୍ରଧାନ, ଗୋପୀନାଥ ପରିଡ଼ା, ମନୋଜ ପ୍ରଧାନ, ହୃଷିକେଶ ମିଶ୍ର, ପ୍ରଦୀପ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଏହି ଶୀତବସ୍ତ୍ର ଦାନ ଶରଧାବାଲି, ବସଷ୍ଟାଣ୍ଡ,ଷ୍ଟେସନ ବଜାର, ଶ୍ରୀମନ୍ଦିର ଚାରିପଟ, ମେଡ଼ିକାଲଛକ, ବଳିଆପଣ୍ଡା ଲେପ୍ରସି କଲୋନୀ ଆଦି ସ୍ଥାନରେ ବଂଟନ କରାଯାଇଥିଲା । ଶୀତବସ୍ତ୍ର ସହ ବିସ୍କୁଟ ,ପାଣିବୋତଲ ବଂଟନ କରାଯାଇଥିଲା । ମିତ୍ରସଂଘର ମିଡ଼ିଆ ସଂଯୋଜକ ସୁଧାଂଶୁ ଶେଖର କର ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ।

# ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପାଠଚକ୍ର ଅନୁଷ୍ଠିତ

ମାଲକାନଗିରି,୩୦/୧୨ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ପରିସରରେ ପ୍ରଥମ ଥର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ! ବିଭାଗୀୟ ମୁଖ୍ୟ ଅଧାପକ ତପନ କୁମାର ବେହେରା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ପାଠଚକ୍ର ରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତାଭାବେ ଯୋଗଦେଇ ଲୋକସାହିତ୍ୟ ଓ ଲୋକସଂସ୍କୃତି ରେ ବିଭିନ୍ନ ଦିଗ ବିଷୟରେ ତାତ୍ୱିକ ବିଶ୍ଳେଷଣ କରିବା ସହ ଲୋକସଂସ୍କୃତି ଚିରନ୍ତନ ପ୍ରବାହମାନ ଧାରା !ସାମ୍ପ୍ରତିକ ସମୟରେ ମଧ ସେହି ଧାରା ଅକ୍ଷୁର୍ଣ୍ଣ ରହିଛି ଓ ତାହା ପ୍ରାସଙ୍ଗିକତା ସବୁ ସମୟରେ ରହିଛି ବୋଲି କହିଥିଲେ !ଏଥିରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟ ରେ ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଯୋଗଦେଇ ପାଠଚକ୍ର କୁ ଉଦଘାଟନ କରି ଆଲୋଚ୍ୟ ବିଷୟ ବସ୍ତୁ ସମ୍ପର୍କରେ ସୂଚନା ଦେଇଥିଲେ ! ସମ୍ମାନୀୟ ଅତିଥି ଭାବେ ବାଣିଜ୍ୟ ବିଭାଗ ଅଧାପକ ଡ଼ ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇ ଲୋକସଂସ୍କୃତି ରେ ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇ ଶ୍ଳିଷ୍ଟ ସାହିତ୍ୟ ବିଷୟରେ ଆଲୋକପାତ କରିଥିଲେ !ଅନ୍ୟ ମାନଙ୍କ ମଧରେ ପ୍ରାଧାପକ ଲିଙ୍ଗରାଜ ମିଶ୍ର, ଉମେଶ ଚନ୍ଦ୍ର ରାଉତ, ନମିତା ଦଣ୍ଡସେନା, ପ୍ରଦୀପ ଓରାମ, ଲିପ୍ସାରାଣୀ ନାୟକ,ଅଭିମନ୍ୟୁ ଦଳବେହେରା ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତାମତ ରଖିଥିଲେ !ବିଭାଗର ଛାତ୍ର ଛାତ୍ରୀ ବିଜୁପଣ୍ଡା, ସୁଦୀପ୍ତା ନାୟକ, ଜୟନ୍ତୀ କିର୍ଷାନି, ଅମର ସିଂ, ବିଶ୍ୱନାଥ ମାଡକାମୀ, ଭବାନୀ ହରିଜନ, ସସ୍ମିତା ପଡ଼ିଆମୀ, ଭୀମ ମାଡକାମୀ, ଓ ଅଭିମନ୍ୟୁ ମାଡକାମୀ ନିଜ ରଚିତ ପ୍ରବନ୍ଧ ପାଠ କରିଥିଲେ !ଏହି କାର୍ଯ୍ୟକ୍ରମ କୁଅଧାପକ ଟୁକୁନା ସାହୁ ସଂଯୋଜନା କରିଥିବାବେଳେ ଅଧାପିକା ଲକ୍ଷ୍ମୀ କୁଜୁର ଧନ୍ୟବାଦ ଅର୍ପଣ କରିଥିଲେ !

## ଶିକ୍ଷକ ସଂଘର ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ଚୟନ

ପୁରୀ,୩୦/୧୨ (ନି.ପ୍ର): ପୁରୀ ଜିଲ୍ଲାର ନିମ୍ନପ୍ରାଥମିକ ଶିକ୍ଷକ ସଂଘର ଦ୍ୱିତୀୟ ସାମ୍ବିଧାନିକ ସମ୍ମିଳନୀ ବଡ଼ଦାଣ୍ଡ ଅନ୍ନପୂର୍ଣ୍ଣା ସଭାଗୃଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଘରୋଇ ଶିକ୍ଷା ଅନୁଷ୍ଠାନ ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା, ଶିକ୍ଷକଙ୍କ ଡ଼ାକ୍ତରୀ ସୁବିଧା, ଗ୍ରାଚ୍ୟୁଇଟି, ଅବସରକାଳୀନ ସୁବିଧା ସଂପର୍କରେ ଆଲୋଚନା ହୋଇଥିଲା । ଏଥିରେ ଶିକ୍ଷକ ନେତା ପ୍ରଦୀପ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ସୁରେନ୍ଦ୍ର କୁମାର ଜେନା, ଓଲଷ୍ଟାର ସାଧାରଣ ସମ୍ପାଦକ ସୁକାନ୍ତ ବେହେରା, ପ୍ରାଥମିକ ଶିକ୍ଷକ ସଂଘର ପୁରୀ ଜିଲ୍ଲା ସମ୍ପାଦକ ରାମନାରାୟଣ ମିଶ୍ର, କୋଷାଧକ୍ଷ ଜୟପ୍ରକାଶ ପଣ୍ଡା, ଇଶ୍ୱର ପାଣିଗ୍ରାହୀ,ନିଳାଦ୍ରି ସୁବୁଦ୍ଧି ସୁଦର୍ଶନ ସ୍ୱାଇଁ, ବିକ୍ରମ ଦାସ, ଶିବନାରାୟଣ ବେହରା, କିଶୋର ମହାରଥା, କବିରାଜ ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଶନିବାର ସାହିତ୍ୟ ସଂଧ୍ୟା ପକ୍ଷରୁ ବନ୍ଧୁମିଳନ ଓ କବିତା ପାଠୋତ୍ସବ

ପୁରୀ,୩୦/୧୨ (ନି.ପ୍ର): ଶ୍ରୀକ୍ଷେତ୍ରର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ ଶନିବାର ସାହିତ୍ୟ ସଂଧ୍ୟା ପକ୍ଷରୁ ସମଙ୍ଗରା ଠାରେ ଏକ ବନ୍ଧୁ ମିଳନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆମନ୍ତ୍ରିତ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଆଞ୍ଚଳିକ ସଚିବ ତଥା କବି ଡ଼କ୍ଟର ଦେବେନ୍ଦ୍ର କୁମାର ଦେବେଶ ଯୋଗଦେଇ ସ୍ଥାନୀୟ ଲେଖକ ଓ କବିମାନଙ୍କ ସହ ଅନ୍ତରଙ୍ଗ ଆଳାପ କରିଥିଲେ । ଏହା ସହ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ।

# ବରପାଲି ପଡାରେ ସିସି କ୍ୟାମେରା ଉଦ୍ଘାଟନ କଲେ ବିଧାୟକ

ବଲାଙ୍ଗୀର,୩୦/୧୨ (ନି.ପ୍ର): ଅଂଚଳର ସୁରକ୍ଷା ତଥା ଆଇନ ଶୃଙ୍ଖଳା ରକ୍ଷା ପାଇଁ ଯାହା ପୋଲିସ ପ୍ରଶାସନ କରିବା କଥା ତାହା ଆଜି ପଡାବାସୀ କରିଛନ୍ତି । ସେମାନେ ନିଜ ସୁରକ୍ଷା ତଥା ଅଂଚଳରେ ଶାନ୍ତିପୂର୍ଣ୍ଣ ଭାବରେ ଚଳପ୍ରଚଳ କରିବା ପାଇଁ ନିଜ ପାଣ୍ଠିରୁ ୧୩ ଗୋଟି ସିସି କ୍ୟାମେରାରେ ଲଗାଇବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ସେମାନେ ଆଜି ସମଗ୍ର ବଲାଙ୍ଗିରରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି । ଯଦି ବଲାଙ୍ଗିରର ପ୍ରତ୍ୟେକ ପଡାବାସୀ ଏକ କମିଟିମାନ ଗଠନ କରି ଏଭଳି କାର୍ଯ୍ୟକ୍ରମ ହାତକୁ ନିଅନ୍ତି ତେବେ ଆଇନ ଶୃଙ୍ଖଳା ଏବଂ ଲୋକଙ୍କ ଧନ ଜୀବନ ସୁରକ୍ଷିତ ରଖିବା ଦିଗରେ ଏକ ମହତ ପଦକ୍ଷେପ ହେବ ବୋଲି ଆଜି ବରପାଲିପଡାର ପଂଚସଖା ସରକାରୀ ବିଦ୍ୟାଳୟ ଗଳିରେ ସିସି କ୍ୟାମେରା ଉଦ୍ଘାଟନୀ ଉତ୍ସବରେ ଯୋଗଦେଇ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର କହିଛନ୍ତି। ଏହି ସଭାରେ ସ୍ଥାନୀୟ ବାସିନ୍ଦାମାନେ ପଡାରେ ନାଳ ନର୍ଦ୍ଦମାର ଖରାପ ସ୍ଥିତି, ବିଜୁଳି, ପାନୀୟ ଜଳର ଅନିୟମିତତା, ପୌର ପରିଷଦ ତରଫରୁ ସଫେଇରେ ଅବ୍ୟବସ୍ଥାକୁ ନେଇ ବିଧାୟକଙ୍କୁ ଅଭିଯୋଗ କରିଥିଲେ । ବିଧାୟକ ଶ୍ରୀ ମିଶ୍ରଙ୍କ ସହ ଯାଇଥିବା ପୌର ଅଧିକାରୀ ବିପିନ ଦୀପ ସମଗ୍ର ଅଂଚଳ ବୁଲି ବହୁତ ଶୀଘ୍ର ସମସ୍ୟା ଗୁଡିକର ସମାଧାନ ହେବ ବୋଲି ପ୍ରତିଶୃତି ଦେଇଛନ୍ତି। ଏ ସମସ୍ତ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ମିଶ୍ରଙ୍କ ବ୍ୟତିତ ବରପାଲିପଡାର ଆର୍ତତ୍ରାଣ ମିଶ୍ର, ବିଶ୍ୱ ରଂଜନ ଜେନା, ଗୋପ ନାଥ, ଡ. ଜଗନ୍ନାଥ ପଣ୍ଡା, ନିଲୁ ପରିଚ୍ଛା, ଗୋପାଳ ମିଶ୍ର, ଲୋପନ ମିଶ୍ର, ନଗର ସଭାପତି ବୁଲୁ ଦାନି, ଚନ୍ଦ୍ରମଣି ତ୍ରିପାଠିଙ୍କ ସମେତ ବିଜୁଳି ବିଭାଗ ନିର୍ବାହୀଯନ୍ତ୍ରୀ ଏବଂ ମହିଳା ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

# ସଡକ ସୁରକ୍ଷା କମିଟି ବୈଠକରେ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ଗୁରୁତ୍ୱ

କେନ୍ଦ୍ରାପଡ଼ା,୩୦/୧୨ (ନି.ପ୍ର): ସଡକ ସୁରକ୍ଷା ପ୍ରତି ଜନ ସାଧାରଣ ଓ ଗାଡି ଚାଳକ ମାନଙ୍କ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଏକ ବୈଠକ ଜିଲ୍ଲା ସଡକ ସୁରକ୍ଷା କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କ ଅଧକ୍ଷତାରେ ଜିଲ୍ଲା ସମ୍ମିଳନୀ କକ୍ଷରେ ଏକହି ବୈଠକ ଅଣୁଷ୍ଠିତ ହୋଇଥିଲା । ସଡକ ଦୁର୍ଘଟଣା ହ୍ରାସ କରିବା, ସଚେତନତା ବଢାଇବା, ଗାଡି ଚଳାଚଳର ନିୟମକାନୁନ ପାଳନ କରାଇବା, ବିଶେଷକରି ରାସ୍ତା କଡରେ ଥିବା ଶିକ୍ଷାନୁଷ୍ଠାନ ଗୁଡିକ ନିକଟରେ ସର୍ତକତା ଅବଲମ୍ବନ କରିବା ପ୍ରତି ସଚେତନତା ବୃଦ୍ଧି କରିବା ସହିତ ଯାତ୍ରାକୁ ନିରାପଦ କରିବା ପାଇଁ ଅଧିକ ଯତ୍ନଶୀଳ ହେବାକୁ ବୈଠକରେ ଆଲୋଚନା କରାଯାଇ ଥିଲା । ଏହା ସହ ଜାତୀୟ ରାଜପଥ ଗୁଡିକରୁ ବେଆଇନ ହମ୍ପସ୍ ଗୁଡିକୁ ଅପସାରଣ କରିବା ଓ ଦୁହୁରିଆ ନିକଟବର୍ତୀ ରତ୍ନାକର ହାଇସ୍କୁଲ ନିକଟ ରାସ୍ତା ଉପରେ ହମ୍ପସ୍ ତିଆରି କରିବା ପାଇଁ କମିଟିରେ ନିଷ୍ପତି ଗ୍ରହଣ କରାଯାଇଛି । ଅଳ୍ପ ବୟସ୍କ ପିଲାମାନଙ୍କୁ ଅଭିଭାବକ ମାନେ ଯାନ ଚାଳନାରୁ ନିବୃତ କରେଇବା ପାଇଁ ଯତ୍ନଶୀଳ ହେବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇ ଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ପରିବହନ ଅଧିକାରୀ ପି.କେ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ପୋଲିସ ଅଧିକାରୀ, ପୁର୍ତ ବିଭାଗ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

# ଅନୁସୂଚିତ ଜନଜାତି ସଂରକ୍ଷଣ ନ ରଖିବା ଅସାମ୍ବିଧାନିକ: ନରସିଂହ

ବଲାଙ୍ଗୀର,୩୦/୧୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ପଛୁଆ ବର୍ଗଙ୍କ ପାଇଁ ସମ୍ପୁର୍ଣ୍ଣ ସଂରକ୍ଷଣ ସରକାର ହଟେଇ ସାରିଛନ୍ତି । ବର୍ତମାନ ଦେଖିବାକୁ ମିଳୁଛି ଏହି ନିର୍ବାଚନରେ ବଲାଙ୍ଗିରରେ ପଂଚାୟତ ସମିତି ଅଧକ୍ଷ ପଦରେ କୌଣସି ଗୋଟିଏ ବି ଅଧକ୍ଷ ପଦବୀ କିମ୍ବା ସରପଂଚ ପଦବୀ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ହୋଇ ରହିନାହିଁ । ଏହି ଅନୁସୂଚିତ ଜନଜାତିଙ୍କ ପ୍ରତି ଘୋର ଅନ୍ୟାୟ ଏବଂ ସରକାରଙ୍କ ଏହା ଅସାମ୍ବିଧାନିକ ପଦକ୍ଷେପ ବୋଲି ଆଜି ବଲାଙ୍ଗିର ବିଧାୟକ ତଥା ରାଜ୍ୟ ବିଧାୟକ ଦଳ କଂଗ୍ରେସ ଦଳ ନେତା ଗଣ ମାଧ୍ୟମକୁ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଏହି ପ୍ରସଙ୍ଗରେ ସେ କହିଛନ୍ତି ଅନୁସୂଚିତ ଜନଜାତି ଅଧୁଷିତ ଏହି ଅଂଚଳକୁ ପଂଚାୟତ ସମିତି ଅଧକ୍ଷ ଏବଂ ସରପଂଚ ପଦବି ସଂରକ୍ଷିତ ନ କରି ଏମାନଙ୍କୁ ପ୍ରତିନିଧିତ୍ୱରୁ ବଂଚିତ କରାଯାଉଛି । ସରକାରଙ୍କ ଏପରି ଅନୁସୂଚିତ ଜନଜାତି ବିରୋଧି ମନୋଭାବକୁ କଦାପି ଗ୍ରହଣଯୋଗ୍ୟ ନୁହେଁ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୩୧ ଡିସେମ୍ବର ୨୦୨୧, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅଯଥା ବିବାଦ...

ପ୍ରତି ରାଜ୍ୟକୁ ଲାଗିଥିବା ସୀମା ନେଇ କିଛି ନା' କିଛି ସମସ୍ୟା ରହୁଛି । ତାହା ହୋଇପାରେ ଇଲାକାକୁ ନେଇ ଆଉ କେତେବେଳେ ଭାଷାସଂସ୍କୃତିକୁ ନେଇ ପାରସ୍ପରିକ ପ୍ରତିବେଶୀ ସୁଲଭ ସମ୍ପର୍କ ସବୁ ସମୟରେ ରକ୍ଷା ସମ୍ଭବ ନ ହେବାର ଏକାଧିକ କାରଣ ରହୁଛି । ପଡୋଶୀ ରାଜ୍ୟର କିଛି ଅପଶକ୍ତି ତୁଚ୍ଛାଟାରେ କଣ୍ଟାବାଡ଼ରେ ଲୁଗା ପକାଇ କଳି କରି ଭଲ ସମ୍ପର୍କକୁ ଖରାପ କରିଦେଉଛନ୍ତି । ଆମ ରାଜ୍ୟକୁ ଲାଗି କରିଥିବା ରାଜ୍ୟମାନେ ହେଲେ ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଓ ଆନ୍ଧ୍ର ପ୍ରଦେଶ । ଭୌଗୋଳିକ ସ୍ଥିତି ଦେଖିଲେ ସୀମାବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ପ୍ରତିବେଶୀ ରାଜ୍ୟଗୁଡ଼ିକର ପ୍ରଭାବ ରହିବା ସମ୍ଭବ । ଯେମିତି ବାଲେଶ୍ୱର-ଭଦ୍ରକରେ ବଙ୍ଗୀୟ ପ୍ରଭାବ, ଗଂଜାମ ଗଜପତିରେ ଆନ୍ଧ୍ର ପ୍ରଦେଶ ଓ ତେଲଙ୍ଗାନାର ପ୍ରଭାବ ରହୁଥିବାବେଳେ ଛତିଶଗଡ଼ର ପ୍ରଭାବ ରହୁଛି ଅବିଭକ୍ତ କୋରାପୁଟରେ । ମୟୂରଭଞ୍ଜ ଓ କେନ୍ଦୁଝରବାସୀଙ୍କ ଉପରେ ଝାଡ଼ଖଣ୍ଡର କିଛି ପ୍ରଭାବ ପରିଦୃଷ୍ଟ ହୋଇଥାଏ । ତାହାରି ଭିତରେ ଏମିତି ଦେଖାଯାଉଛିକି ସୀମରେଖା ବାହାରେ ଥିବା ସର୍ଭେ ଅନ୍ୟ ରାଜ୍ୟର ବାସିନ୍ଦା ଆମର ଗ୍ରାମ ଓ ସହରକୁ ଆସି ସେମାନଙ୍କ ଜୀବିକାର୍ଜନ କରିଥା'ନ୍ତି । ସେହିଭଳି ଆମ ରାଜ୍ୟର ଲୋକ ପଡ଼ୋଶୀ ରାଜ୍ୟକୁ ଯାଇ ଗୁଜରାଣ ମେଣ୍ଟାଇବାର ଦେଖାଯାଏ । ପାରସ୍ପରିକ ସହଯୋଗ ଆମ ଦେଶର ବିବିଧତା ଭିତରେ ଏକତାର ମୂଳମନ୍ତ୍ର । ମାତ୍ର କୌଣସି ନା' କୌଣସି କାରଣରୁ ତାହା ସବୁବେଳେ ଅନୁପାଳିତ ହୋଇପାରୁନାହିଁ । ଏଭଳି ହେଉଥିବାର ସମୟାନ୍ତରେ ଦେଖାଯାଉଛି । ଧରାଯାଉ, ଛତିଶଗଡ଼ ମହାନଦୀ ଜଳ ନେଇ କିଭଳି ବିବାଦୀୟ ସ୍ଥିତି ସୃଷ୍ଟି କରିଚାଲିଛି ଏବଂ ମାମଲା କେଉଁ ଆଡ଼କୁ ଗଲାଣି । ଉପରମୁଣ୍ଡରେ ବ୍ୟାରେଜ୍ ନିର୍ମାଣ କରି କିଛି ଶିଳ୍ପପତିଙ୍କୁ ସନ୍ତୁଷ୍ଟ କରିବା ଲାଗି କାରଖାନାକୁ ପାଣି ଯୋଗାଇବା ଫଳରେ ତଳମୁଣ୍ଡକୁ ପ୍ରବାହ ହ୍ରାସ କରାଯିବା ଚକ୍ରାନ୍ତକୁ ଓଡ଼ିଶା ବିରୋଧ କରିଆସିଛି । ସେମିତି ଛତିଶଗଡ଼ପଟୁ ଆମ ଇଲାକାରେ ଥିବା ବିଦ୍ୟାଳୟରେ ପିଲାଙ୍କୁ ପଢାବହି ଓ ଉପକରଣ ଯୋଗାଇ ଆକୃଷ୍ଟ କରାଯିବାର ଅପଚେଷ୍ଟା ବନ୍ଦ୍ ହୋଇନାହିଁ । ଆନ୍ଧ୍ର ସହ କୋଟିଆ ଗ୍ରାମପୁଂଜ ବିବାଦର ଇତିହାସ ବେଶ୍ ପୁରୁଣା । ପୋଲାଭରମ୍ ଓ ବଂଶଧାରା ବିବାଦରେ କେବଳ ପୂର୍ଣ୍ଣଛେଦ ପଡ଼ିନାହିଁ, ତାହା ନୁହେଁ କଟା ଘା'ରେ ଲୁଣଛିଟା ପକାଇବା ଭଳି କାର୍ଯ୍ୟ କରୁଛି ଆନ୍ଧ୍ର । ସେ ରାଜ୍ୟର ସରକାରୀ ଅଧିକାରୀମାନେ ଆସି କୋଟିଆ ଗ୍ରାମପୁଂଜରେ ମୌଜାଗୁଡ଼ିକର ନାମ ବଦଳାଇବାଠାରୁ ଆଧାର କାର୍ଡ ଓ ରାସନ ସାମଗ୍ରୀ ବିତରଣ ଭଳି କାର୍ଯ୍ୟ କରି ଅଯଥା ଉତ୍ତେଜନା ସୃଷ୍ଟି କରିଛନ୍ତି । ଏପରିକି ଓଡ଼ିଶାର ଅଧିକାରୀମାନଙ୍କୁ ଧମକଚମକ ଦେଖାଯାଉଥିବାର ଅଭିଯୋଗ ରହିଛି । ନିକଟରେ କୋଟିଆର ତଳଜେଇ ପଦରରେ ପୁଣି ଆନ୍ଧ୍ର ଅଧିକାରୀମାନେ ଅନୁପ୍ରବେଶ କରି ଜଟିଳ ପରିସ୍ଥିତି ଭିଆଇଛନ୍ତି । ମେଗା ପାୱାର ପ୍ରୋଜେକ୍ଟ ପାଇଁ ସର୍ଭେ କରିବା ସକାଶେ ଆନ୍ଧ୍ର ଅଧିକାରୀ ଏବଂ ଶିଗୋଷ୍ଠୀର ପ୍ରତିନିଧ ସେଠାରେ ପହଞ୍ଚିଥିବାବେଳେ ସେମାନେ ବିରୋଧର ସମ୍ମୁଖୀନ ହୋଇଥିଲେ। ବିଜୟନଗରମ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଭୂଅର୍ଜନ ଅଧିକାରୀ ତଳରଂଜେଇ ପଦରରେ ପହଞ୍ଚିବା ସହ ସାଙ୍ଗରେ ଶିଳ୍ପ ଗୋଷ୍ଠୀର ପ୍ରତିନିଧିମାନଙ୍କୁ ନେଇ ସେଠାକୁ ଯିବା ଓ ପ୍ରାଥମିକ ସର୍ଭେ କାର୍ଯ୍ୟ କରିବା ସେମାନଙ୍କ ଉଦ୍ଦେଶ୍ୟ ଜଣାପଡ଼ିବାରୁ ବିଧାୟକ ଓ ସ୍ଥାନୀୟ ବାସିନ୍ଦା ଏହାର ଘୋର ବିରୋଧ କରିଥିଲେ। କୋଟିଆ ଓଡ଼ିଶାର ବୋଲି ଦୃଢ଼ ଭାବେ ଜଣାଇ ସେମାନଙ୍କୁ ତଡ଼ି ଦିଆଯାଇଛି । ଏଭଳି ଅବ୍ୟଛିତ ସ୍ଥିତି ସୃଷ୍ଟି ପଛରେ ମନ୍ଦ ଉଦ୍ଦେଶ୍ୟ ରହିଥିବା ସ୍ପଷ୍ଟ ରୂପେ ବାରି ହୋଇପଡୁଛି । ସୁତରାଂ, କିଭଳି ଅଞ୍ଚଳବାସୀଙ୍କ ଭିତରେ ଆତ୍ମ ନିର୍ଭରଶୀଳତା ଆସିବ, ସେଥିପାଇଁ ଓଡ଼ିଶା ସରକାର ଯୋଜନା କରୁଛନ୍ତି । ଓଡ଼ିଆ ଭାଷା ସଂସ୍କୃତି ଉପରେ ହେଉଥିବା ଅନୁଚିତ ଆକ୍ରମଣର ପ୍ରତିରୋଧ ପାଇଁ କୌଣସି ସହଜ ରାସ୍ତା ନାହିଁ । ଆମ ଭାଷା ଓ ସଂସ୍କୃତିର ସୁରକ୍ଷା ଲାଗି କିଭଳି ବଳିଷ୍ଠ ପଦକ୍ଷେପ ନିଆଯିବ ତାହାକୁ ପ୍ରାଧାନ୍ୟ ଦେବା କଥା । ସକାରାତ୍ମକ ପଦକ୍ଷେପ ବଳରେ କଣ୍ଟାବାଡ଼ରେ ଲୁଗାପକାଇ କଳି କରୁଥିବା ଅପଶକ୍ତିକୁ ଜବାବ ଦେଇହେବ। ଏଥିଲାଗି ସକାରାତ୍ମକ ଚିନ୍ତାଧାରାରେ ବିଶ୍ୱାସ ରଖୁଥିବା ଶକ୍ତିଙ୍କୁ କଟିବଦ୍ଧ ହେବାକୁ ପଡ଼ିବ । ସାହିତ୍ୟିକ ସଂଗଠନ, ଭାଷା ସୁରକ୍ଷା ଲାଗି ସମର୍ପିତ ମହଲର ଏ ଦିଗରେ ରହିଛି ବିଶେଷ ଦାୟିତ୍ୱ । ପ୍ରଶାସନ ପକ୍ଷରୁ ମଧ୍ୟ ଏଥିଲାଗି ସଚେତନତା ସୃଷ୍ଟି ପାଇଁ ପ୍ରୟାସ କରାଯିବା ଦରକାର । ରାଜ୍ୟବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ଧ୍ୟାନରେ ରଖି ପଦକ୍ଷେପ ନିଆଯିବା ଯେତିକି ଜରୁରି, ସେତିକି ସଚେତନ ଜନମତ ପାଇଁ କାର୍ଯ୍ୟ କରାଯିବା ପ୍ରୟୋଜନ । କଣ୍ଟାବାଡ଼ରେ ଲୁଗାପକାଇ କଳି କରିବା ଶକ୍ତିଙ୍କର ଅଭାବ ନାହିଁ । ତେଣୁ ଆଞ୍ଚଳିକ ସୀମା ସୁରକ୍ଷା ସହ ଭାଷା-ସଂସ୍କୃତିକୁ ଆକ୍ରମଣ ଅପଚେଷ୍ଟାକୁ ପ୍ରତିହତ କରାଯିବା ସମସ୍ତ ସଚେତନ ନାଗରିକଙ୍କ କର୍ତ୍ତବ୍ୟ ।

## ଓଡ଼ିଆ ସଂସ୍କୃତିରେ ପୁଷ ମାସ



ଶିବ ପ୍ରସାଦ ବାହିନୀପତି

ପୁଷ୍ୟା ନକ୍ଷତ୍ର ଯୁକ୍ତ ପୂର୍ଣ୍ଣମା ପାତିତ ଚାନ୍ଦ୍ରମାସର ନାମ ପୌଷ ମାସ । ଏହା ହେମନ୍ତ ଋତୁରେ ଯାଏ । ହିନ୍ଦୁ ପଞ୍ଜାଙ୍ଗ ଅନୁସାରେ ପ୍ରତ୍ୟେକ ମାସର ମହତ୍ତ୍ୱ ରହିଛି । ଏ ମାସର ବିଶେଷତ୍ୱ ହେଉଛି ସୂର୍ଯ୍ୟଦେବଙ୍କ ଆରାଧନା ଯାହା ଶାମ୍ବ ଦଶମୀ ନାମରେ ଖ୍ୟାତ । ଏ ମାସରେ ଭଗ ନାମକ ସୂର୍ଯ୍ୟଙ୍କୁ ଉପାସନା କରାଯାଏ । ସବୁ ମାସ ପରି ଏ ମାସରେ ମଧ୍ୟ ପର୍ବପର୍ବାଣୀର ଅଭବ ନାହିଁ । ଏ ମାସରେ ପୌଷ ନବରାତ୍ରି ପାଳନର ବିଧି ରହିଛି । କୃଷିପ୍ରଧାନ ରାଜ୍ୟ ଓଡ଼ିଶା ପାଇଁ ଏ ମାସଟି ସମୃଦ୍ଧିର ମାସ ହୋଇଥାଏ । କାରଣ ଏ ମାସ ଚାଷୀର ଘରକୁ ଅମଳ ହୋଇଥିବା ଖାଦ୍ୟଶସ୍ୟ ଆସିଥାଏ । ତେଣୁ ଏଦିନ ଅମଳ ହୋଇଥିବା ଶସ୍ୟରେ ଉଖୁଡ଼ା ପ୍ରସ୍ତୁତ କରି ମୁଆଁ ଓ ଉଖୁଡ଼ା ଘରଦିଅଁଙ୍କୁ ପୂଜା କରାଯାଏ; ଏ ମୁଆଁକୁ ଧନୁମୁଆଁ କହନ୍ତି ଏବଂ ଧନୁ ସଂକ୍ରାନ୍ତିରେ ଏହା ହୁଏ । ପୌଷ ମାସର ଆଦ୍ୟ ଦିବସେ ସୂର୍ଯ୍ୟ ଧନୁ ରାଶିରେ ପ୍ରବେଶ କରୁଥିବାରୁ ଏହାର ନାମ ଧନୁ ସଂକ୍ରାନ୍ତି । ଲୋକ ବିଶ୍ୱାସନୁସାରେ ଧନୁ ସଂକ୍ରାନ୍ତିରେ ମହାଲକ୍ଷ୍ମୀ ଶ୍ରୀମନ୍ଦିର ତ୍ୟାଗ କରି ମାସକ ପାଇଁ ବାପଘରକୁ ଯା'ନ୍ତି; ତେଣୁ ଏ ସମୟରେ ଠାକୁର ମାନଙ୍କ ଲାଗି ମା' ଯଶୋଦା ଖାଦ୍ୟ ପ୍ରସ୍ତୁତ କରି ତାଙ୍କ ପୁଅ-ଝିଅ (ଜଗନ୍ନାଥ-ବଳଭଦ୍ର - ସୁଭଦ୍ରା)ଙ୍କୁ ସକାଳୁ ସଅଳ ସଅଳ ଖାଇବା ପାଇଁ ଦେଇଥା'ନ୍ତି । ତେଣୁ ଏ ପୂଜା ପୂରା ପ୍ରାତଃରୁ କରାଯାଏ । ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ଯାଏଁ ଓଡ଼ିଆ ପରମ୍ପରାରେ କିଛି ମାଙ୍ଗଳିକ କାର୍ଯ୍ୟ କରାଯାଏ ନାହିଁ; କିନ୍ତୁ ତୀର୍ଥଯାତ୍ରା କରିହୁଏ । ପୌଷ ମାସରେ ବରଗଡ଼ର ଧନୁଯାତ୍ରା ବେଶ୍ ପ୍ରସିଦ୍ଧ । ଏହା ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚର ମାନ୍ୟତା ପ୍ରାପ୍ତ। ଏ ମାସରେ କୋଣାର୍କରେ ସୂର୍ଯ୍ୟଦେବଙ୍କ ରଥଯାତ୍ରା ପାଳନ କରାଯାଏ ଯାହା ପୌଷ ମାସ ଶୁକ୍ଳ ଦଶମୀ ତିଥିରେ ସୂର୍ଯ୍ୟଦେବଙ୍କ ଚଳନ୍ତି ପ୍ରତିମା ମିତ୍ରାଦିତ୍ୟ ରଥାରୁଢ଼ ହୋଇ ଚନ୍ଦ୍ରଭାଗା ଅଭିମୁଖେ ଯାଇ ମାଘ ଶୁକ୍ଳ ସପ୍ତମୀରେ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରନ୍ତି ।

ଏ ମାସର ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ 'ବାଟଓଷା' ବା 'ଦାଣ୍ଡ ପହଁରା ଓଷା', ଅମାବାସ୍ୟା ଦିବସରେ 'ବକୁଳ ଅମାସ୍ୟା', ଶୁକ୍ଳ ଦଶମୀ ତିଥିରେ 'ପୌଷ ପୁତ୍ରଦା ଏକାଦଶୀ' ଏବଂ ପୂର୍ଣ୍ଣମାରେ 'ପୁଷ୍ୟାଭିଷେକ ପୂର୍ଣ୍ଣମା' ବା 'ପୌଷ ପୂର୍ଣ୍ଣମା' ଆଦି ପଡ଼େ । ଏ ମାସରେ ପ୍ରତି ରବିବାର ରବିନାରାୟଣ ବ୍ରତ ହୁଏ । ମାନ୍ୟତା ଅଛି ଏ ମାସରେ ସୂର୍ଯ୍ୟ ଏଗାର ହଜାର ରଶ୍ମି ସହ ବ୍ୟକ୍ତିଙ୍କୁ ଶକ୍ତି ଓ ସ୍ୱାସ୍ଥ୍ୟ ପ୍ରଦାନ କରିଥା'ନ୍ତି । ପ୍ରାତଃ କାଳରେ ସ୍ନାନାନ୍ତେ ସୂର୍ଯ୍ୟଙ୍କୁ ତମ୍ବା ପାତ୍ରରେ ଜଳ ଓ ସିନ୍ଦୂର ପକାଇ ଅର୍ପଣ କରି 'ଓଁ ଆଦିତ୍ୟାୟ ନମଃ' ଜପ କଲେ ସ୍ୱାସ୍ଥ୍ୟ ସମସ୍ୟା ରହେ ନାହିଁ ବୋଲି ଶାସ୍ତ୍ର କହୁଛି । ଏହି ମାସରେ ଲୁଣ ସେବନର ମାତ୍ରା କମ୍ କରିବା ସହ ଖାଦ୍ୟରେ ବାଦାମ ଓ ଚିନି ପରିବର୍ତ୍ତେ ଗୁଡ଼ ଖାଇବା ଉଚିତ; କୁଆଁଣି, ଲବଙ୍ଗ ଏବଂ ଅଦା ସେବନ ବିଶେଷ ଲାଭକାରୀ । ଏ ମାସ ଥଣ୍ଡା ପାଣି ପାନ ଓ ଅତ୍ୟଧିକ ଖାଦ୍ୟ ସେବନ ଶରୀରକୁ କ୍ଷତି ପହଞ୍ଚାଇଥାଏ ଏବଂ ଅଧିକ ତୈଳ କି ଘୃତ ସେବନ ବି ହାନିକାରକ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଏ ମାସରେ ଲାଲ୍ ଓ ପୀତ ବସ୍ତ୍ର ପିନ୍ଧିଲେ ଭାଗ୍ୟରେ ପରିବର୍ତ୍ତନ ଆସେ । ଏ ମାସରେ କର୍ପୂରର ପ୍ରୟୋଗ ସ୍ୱାସ୍ଥ୍ୟର ଉନ୍ନତି ଘଟାଏ । ଲୋକମତରେ ଏ ମାସରେ ବିବାହିତା ନାରୀ ତା'ର ବାପଘରକୁ ଗଲେ ଧନସମ୍ପତ୍ତି ଓ ସୌଭାଗ୍ୟରେ ବୃଦ୍ଧି ହୋଇଥାଏ । ଏ ମାସରେ ଅଧିକ ନିରାମିଷ ଓ ଖୁଆ ଜାତୀୟ ଖାଦ୍ୟ ଖାଇବା ଉଚିତ୍ । ଶାସ୍ତ୍ର କହେ ଏ ମାସରେ ଶୀତବାସ ଓ ଖାଦ୍ୟ ଦାନର ଶୁଭ ଫଳ ମିଳେ ।

ଏ ମାସର ଧନୁ ସଂକ୍ରାନ୍ତିରେ ଜଗନ୍ନାଥଙ୍କର ପହିଲି ଭୋଗ ଆରମ୍ଭ ହୁଏ । ପୌଷ ମାସର ପବିତ୍ରତା ଯୋଗୁଁ ପୁଷ୍ୟାଭିଷେକ ଅନୁଷ୍ଠିତ ହୁଏ । ପଞ୍ଜିକାରଙ୍କ ମତେ ଏ ସଂକ୍ରାନ୍ତିର ନାମ 'ମହୋଦରୀ'; ଏ ମାସର ସଂକ୍ରାନ୍ତି ପୁରୁଷ ପଶୁ ଜାତି, ପ୍ରୌଢ଼ା ବୟସ, ରକ୍ତବାସ ପରିଧାନ କରି ଗୋରଚନା ଲେପନ ଏବଂ ବିଲ୍ୱଦଳ ଆଭୂଷିତା ହୋଇ ଦୁର୍ମୁଖାବସ୍ଥାରେ ସିଧା ଆସି ପୂର୍ବ ଦିଗକୁ ଦୃଷ୍ଟି ଦେଇ ଦକ୍ଷିଣ ଦିଗକୁ ଗମନ କରିବେ । ଏହି ପୌଷ ମାସ ବିଶେଷତଃ ସୂର୍ଯ୍ୟ ଆରାଧନାର ଶ୍ରେଷ୍ଠ ମାସ । ସୂର୍ଯ୍ୟଙ୍କର ଏକ ନାମ ହେଲା 'ପୁଷା', ଯା'ର ଅର୍ଥ ପୋଷଣକାରୀ ; ଏ ହେତୁ ଏ ମାସର ନାମ 'ପୌଷ ମାସ' । ଶାସ୍ତ୍ରରେ ଅଛି - 'ଲୋକାନ୍ ଅବତି ରକ୍ଷତି ଇତି ରବି'; ଯେ' ସାରା ସଂସାରର ରକ୍ଷଣକର୍ତ୍ତା ସେ ରବି । 'ମାଟି, ଜଳ, ଅଗ୍ନି, ବାୟୁ ଓ ଶୂନ୍ୟ' ଏ ପଞ୍ଚତତ୍ତ୍ୱ ରବିଙ୍କ ଠାରେ ବିଦ୍ୟମାନ । ପ୍ରତ୍ୟେକ ସ୍ଥାନରେ ପ୍ରଥମେ ସେ ହିଁ ପୂଜା ପାଆନ୍ତି । 'ପୁଷ ରବିବାର ବ୍ରତ' ଏହି ରବିଙ୍କର ଏବଂ 'ପୁଷ ରବିବାର ବ୍ରତ କଥା' ନାମକ ଏକ କ୍ଷୁଦ୍ର ଗ୍ରନ୍ଥରେ ତାଙ୍କ ମାହାତ୍ମ୍ୟ ବର୍ଣ୍ଣିତ ଅଛି ।

କର୍ଣ୍ଣାଟର ସାଧବ କନ୍ୟା ବାଳାବତୀର ପ୍ରାର୍ଥନାରେ ସନ୍ତୋଷତା ପ୍ରାପ୍ତ କରି ଦିନେ ସୂର୍ଯ୍ୟ ଅସ୍ତ ହେବାକୁ ବିଳମ୍ବ କଲେ । ସୂର୍ଯ୍ୟଙ୍କ ମାତା ଅଦିତି ବିବ୍ରତ ହୋଇ ବାଳାବତୀଙ୍କୁ 'କୁଷ୍ଠ ହେଉ' ବୋଲି ଶାପ ଦେଲେ । ବିଷାଦତାର ସହିତ ଏହି ରୋଗରୁ ମୁକ୍ତ ହେବାର ଉପାୟ ପୁଚ୍ଛନ୍ତେ ତ ମାତା ପୁଷ ରବିବାର ବ୍ରତ ଓ ବିଧାନର ନିର୍ଦ୍ଦେଶ ଦେଲେ । ଏ ବ୍ରତ ନିଷ୍ଠା ସହ କରାଯାଏ । ସେହି ବ୍ରତ କରି ସାଧବ କନ୍ୟା ବାଳାବତୀ କୁଷ୍ଠ ରୋଗରୁ ମୁକ୍ତି ପାଇଥିଲେ ବୋଲି 'ପୁଷ ରବିବାର ବ୍ରତ କଥା'ରେ ଅଛି ।

ସୂର୍ଯ୍ୟପୂଜାର ପର୍ବ ହେଉଛି ଶାମ୍ବ ଦଶମୀ । ଶ୍ରାବଣ ମାସର ଚିତାଲାଗି ଅମାବାସ୍ୟାଠୁ ପୌଷ ମାସର ଶୁକ୍ଳପକ୍ଷ ଦଶମୀରେ ପାତିତ ଶାମ୍ବ ଦଶମୀ ମଧ୍ୟରେ ଅନେକ ପର୍ବର ସମ୍ଭାର । ଗାଁ ଗହଳିରେ ଢ଼ଗଢ଼ମାଳୀରେ ଅଛି:-

> 'ଅଇଲା ଚିତୋଉ ନାନୀ
> ବାର ଓଷା ପର୍ବ ସଙ୍ଗତେ ଘେନି,
> ଶମ୍ବର ଦଶମୀ ଅଲଣା ଦାଉ
> ସବୁ ଓଷା ବାର ଏଇଠି ଥାଉ।

ଓଡ଼ିଆଙ୍କ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତି ଦକ୍ଷତାର ଅସଲ ନିଦର୍ଶନ ଚିତାଲାଗି ଠାରୁ ଶାମ୍ବ ଦଶମୀ । କଥାରେ କୁହାଯାଇଛି :- 'ଶମ୍ବର ଦଶମୀରେ ମଣିଷ ଗୋଟିଏକୁ ପିଠା ଗୋଟିଏ ।' ଏହି ପର୍ବରେ ବିଭିନ୍ନ ପନିପରିବା ମିଶ୍ରଣରେ 'ଘଡ଼ଘଡ଼ା ତିଅଣ' ପ୍ରସ୍ତୁତ ହୋଇ ପୂଜା କରାଯାଏ ସୂର୍ଯ୍ୟନାରାୟଣ ଦେବଙ୍କୁ । ନିଜ ସନ୍ତାନ ସନ୍ତତିଙ୍କର ମଙ୍ଗଳ ବିଧାନାର୍ଥେ ନିଷ୍ଠାର ସହ ଏ ଶାମ୍ବ ଦଶମୀ ନାରୀମାନେ ପାଳନ କରିଥା'ନ୍ତି । ସୂର୍ଯ୍ୟଙ୍କର ଆକାଶରେ ତିନି ସ୍ଥିତିକୁ ଲକ୍ଷ୍ୟ କରି ବ୍ରାହ୍ମ ମୁହୂର୍ତ୍ତରେ ଫଳମୂଳ ଆଉ ମିଷ୍ଟାନ୍ନ, ମଧ୍ୟାହ୍ନରେ ଗଇଁଠା, ଅଟକାଳି ଆଦି ପିଠା, ଖେଚୁଡ଼ି ଓ ଘଡ଼ଘଡ଼ା ତିଅଣ ଏବଂ ଅପରାହ୍ନରେ ବା ସନ୍ଧ୍ୟାରେ ଏଣ୍ଡୁରି, କାକରା, ମାଲପୁଆ, ଗଜା ଆଦି ନୈବିଦ୍ୟ କରାଯାଏ । ବ୍ରାହ୍ମ ମୁହୂର୍ତ୍ତର ନୈବିଦ୍ୟାନ୍ତେ ସୂର୍ଯ୍ୟ ପୁରାଣ ପଢ଼ାଯାଏ ବା ପାରାୟଣ କରାଯାଏ । କୁଷ୍ଠ ରୋଗରୁ ମୁକ୍ତି ହେବା ପାଇଁ ଶାମ୍ବ ସୂର୍ଯ୍ୟ ଉପାସନା କରି ସଫଳତୀ ଲାଭ କରିଥିବାର ବର୍ଣ୍ଣନା ପୁସ୍ତକ ଆକାରରେ ପ୍ରକାଶିତ ହୋଇ ଶାମ୍ବ ଦଶମୀରେ ଘରେ ଘରେ ପଠିତ ହୁଏ, ଯାହା ସୂର୍ଯ୍ୟ ପୁରାଣରୁ ଆନୀତ । ଚନ୍ଦ୍ରଭାଗା ତୀରରେ ଶାମ୍ବ ସୂର୍ଯ୍ୟଙ୍କୁ ତକରିଥିଲେ ଏବଂ ସେଦିନ ଥିଲା ପୌଷ ମାସ ଶୁକ୍ଳପକ୍ଷ ଦଶମୀ ତିଥି; ଶାମ୍ବ ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ କୁଷ୍ଠ ରୋଗରୁ ମୁକ୍ତ ହୋଇଥିଲେ । ଦେବର୍ଷି ନାରଦ, ଭୁବନ ଭାସ୍କର ସୂର୍ଯ୍ୟଦେବଙ୍କ ଶାପରେ ଧବଳ କୁଷ୍ଠ ବ୍ୟାଧିରେ ଆକ୍ରାନ୍ତ ହୋଇଥିଲେ ଏବଂ ଚନ୍ଦ୍ରଭାଗା କ୍ଷେତ୍ରରେ ରବିନାରାୟଣଙ୍କ ଆରାଧନା କରି ମୁକ୍ତ ହୋଇଥିଲେ ବୋଲି ଶାସ୍ତ୍ର କହେ । ଦିଗ୍‌ବିଜୟୀ ସମ୍ରାଟ ହର୍ଷବର୍ଦ୍ଧନଙ୍କ ରାଜଦରବାରର ଜଣେ ଅଗାଧ ସଂସ୍କୃତ ଜ୍ଞାନ ସମ୍ପନ୍ନ କବି ମୟୂରଭଟ୍ଟ କୁଷ୍ଠ ରୋଗାକ୍ରାନ୍ତ ହୋଇ ଶହେ ଶ୍ଳୋକ ବିଶିଷ୍ଟ ସୂର୍ଯ୍ୟ ସ୍ତୁତି ରଚନା କରି ନିତ୍ୟ ପାରାୟଣ କରି ବ୍ୟାଧିମୁକ୍ତ ହୋଇଥିଲେ । ଯେଉଁ ସ୍ଥାନରେ କୃଷ୍ଣ ସୁତ ଶାମ୍ବ ସୂର୍ଯ୍ୟ କୃପା ଲଭ୍ୟର୍ଥେ ତପଶ୍ଚରଣ କରିଥିଲେ ତାହା 'ମୈତ୍ରେୟ ବନ' ନାମରେ ଖ୍ୟାତି ଅର୍ଜିଛି । ସୂର୍ଯ୍ୟଙ୍କ ଅନ୍ୟ ନାମ ମିତ୍ର, ତେଣୁ ତାଙ୍କ ନାମାନୁସାରେ ତାହାର ନାମ । 'ଗ୍ରହଜାଗ ସଂସ୍କାର' ଗ୍ରନ୍ଥ କହେ - 'ଜାତଂ ସୂର୍ଯ୍ୟ କଳିଙ୍ଗେଷୁ'; ଅର୍ଥାତ ସୂର୍ଯ୍ୟଙ୍କ ଜାତସ୍ଥାନ କଳିଙ୍ଗ ଦେ । କୋଣାର୍କର ରଥଯାତ୍ରା ଏହି ଆଧାରରେ ପାଳିତ । 'କପିଳ ସଂହିତା' ଅନୁସାରେ ଶାମ୍ବ ଦଶମୀରେ ପ୍ରାତଃ ସ୍ନାନାନ୍ତେ ମିତ୍ରାଦିତ୍ୟଙ୍କୁ ରଥରେ ଦର୍ଶନ କଲେ ଶୋକ ଓ ଭୟରୁ ମୁକ୍ତି ମିଳିବା ସହ ଦ୍ୱିତୀୟ ବାର ଜନ୍ମ ହୋଇନଥାଏ ।

ପୌଷ ମାସର ଆଉ ଏକ ପର୍ବ କୃଷ୍ଣପକ୍ଷ ଦ୍ୱିତୀୟାର 'ବାଟଓଷା' ବା 'ଦାଣ୍ଡ ପହଁରା ଓଷା' ଯାହା ଯମରାଜଙ୍କ ଉଦ୍ଦେଶ୍ୟରେ ପାଳିତ । ନିଜ ପୁତ୍ରର ଦୀର୍ଘାୟୁ କାମନା କରି ରାତ୍ରେ ଓପାସ ରହି ବଜ୍ରମୂଳି ଗଛରେ ଦାଣ୍ଡ ପହଁରି ମାଆ ମାନେ ନିଜ ପୁତ୍ର ମାନଙ୍କୁ ଝାଡ଼ିଥା'ନ୍ତି । ଇନ୍ଦ୍ରଙ୍କର ଅମୋଘ ଅସ୍ତ୍ର 'ବଜ'; ତେଣୁ ବଜ୍ରମୂଳି ଗଛର ବ୍ୟବହାର । ଯମଦଣ୍ଡରୁ ମୁକ୍ତି ଅର୍ଥେ ଯମଙ୍କୁ ସନ୍ତୁଷ୍ଟ କରିବାକୁ 'ଦାଣ୍ଡ ପହଁରା' ଓଷାର ପାଳନ ଯାହା କୃଷି ଭିତ୍ତିକ ପରବଟିଏ । ନୂଆ ଧାନ କୁଟି ମଣ୍ଡାପିଠା, ମୁଢ଼ି, ଖଇ, ମୁଆଁ, ଚୁଡ଼ା ଆଦି ସହ ମୂଳା, ଆଖୁ ଆଉ ନାନାଦି ଫଳମୂଳ ସହ ତୁଷ ଓ କୁଣ୍ଡା ଆଦି ଭୋଗ ହୁଏ । ଗାଁ ଦାଣ୍ଡ ବା ବନସ୍ତରେ ଏକ ଗର୍ତ୍ତ କରି ଏକ ପାତ୍ରରେ ସିନ୍ଦୂରରେ ଯମଙ୍କ ପ୍ରତିମା ସ୍ଥାପନ ପୂର୍ବକ ମାଆମାନେ ଚାରିପଟେ ଚାଙ୍ଗୁଡ଼ା ଧରି , ବଜ୍ରମୂଳି ଉପରେ ରଖି କପଡ଼ା ଢ଼ାଙ୍କି ବସନ୍ତି ଏବଂ ଯମଙ୍କୁ ଷୋଡଶୋପଚାର ବିଧିରେ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରାନ୍ତି ଆଉ ପୁତ୍ରର ଦୀର୍ଘାୟୁ ପାଇଁ ଯମଙ୍କୁ ସୁମରଣା କରନ୍ତି। 'ବାଟଓଷା' ପୁରାଣ ପଠନ କରାଯାଏ।

କୋଶଳର ରାଜା ସୁଦର୍ଶନ ଓ ରାଣୀ ଲୀଳାବତୀ, ଦୁହେଁ ପରୋପକାରୀ ଓ ପ୍ରଜାବତ୍ସଳ କିନ୍ତୁ ନିଃସନ୍ତାନ; ଅର୍ଥାତ୍ ପୁତ୍ର ସନ୍ତାନ ନାହିଁ ତାଙ୍କର । ବିଜ୍ଞ ବ୍ରାହ୍ମଣ, ଜ୍ୟୋତିଷ ବାଟଓଷା କଲେ, ଯମଙ୍କୁ ସନ୍ତୁଷ୍ଟ କଲେ ପୁତ୍ର ପ୍ରାପ୍ତି ହେବ ବୋଲି ପରାମର୍ଶ ଦେଇଥିଲେ । ଓଷାକାରୀ ରାଜ୍ୟର ଗୃହିଣୀ ମାନଙ୍କଠୁ ପ୍ରସାଦ ଖାଇ ରାଣୀ ଉତ୍ତମ ପୁତ୍ର ସନ୍ତାନର ଜନନୀ ହୋଇଥିଲେ । ତାଙ୍କ ପୁତ୍ରର ନାମ ରଖିଥିଲେ ବୀରସେନ । ପୁତ୍ର ପ୍ରାପ୍ତି ପରେ ରାଣୀ ଏହି ଓଷା ନକରିବା ଯୋଗୁଁ ଯମ ବୀରସେନଙ୍କୁ ଅପହରଣ କରି ଘେନିଗଲେ ଓ ତାଙ୍କୁ ମାରି ନିଜର ମାତାଙ୍କୁ ରୋଷେଇ କରି ଖାଇବାକୁ ଦେବାକୁ କହିଲେ ଓ ଯମ ସ୍ନାନ କରିବାକୁ ଚାଲିଗଲେ । ଇତ୍ୟବସରରେ ବୀରସେନଙ୍କ ନାକରେ ଦି'ଖଣ୍ଡ କାଠି ପୁରାଇ ପୂଜା ସମୟରେ ଛିଙ୍କିବାକୁ ଯମଙ୍କ ମାତା ଶିଖାଇ ଦେଲେ; ବୀରସେନ ଠିକ୍ ସେପରି କରିଥିଲେ । ଏ ସମୟରେ ଯମମାତା 'ଅଚ୍ଛମର ହୁଅ' ବୋଲି କହିଥିଲେ । ଫଳତଃ ଯମଦେବ ବୀରସେନଙ୍କୁ ନମାରି ବାଟଓଷା ନକଲେ ପୁନରାୟ ନେଇଯିବେ ବୋଲି ବୀରସେନର ମାତାଙ୍କୁ କହି ଘରେ ଛାଡ଼ି ଦେଇଗଲେ । ପରିବାର ବୀରସେନଙ୍କୁ ପାଇ ଖୁସି ହେବା ସହ କିସ ପାଇଁ ରୋଷ ପଚାରିବାରୁ ବୀରସେନ କହିଲେ - 'ତୁମେ ବାଟଓଷା ପାଳନ ଭୁଲି ଯାଇଥିବାରୁ ମୋତେ ଧରି ନେଇଥିଲେ।' ଶେଷରେ ରାଜଗୃହରେ ମାତ କୌଶଲ୍ୟା ବାଟଓଷା କରି, ଦାଣ୍ଡ ପହଁରି ପୁତ୍ରର ଦୀର୍ଘାୟୁ କାମନା କରିଥିଲେ । ଏ ପୂଜାର ନିୟମ, ସବୁ ପ୍ରସାଦ ପୂଜା ମଣ୍ଡପକୁ ଯିବ; ଲୋଭ ବଶତଃ ରଖିଲେ ଯମ ଅସନ୍ତୋଷ ହୋ'ନ୍ତି । ପୂଜାନ୍ତେ ସମସ୍ତ ପ୍ରସାଦକୁ ବାଳକ, ବୃଦ୍ଧ ଓ ପରିବାର ମଧ୍ୟେ ବାଣ୍ଟି ଦେବା ବିଧେୟ ।

ଏ ଓଷା ବାଟ ବା ଦାଣ୍ଡରେ ପାଳିତ ହେଉଥିବାରୁ ଏପରି ନାମକରଣ । ପଣ୍ଡୁ ପୂର୍ଣ୍ଣମା ଯିବାର ତିନି, ସାତ କିମ୍ବା ନଅ ଦିନରେ ଏ ଓଷା ପଡ଼େ । ଏହି ଓଷାର ବିଶେଷ ଆକର୍ଷଣ ଓ ମୁଖ୍ୟ ଭୋଗ ମଣ୍ଡାପିଠା । ସବୁ ସମ୍ପ୍ରଦାୟର ଲୋକେ ଏହି ଓଷାକାରୀ । ଓଡ଼ିଆ ସଂସ୍କୃତିକୁ ଜୀବନ୍ତ କରି ରଖିଛନ୍ତି ଆଜି ବି ହିନ୍ଦୁ ନାରୀମାନେ । ପୁତ୍ରଦା ଏକାଦଶୀରେ ନାମମନ୍ତ୍ର ଜପ ସହିତ ଶ୍ରୀହରିଙ୍କ ଆରାଧନା କରାଯାଏ । ଫଳମୂଳ ନୈବିଦ୍ୟ ସହ ଦୀପଦାନର ବି ବିଧାନ ଅଛି । ଏ ବ୍ରତ ପାପନାଶକ ଓ ପୁତ୍ର ପ୍ରାପ୍ତ୍ୟର୍ଥେ । ପୂର୍ବକାଳେ ଭଦ୍ରାବତୀପୁରୀ ରାଜା ସୁକେତୁମାନ୍ ନିଃସନ୍ତାନ ଥିଲେ, ଏହି ବ୍ରତ କରି ସେ କିପରି ପୁତ୍ର ପ୍ରାପ୍ତ କଲେ ତାହା ଏହି ବ୍ରତ ବିଧାନ ବହିରେ ଲିଖିତ । ପୁଷ ପୂର୍ଣ୍ଣମା ବି ମହତ୍ତ୍ୱପୂର୍ଣ୍ଣ । ଗଙ୍ଗାସ୍ନାନ, ଦାନ ଆଦି ଏ ତିଥିରେ କଲେ ଅଶେଷ ଅଶେଷ ଫଳପ୍ରଦ । ହିନ୍ଦୁ କ୍ୟାଲେଣ୍ଡର ଅନୁଯାୟୀ ପୌଷ ପୂର୍ଣ୍ଣିମାଠୁ କଳ୍ପବାସ ଆରମ୍ଭ ହୋଇ ମାଘ ମାସ ପୂର୍ଣ୍ଣିମାରେ ସମାପ୍ତ ହୁଏ ।

ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ଅଦ୍ଭୁତ ସଂଯୋଗ ଏହି ପୁଷ ପୁନେଇଁ । ଏଦିନ ଉଭୟଙ୍କୁ ପୂଜା କଲେ ମନସ୍କାମନା ପୂର୍ଣ୍ଣ ଏବଂ ସମସ୍ତ ସମସ୍ୟା ଅନ୍ତର୍ଦ୍ଧାନ ହୋଇଯା । 'ପୁଷମାସ ପୁଣ୍ୟପର୍ବର ଚାଷ'- ଏହା ମିଥ୍ୟା ନୁହେଁ । ଓଡ଼ିଆ ସଂସ୍କୃତି ଓ ପରମ୍ପରାର ବାହକଟିଏ କହିଲେ ବି ଅତ୍ୟୁକ୍ତି ହେବନି ।


ସମ୍ପାଦକ - ଉଦୟ ଭାନୁ
ଭାଟପଡ଼ା, ନିରାକାରପୁର,
କଣାସ, ପୁରୀ
(ମୋ)୮୯୧୭୪୮୦୫୩୬


## ସାଧାରଣ ଜନତା ତାଙ୍କର ଅଭିଯୋଗ ଏବେ କାହାକୁ ଜଣାଇବେ?



ସୁବ୍ରତ କର

କରୋନା ନିଶ୍ଚିତ ସମସ୍ତଙ୍କୁ ଭୟଭୀତ କରି ରଖିଛି । ସତରେ, ଜନ ସାଧାରଣ ଭୟଭୀତ ଯେତେ କରୋନା ପାଇଁ ନୁହଁନ୍ତି ବେଶି ସରକାରଙ୍କ ବିଭିନ୍ନ ବିଭାଗରେ ବିଭିନ୍ନ ପ୍ରକାରର ବକ୍ତବ୍ୟରେକୁ ନେଇ ବିଶେଷ ଭାବରେ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ । ଏହି ବିଭାଗରେ ପ୍ରାୟ ୫ ଜଣଙ୍କଠୁ ଉର୍ଦ୍ଧ୍ୱ ବିଭିନ୍ନ ଦାୟିତ୍ୱରେ ନିର୍ଦ୍ଦେଶକମାନେ ଅଛନ୍ତି । ଏହାଛଡ଼ା ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଏମସର ଡାକ୍ତରମାନେ ଏବଂ ସର୍ବୋପରି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା । ପ୍ରତିଦିନ କେହି ନା କେହି କିଛି କହି ଚାଲିଛନ୍ତି । ଆମେ ଭକୁଆ । ଖାଲି ଶୁଣିବୁ ଏବଂ ଖବର କାଗଜ ପଢ଼ିବ । ଏବେ ଏବେ ଦେଖନ୍ତୁ ଶିକ୍ଷା ବିଭାଗର ମନ୍ତ୍ରୀ ମହୋଦୟ କହିଲେ ୩ ତାରିଖ ଠାରୁ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ରାଜ୍ୟର ସବୁ ସ୍କୁଲ ଖୋଲିବ । ତା'ର ପର ଦିନ ସ୍ୱାସ୍ଥ୍ୟ ବିଭାଗର ଜଣେ ନିର୍ଦ୍ଦେଶକ (ଡି.ଏମ.ଇ.ଟି) କହିଲେ ଯଦି ଓମିକ୍ରନ ବଢ଼ିବ ତେବେ ସ୍କୁଲ ନ ଖୋଲି ପାରେ । ଏଥିରେ ଶିକ୍ଷକ ଶିକ୍ଷୟିତ୍ରୀ ଅଭିଭାବକ ଏବଂ ପିଲାମାନେ କଣ କରିବେ? କାରଣ ପ୍ରାୟ ୨ ବର୍ଷ ହେଲା ସ୍କୁଲ ସହ ପିଲାମାନେ ଦେଖି ନାହାନ୍ତି । ସରକାରଙ୍କ ମୁରବି କିଏ ଏଥିରୁ ଜଣା ପଡୁନାହିଁ? ସତରେ ଥରେ ଥରେ ମନେ ହୁଏ ରାଜ୍ୟରେ ମୁରବି କିଏ? ସରକାରୀ ଅଫିସର ମାନେ ନା ଖୋଦ୍ ସରକାର । ଏହା ନିହାତି ସ୍ପଷ୍ଟ ହେବା ଦରକାର । ଲୋକେ କାହା କଥାକୁ ବିଶ୍ୱାସ କରିବେ?

ଏବେ ଆସିବା ଅଭିଯୋଗ ଉପରେ । ଆମ ରାଜ୍ୟରେ ସାଧାରଣ ଜନତାଙ୍କ ପାଇଁ ଏକ ବିଶେଷ ଦିନ ସରକାର ଧାର୍ଯ୍ୟ କରିଥିଲେ (ସୋମବାର) । ମୁଖ୍ୟମନ୍ତ୍ରୀଙ୍କଠୁ ଆରମ୍ଭ କରି ବ୍ଲକ୍ ସ୍ଥିର ପର୍ଯ୍ୟନ୍ତ ଏହିଦିନ ୧୦ଟାରୁ ଦିନ ୧ ଘଣ୍ଟା ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ଦୁଃଖ କଷ୍ଟ ଏବଂ ଅଭିଯୋଗ ଶୁଣୁଥିଲେ ଅଭିଯୋଗ ପତ୍ର ମାଧ୍ୟମରେ ଏବଂ ଏହାଦ୍ୱାରା ଲୋକଙ୍କ ବହୁତ ପରିମାଣରେ ଛୋଟ ଛୋଟ ସମସ୍ୟାର ସମାଧାନ ହୋଇ ପାରୁଥିଲା ଏବଂ ଲୋକମାନେ ବିଶ୍ୱାସ କରିପାରୁଥିଲେ ତାଙ୍କ ପାଇଁ କେହି ଅଛନ୍ତି ତାଙ୍କର ଗୁହରି ଶୁଣିବା ପାଇଁ । କିନ୍ତୁ କରୋନା ଆସିବା ଦିନଠୁ ଏହା ପ୍ରାୟ ସବୁ ସ୍ତରରେ ବନ୍ଦ ଅଛି । ସରକାରଙ୍କ ସବୁ କିଛି ଚାଲିଛି ଏପରିକି ବଡବଡ଼ ସଭା ସମିତି ସରକାରୀ ସ୍ତରରେ ଏବଂ ଏହି ସବୁ ସଭା ସମିତିରେ ସରକାରଙ୍କ ଭଲ ଅଧିକାରୀମାନେ ଭାଗ ନେଉଛନ୍ତି । କିନ୍ତୁ ସାଧାରଣ ଜନତାଙ୍କ କଥା ଶୁଣିବା ପାଇଁ କେହି ନାହାନ୍ତି । ଏହା ନିଶ୍ଚିତ ଏହା ଏକ ସରକାର ଏବଂ ସାଧାରଣ ଜନତାଙ୍କ ଭେଟାଭେଟ ପାଇଁ ଅତି ସୁନ୍ଦର ପ୍ଲାଟଫର୍ମ ଥିଲା । ଏହା ଦୁଇଟି ଶ୍ରେଣୀ ମଧ୍ୟରେ ସମନ୍ୱୟ ସୃଷ୍ଟି କରିପାରିଥିଲା ଏବଂ ଲୋକଙ୍କର ବହୁତ କିଛି ସମସ୍ୟା ସମାଧାନ ହୋଇ ପାରୁଥିଲା କିନ୍ତୁ ଏବେ ଦୂର ଦୂରାନ୍ତରୁ ଲୋକେ ତାଙ୍କର ସମସ୍ୟା ନେଇ ବ୍ଲକ୍ ସ୍ତରରୁ ବା ଜିଲ୍ଲା ସ୍ତରରୁ ଫେରୁଛନ୍ତି କାରଣ ତାଙ୍କର ଦୁଃଖ କଷ୍ଟ ବୁଝିବା ପାଇଁ କେହି ନାହାନ୍ତି । ସରକାର ଲୋକଙ୍କୁ ଏହି ସୁବିଧା ଦେବାର ବ୍ୟବସ୍ଥା କରନ୍ତୁ ।



## ଫୁଲର ମନ କଥା

### ସୁଧାକର ରାଉତ

ଶୀତ ସକାଳେ ଦିପୁନା ଉଠି
ଗଲା ବଗିଚା ଆଡ଼େ
ଭାବିଲା ଫୁଲ ଆଣିବ ତୋଳି
ଖୁସି ମନରେ କେଡ଼େ ।
ଗୋଲାପ, ଟଗର ସହିତ ତରାଟ
ଆଉ ଯେତେକ ଫୁଲ
ପାଖୁଡ଼ା ବୁଜି ଥିବାର ଦେଖି
କହେ ସେ ଆଖି ଖୋଲ ।

ଗୋଲାପ ରାଣୀ କହିଲା ବାବୁ
ଶୁଣ ଟିକେ ମୋ କଥା
ପ୍ରବଳ ଥଣ୍ଡା ଆମ ମାନଙ୍କୁ
ଦେଉଛି କେତେ ବ୍ୟଥା ।

ତୁମ ପରିକା ଆମେ ତ ଏତେ
ଆରାମ ନାହିଁ ପାଉ
କୁହୁଡ଼ି କାକରେ ଭିଜି ପରା
ସୂର୍ଯ୍ୟକୁ ଚାହିଁ ରହୁ ।

ତାଙ୍କ କଅଁଳ କିରଣ ଆମ
ବାଜେ ଦେହରେ ଯେବେ
ଆଉ ନ ଶୋଇ ଆନନ୍ଦ ମନେ
ଆଖି ଖୋଲଉ ତେବେ ।

ବାବୁରେ ତୁହି ସକାଳ ହେବା
ଯାଏ କର ଅପେକ୍ଷା
ଫୁଟିଲେ ଆମେ ନେବୁ ତୁ ତୋଳି
ମାଗୁ ଏତିକି ଭିକ୍ଷା ।

ଗଛରେ ଥାଇ ମନ ଆମର
ଯେତେ ସୁଖ ନ ପାଏ
ପ୍ରଭୁଙ୍କ ପଦେ ଅର୍ପି ଲୋ ତା ଠୁ
ବେଶୀ ପୁଲକ ଥାଏ
ତୁମ ହିତରେ ଲାଗିବା ପାଇଁ
ଆମର ଏ ଜନମ
ଆମର ଯତ୍ନ ନେବାକି କୁହ
ନୁହେଁ ତୁମର କାମ?
ବୃକ୍ଷ ରହିଲେ ଆମେ ରହିବୁ
ହସିବ ପରିବେଶ
ପ୍ରକୃତି ବି ପ୍ରକାଶିବ ନାହିଁ
ତୁମ ଉପରେ ରୋଷ ।


♥ ପ୍ରତାପ ନଗରୀ, କଟକ
(ମୋ) ୮୨୪୯୯୩୨୭୯୨


## ଗାଁରେ ଶୀତ

### କବି ବିପ୍ଳବ

ଏବେ କୁହୁଡ଼ି ଭିତରେ
ହଜିଛି ଗାଁ
ହଜିଛି ଶଗଡ଼, ବଳଦ
ଲଙ୍ଗଳ, ଜୁଆଳି
ଖଳାରେ ଗଦା ହେଉନି କଳେଇ
ପଡୁନି ଧାନ ବେଙ୍ଗଳା
ଖୋଜା ପଡୁ ନାହାନ୍ତି ମଜୁରିଆ ।
ନାହିଁ ବଳକୋଳି ଗଛ
ମରା ହେଉନି ଫୋପାଡ଼
ନାହିଁ ମାଟି କାନ୍ଥ
ପଡୁନି ଝୋଟି ଚିତା
ହଜିଛି ବାସ୍କେଟ ବଲ, ହଜିଛି କବାଡି
ନୀଳ ଆକାଶ ତଳେ
ଦୋଳି ଖେଳୁନି ଗୁଡ଼ି ।
ପୁଆଁ ହେଉନି ନିଆଁ
ଧାନ ବେଙ୍ଗଳା ପାଖରେ
ମହୀ ସାଉ ନାହିଁ
ବିକିବାକୁ ମନୋହର, ମୁଆଁ
କ୍ଷେତରେ ଲହଡି ଭାଙ୍ଗୁନି
ସୁନାର ଫସଲ
ଚାରିଆଡେ କୋଠା ବାଡ଼ି, ଇଟା
ଭାଟି
ଚିମିନୀର ଧୂଆଁ ।


♥ ମକୁନ୍ଦ ପୁର, ବାଙ୍କୀ
(ମୋ) ୯୪୩୭୪୬୮୦୧୬


## ଶେଷ ଡିସେମ୍ବର

### ଅକିଞ୍ଚନ ଅନିକେତ ବୃନ୍ଦାବନ ଦାଶ



ଡିସେମ୍ବର ଶେଷ ହେବାକୁ
ଆଉ ମାତ୍ର ଦିନଟିଏ
ଆଜି ଠାରୁ

ଶୀତସନ୍ଧ୍ୟାର ଚାଦର ତଳେ
ଆମେ ସମସ୍ତେ ଏବେ
ଦୂବରୁ ଦାରୁ ପର୍ଯ୍ୟନ୍ତ

କେହିକେହି ନିଆଁ ପୋଉଁଛନ୍ତି
କୁଟା କାଠି କାଠଚେନା ଜାଳି
ତ କେହିକେହି ଉହ୍ମେଇକୁଘେରି
କୁଣ୍ଡଳାକାରରେ

ପବନ ସୋରାଏ
ଦେହରେ ଲାଗିଲେ
ଶୀତରେ ଥରିଉଠେ ଛାତି
ଏବେଳରେ ସବୁ ସ୍ଥିର
କେବଳ ଅସ୍ଥିର ଏ ମନ
ଉଞ୍ଚରେ ଉଡୁଥିବା
କାଗଜର ଗୁଡି ପରି

ସ୍ତିମିତ ଆଲୋକର ପଥେ
ଚଉପାଶୁ ଅନ୍ଧାର
ଡେଇଁ ଆସେ
ବଣି ଚଢ଼େଇଟି ପରି

ଏବେ ସଞ୍ଜ ପ୍ରାର୍ଥନା
ଧ୍ୟାନ ଟିକେ କରିବାର ବେଳ
ଶୁଭ ଶଙ୍ଖର ଭୁଂ
ଆଉ ଚଉରା ମୂଳରେ
ପୁଣି ଠାକୁର ଘରେ
ଧୂପଦୀପର ଆସର
ଦୀପଶିଖାର ଉତ୍ତାପ ବି
ବଡ଼ ଆଶ୍ୱାସନା ଦିଏ

ପୁରୁଣା ହେଲାଣି ଆସି
କ୍ୟାଲେଣ୍ଡର ବର୍ଷ
ବଦଳିବ ବଡ଼ ଶୀଘ୍ର
କଅଁଳା ବାଛୁରିଟେ ପରି
ଡେଇଁ ଡେଇଁ ଆସିଯିବ ନୂଆ
ନୂଆ କ୍ୟାଲେଣ୍ଡର କାନ୍ଥରେ ଝୁଲିବ

କେତେ ସ୍ମୃତି ବିସ୍ମୃତ ହୋଇବ
କିଛି ସ୍ମୃତି ସ୍ମୃତି ହୋଇ ରହିଯିବ ମନ
ଇଲାକାରେ ।


♥ ଭୁଗୁଡ଼ାକଟା, ୱାର୍ଡ ନଂ - ୨୬
ଭଞ୍ଜପୁର, ବାରିପଦା - ୨
ପିନ - ୭୫୭୦୦୨
ଜିଲ୍ଲା - ମୟୂରଭଞ୍ଜ
(ମୋ) ୯୬୬୮୮୯୦୭୭୩


## ରୂପସୀ ଚିଲିକା

### ମାନଗୋବିନ୍ଦ ବାରିକ୍

ଚାରୁ ଲାସ୍ୟମୟୀ ରୂପସୀ ନାୟିକା,
ଶ୍ରୀମୟୀ ଶ୍ରୀରୂପା ନୀଳାମ୍ବୁ ଚିଲିକା,
ମରାଳ ମାଳିନୀ ଶୈବାଳିନୀ ବିଭା,
ଶ୍ୟାମ ନୀଳାମ୍ବୁର ଅପରୂପ ଶୋଭା।

ନୈସ୍ୱର୍ଗୀକ ଆଭା ଅନିନ୍ଦ୍ୟ ସୁନ୍ଦରୀ,
ଦିଗନ୍ତ ବିସ୍ତାରି ସୁଷମା ମଞ୍ଜରୀ,
ଉତ୍କଳ ଜନନୀ କଟୀ-ଚନ୍ଦ୍ରହାର,
ପ୍ରକୃତି ଭାରତୀ ରମ୍ୟ ଗନ୍ତାଘର।

ନୀଳ ଜଳରାଶି ଶ୍ୟାମ-ଶୈଳ ଆଭା,
ଚିଲିକା ରାଣୀର ଠାଣି ପ୍ରାଣଲୋଭା,
ଲାବଣ୍ୟ ସଲିଳା ଶୁଭ୍ର ଉର୍ମିମାଳା,
ହୀରଣ୍ୟ ଅଂଶୁରେ ମୌକ୍ତିକ ମଞ୍ଜୁଳା।

ସୋଲରୀ,ଭାଲେରୀ ରୁକ୍ଷ-ଘଣ୍ଟଶିଳା,
ଶୈଳଶ୍ରୀ ଶିଳାର ତୁଙ୍ଗ ଗିରି ମାଳା,
ମଧୁଚନ୍ଦ୍ରା, ମାମୁଁ- ଭଣଜା ପର୍ବତ,
ଚଢ଼େଇ ହଗାର ଧବଳ ସୈକତ।

ଗଡ଼-ପାରିକୁଦ ଜଟିଆ, ମାଲୁଦ,
ଖଣ୍ଡାହଣା, ସାତ- ପଡା, ଅର୍ଖ କୁଦ,
ନାରାୟଣୀ, ହରିଚଣ୍ଡୀ, ଭଗବତୀ,
ତାରା,କାଳୀଜାଇ ପୀଠ ମଣ୍ଡିଛନ୍ତି।

ଚିଲ,ମାଛରଙ୍କା,ଗେଣ୍ଡି,ଗେଣ୍ଡାଳିଆ,
ଟେଣ୍ଟେଇ,ଡାହୁକ, ବଗ,ଭଦଳିଆ,
ହଂସ, ହଂସରାଳୀ ବିହଙ୍ଗ ଦମ୍ପତି,
ନୀଳଜଳେ ଛଳେ ତରଙ୍ଗେ ଭାସନ୍ତି।

ନାସି,ନଳବନ, କେଦାର, କାନନ,
ଶୈଳ,ଟଙ୍କ,ଗିରି, କନ୍ଦରା, ଅରଣ୍ୟ,
କୂଳରେ ଅଶୋକ, ଅଶ୍ୱତ୍ଥ, ତମାଳ,
ପନସ, ରସାଳ, ପୂଗ,ନାରିକେଳ।

କର୍କଟ, କଚ୍ଛପ, ସାଙ୍କୁଚ,ମଗର,
ଚିଙ୍ଗୁଡ଼ି, ଚିତଳ ଖଙ୍ଗା,ଶିଶୁମାର,
ଜାତିଜାତି ମତ୍ସ୍ୟ- ସମ୍ପଦ ସମ୍ଭାର ,
ଜଳପ୍ରାଣୀ-ଧନ ରକ୍ଷାର ଆଧାର।

ମାଳମାଳ ପୋତ ନୀଳଜଳେ ଭାସେ,
ବହିତ୍ର, ବୋଇତ ତରଙ୍ଗେ ବିଭାସେ,
ମତ୍ସ୍ୟ ଜୀବୀଙ୍କର ଜୀବିକା ଜୀବନ,
ସୁଜଳା-କମଳା ଚିଲିକାର ଦାନ।

ନିଶବ୍ଦ ନିଶିରେ ଆଲୋକର ମାଳା,
ଶୀତାଂଶୁ ଅଂଶୁରେ ଶୁଭ୍ର ସମୁଜ୍ଜ୍ୱଳା,
ତାରକା-ରଞ୍ଜିତ ଆକାଶର ଭ୍ରାନ୍ତି,
ମର୍ତ୍ତ୍ୟେ ସ୍ୱର୍ଗଶିରି ରମଣୀୟ କାନ୍ତି।

ନୌସେନା ଶିବିର ପାନ୍ଥିକା ନିବାସ,
ବରକୂଳ,ରମ୍ଭା, ହୁମା- ହ୍ରଦ ପାଶ,
ଶୋକ ବିମୋଚନ ଅପ୍ସରା ଭୁବନ,
ସୌନ୍ଦର୍ଯ୍ୟ ସମ୍ଭାରେ ଚିତ୍ତ ସମ୍ମୋହନ।


♥ 'ବାସ-ଶ୍ରେୟା',
ଏମ୍. ଆଇ. ଜି.-୭୫,ବି ଡି ଏ
କଲୋନୀ, ଫେଜ୍-
୧,ପୋଖରୀପୁଟ,ଭୁବନେଶ୍ୱର-୨୦
(ମୋ)୯୪୩୭୨୬୬୩୫

# ବିବାହ ପରେ ସୁଟିଂକୁ ଫେରିଲେ କ୍ୟାଟ୍



ବିବାହ ଓ ହନିମୁନ ପାଇଁ ସର୍ଟ ବ୍ରେକ୍ ନେଇଥିବା କ୍ୟାଟ୍ରିନା କୈଫ ପୁଣି ଥରେ ସୁଟିଂ ସେଟ୍‌କୁ ଫେରିଛନ୍ତି। ସ୍ୱାମୀ ଭିକି କୌଶଲ ବହୁ ପୂର୍ବରୁ ସୁଟିଂକୁ ଫେରି ସାରିଥିବା ବେଳେ ଏବେ ଫୁଲ୍ ଦମରେ ସେଟ୍‌କୁ ଓହ୍ଲାଇଛନ୍ତି କ୍ୟାଟ୍। ଏନେଇ ଖୋଦ କ୍ୟାଟ୍ ସୋଶାଲ ମିଡିଆରେ ପୋଷ୍ଟ କରି ଫ୍ୟାନ୍ସଙ୍କୁ ସୂଚନା ଦେଇଛନ୍ତି। କ୍ୟାଟ୍ରିନା ପୋଷ୍ଟ କରି ଲେଖିଛନ୍ତି, ନୂଆ ଆରମ୍ଭ । ପୁଣି ଥରେ ସେଟ୍‌କୁ ଫେରିଲି। ନିର୍ଦ୍ଦେଶକ ଶ୍ରୀରାମ ରାଘବନଙ୍କ 'ମେରି କ୍ରୀସମାସ' ପାଇଁ ଆରମ୍ଭ କଲି କାମ । ବହୁ ପୂର୍ବରୁ ଶ୍ରୀରାମ ସାରଙ୍କ ସହ କାମ କରିବାକୁ ଚାହୁଁଥିବା ବେଳେ ଏବେ ସୁଯୋଗ ପାଇଛି। ଥ୍ରୀଲର କାହାଣୀ କଥା ଉଠିଲେ ସେଥିରେ ସେ ପାରଙ୍ଗମ । ତାଙ୍କ ନିର୍ଦ୍ଦେଶିତ ଫିଲ୍ମରେ କାମ କରିବା ଖୁବ୍ ସମ୍ମାନର କଥା। ବିଜୟ ସେତୁପତି, ରମେଶ ତୌରାନୀ ଓ ସଞ୍ଜୟ ରାଉତରେଙ୍କ ପରି କଳାକାରଙ୍କ ସହ କାମ କରିବାର ସୁଯୋଗ ପାଇ ଖୁବ ଉତ୍ସାହିତ ଅଛି। ଅନ୍ଧାଧୂନ ଫିଲ୍ମ ନିର୍ଦ୍ଦେଶକ ଶ୍ରୀରାମ ରାଘବନ 'ମେରି କ୍ରିସମସ' ଫିଲ୍ମର ନିର୍ଦ୍ଦେଶକ ଅଟନ୍ତି। କ୍ୟାଟଙ୍କ ଅପୋଜିଟରେ ଏହି ଫିଲ୍ମରେ ନଜର ଆସିବେ ସାଉଥ ସୁପରଷ୍ଟାର ବିଜୟ ସେତୁପତି। କ୍ୟାଟ୍ ପ୍ରଥମ ଥର ବିଜୟଙ୍କ ସହ କାମ କରିବେ। ଫିଲ୍ମର ସୁଟିଂ ମୁମ୍ବାଇରେ ଆରମ୍ଭ ହୋଇଥିବା ବେଳେ ୨୦୨୩ ମସିହାରେ ଏହା ମୁକ୍ତିଲାଭ କରିବ ବୋଲି ଜଣାଯାଇଛି। ଡିସେମ୍ବର ୯ ତାରିଖରେ ରାଜସ୍ଥାନର ସୱାଇ ମାଧୋପୁରର ସିକ୍ସ ସେନ୍ସ ଫୋର୍ଟରେ ବିକ୍କି-କ୍ୟାଟ୍‌ଙ୍କ ବିବାହ ହୋଇଥିଲା। ଏହାପରେ ଡିସେମ୍ବର ୧୦ ତାରଖରେ କ୍ୟାଟ୍ରିନା ଏବଂ ବିକ୍କିଙ୍କ ପରିବାର ସଦସ୍ୟ ଏବଂ ଅତିଥିମାନେ ମୁମ୍ବାଇ ଫେରିଥିଲେ। ବିକ୍କି ଏବଂ କ୍ୟାଟ୍ରିନା ବିବାହ ପରେ ହନିମୁନ୍ ପାଇଁ ମାଲଦ୍ୱୀପ ଯାଇଥିବା ନେଇ ଚର୍ଚ୍ଚା ହେଉଥିଲା। ଉଭୟ ମଧ୍ୟ ଚପରରେ ବସିଥିବା ନଜର ଆସିଥିଲେ। ତଥାପି, ସେମାନଙ୍କର ହନିମୁନ୍ ଡେଷ୍ଟିନେସନ୍‌କୁ ନେଇ ଏପର୍ଯ୍ୟନ୍ତ କିଛି ଖୁଲାସା ହୋଇନାହିଁ। ଏହାପରେ କ୍ୟାଟ୍ ମଥାରେ ସିନ୍ଦୂର, ହାତରେ ଚୁଡ଼ି ପିନ୍ଧି ବିବାହ ପରେ ପ୍ରଥମ ଥର ମିଡିଆ ସମ୍ମୁଖକୁ ଆସିଥିଲେ। ଏହାପରେ ଶାଶୁ ଘରେ ଥିବା କ୍ୟାଟ୍ ଏହାମଧ୍ୟରେ ଜୁହୁସ୍ଥିତ ନିଜ ନୂଆ ଫ୍ଲାଟ୍‌ରେ ଗୃହ ପ୍ରବେଶ କରି ସାରିଥିବା ଜଣାଯାଇଛି।

# ପ୍ରିୟଙ୍କା ହେବାକୁ ଚାହୁଁଛନ୍ତି ବ୍ରହ୍ମାଣ୍ଡ ସୁନ୍ଦରୀ



ଚଳିତ ବର୍ଷ ଭାରତକୁ ମିଳିଛି ମିସ୍ ୟୁନିର୍ଭସ ମୁକୁଟ। ହରନାଜ କୌର ସନ୍ଧୁ ବନିଛନ୍ତି ବ୍ରହ୍ମାଣ୍ଡ ସୁନ୍ଦରୀ, ଆଉ ସୃଷ୍ଟି କିରଛନ୍ତି ଇତିହାସ। ତାଙ୍କୁ ଚାରିଆଡୁ ଢ଼େର ସାରା ପ୍ରଶଂସା ମିଳିଛି। ସୁନ୍ଦରତା ସହ ନିଜ ସରଳ ବ୍ୟକ୍ତିତ୍ୱ ପାଇଁ ସମସ୍ତଙ୍କ ଧ୍ୟାନ ଆକର୍ଷିତ କରିଛନ୍ତି। ଏବେ ତାଙ୍କର ବଲିଉଡରେ ଡେବ୍ୟୁକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହାରି ଭିତରେ ହରନଜା ନିଜ ମନ କଥା ବଖାଣିଛନ୍ତି। ସେ କେଉଁ ଅଭିନେତ୍ରୀଙ୍କ ଠାରୁ ପ୍ରେରିତ ହୋଇଛନ୍ତି ଆଉ କାହା ଭଳି ହେବାକୁ ଚାହୁଁଛନ୍ତି ସେ ନେଇ ଖୁଲାସା କରିଛନ୍ତି।

ବ୍ରହ୍ମାଣ୍ଡ ସୁନ୍ଦରୀ ହରନାଜ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ବନିବାକୁ ଚାହୁଁଛନ୍ତି। ପ୍ରିୟଙ୍କାଙ୍କ ବାୟୋପିକ୍ କାମ କରିବାକୁ ଚାହୁଁଛନ୍ତି ହରନାଜ। ଏନେଇ ଏକ ସାକ୍ଷାତକାରରେ କହିଛନ୍ତି ବ୍ରହ୍ମାଣ୍ଡ ସୁନ୍ଦରୀ। ନିକଟରେ ହରନାଜ ସାକ୍ଷାତକାରରେ କହିଛନ୍ତି, 'ପ୍ରିୟଙ୍କା ଚୋପ୍ରା ତାଙ୍କୁ ଆରମ୍ଭରୁ ପ୍ରେରଣା ଦେଇଛନ୍ତି। ଯଦି ଅଭିନେତ୍ରୀଙ୍କ ବାୟୋପିକ୍ ତିଆରି ହୁଏ, ତେବେ ସେ ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ପସନ୍ଦ କରିବେ। ହାରନାଜଙ୍କ ମିସ୍ ୟୁନିର୍ଭସ ବନିବାର ପୂରା ଯାତ୍ରାରେ ପ୍ରିୟଙ୍କା ଚୋପ୍ରାଙ୍କର ଏକ ବଡ଼ ହାତ ଅଛି। କେବଳ ମୁଁ ନୁହେଁ, ପ୍ରିୟଙ୍କା ତାଙ୍କ ଯାତ୍ରା ସହିତ ଲକ୍ଷ ଲକ୍ଷ ଏବଂ କୋଟି କୋଟି ଲୋକଙ୍କୁ ପ୍ରେରଣା ଦେଇଛନ୍ତି।'

ବ୍ରହ୍ମଣ୍ଡ ସୁନ୍ଦରୀ ହରନାଜ ଆହୁରି କହିଛନ୍ତି, 'ପ୍ରିୟଙ୍କା ଚୋପ୍ରା ନିଜର ଏକ ବ୍ରାଣ୍ଡ ସୃଷ୍ଟି କରିଛନ୍ତି। ସେ କେବଳ ସୁନ୍ଦରତା ବଳରେ ଭାରତକୁ ଦର୍ଶାଇ ନାହାନ୍ତି, ବରଂ ତାଙ୍କ ଅଭିନୟ ଏବଂ ଗୀତ କ୍ୟାରିୟରରେ ମଧ୍ୟ ପ୍ରଦର୍ଶନ କରିଛନ୍ତି। ସେ ଭାରତକୁ ଗର୍ବିତ କରିଛନ୍ତି। ମୁଁ ତାଙ୍କ ପଦାଙ୍କ ଅନୁସରଣ କରିବାକୁ ଚାହୁଁଛି ଏବଂ ପ୍ରିୟଙ୍କାଙ୍କ ଭଳି ଭାରତକୁ ପ୍ରତିନିଧିତ୍ୱ କରିବାକୁ ଚାହୁଁଛି।'

ଏହାପୂର୍ବରୁ ମଧ୍ୟ ହରନାଜ ପ୍ରିୟଙ୍କା ଚୋପ୍ରାଙ୍କୁ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି। କିଛି ଦିନ ପୂର୍ବରୁ ହରନାଜଙ୍କ ଏକ ଭିଡିଓ ସାମ୍ନାକୁ ଆସିଥିଲା, ଯେଉଁଥିରେ ସେ କହିଥିଲେ ଯେ ମୁଁ ପ୍ରିୟଙ୍କା ଚୋପ୍ରାଙ୍କୁ ଭଲପାଏ। ମୁଁ ତାଙ୍କଠାରୁ ଯାହା କିଛି ଶିଖିଛି, ମୁଁ ସବୁବେଳେ ମୋ ସାଙ୍ଗରେ ନେଇଯିବି, ମୁଁ ସର୍ବଦା ପ୍ରିୟଙ୍କାଙ୍କୁ ମୋର ପ୍ରେରଣା ଭାବରେ ବାଛିବି।"

ହରନାଜ ଦୀର୍ଘ ୨୧ ବର୍ଷ ପରେ ଭାରତ ପାଇଁ ମିସ୍ ୟୁନିଭର୍ସ ମୁକୁଟ ଆଣିଛନ୍ତି। ଏହା ପୂର୍ବରୁ ଲାରା ଦତ୍ତା ମିସ ୟୁନିଭର୍ସ ହୋଇଥିଲେ।


आज़ादी का अमृत महोत्सव

ସତ୍ୟମେବ ଜୟତେ

ଭାରତ ସରକାର
କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ



ପ୍ରଗତିଶୀଳ ଏବଂ ସମୃଦ୍ଧ କୃଷକ
- ଆତ୍ମନିର୍ଭରଶୀଳ ଭାରତର ପ୍ରତୀକ

ପିଏମ କିଶାନ ସମ୍ମାନ ନିଧିର
୧୦ କୋଟିରୁ ଅଧିକ କୃଷକ ପରିବାରକୁ
୨୦,୦୦୦ କୋଟି ଟଙ୍କାରୁ ଅଧିକ ସମ୍ମାନ ରାଶି ସ୍ଥାନାନ୍ତର

ଏବଂ

କୃଷକ ଉତ୍ପାଦକ ସଂଗଠନକୁ ୧୪ କୋଟି ଟଙ୍କା
ରୁ ଅଧିକ ଇକ୍ୱିଟି ଅନୁଦାନର ହସ୍ତାନ୍ତରଣ-
୧.୨୪ ଲକ୍ଷରୁ ଅଧିକ କୃଷକ ଉପକୃତ ହୋଇଛନ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଙ୍କ ଦ୍ୱାରା

ଏବଂ ଏଫ୍‌ପିଓର ହିତାଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ପାରସ୍ପରିକ ସମ୍ପର୍କ
୧ ଜାନୁଆରୀ ୨୦୨୨ ରେ ମଧ୍ୟାହ୍ନ ୧୨:୩୦. ଭିଡିଓ କନଫରେନ୍ସିଂ ମାଧ୍ୟମରେ

ପିଏମ୍- କିଶାନ ସମ୍ମାନ ନିଧି

- ସ୍କିମ୍ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ୧୧.୫୦ କୋଟିରୁ ଅଧିକ ଲାଭାର୍ଥୀ କୃଷକଙ୍କ ବ୍ୟାଙ୍କ ଖାତାରେ ସିଧା ୧ ଲକ୍ଷ ୬୦ ହଜାର କୋଟିରୁ ଅଧିକ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତରିତ ହୋଇଛି ।
- ଏହି ଯୋଜନା ଅଧୀନରେ ୨ହଜାର ଟଙ୍କା ତିନି ସମାନ କିସ୍ତିରେ ହିତାଧିକାରୀ ଚାଷୀଙ୍କୁ ବାର୍ଷିକ ୬,୦୦୦ ସ୍ଥାନାନ୍ତର କରାଯାଏ ।
- ଏହି ଯୋଜନାର ସମ୍ପୂର୍ଣ୍ଣ ଖର୍ଚ୍ଚ ଭାରତ ସରକାର ବହନ କରିବେ।
- ହିତାଧିକାରୀଙ୍କ ସମସ୍ୟାର ସମାଧାନ ପାଇଁ ବିସ୍ତୃତ ଅଭିଯୋଗର ସମାଧାନ ପ୍ରଣାଳୀ ଏବଂ କେନ୍ଦ୍ରୀୟ ସହାୟତା ସ୍ଥାପିତ ।
- ସ୍କିମ୍‌ର ଲାଭ ଏବଂ ପ୍ରୟୋଗର ସ୍ଥିତି https://pmkisan.gov.in ଏବଂ ମୋବାଇଲ୍ ଆପ୍ ରେ ଉପଲବ୍ଧ ।

କୃଷକ ଉତ୍ପାଦକ ସଂଗଠନ

- ୧୦,୦୦୦ କୃଷକ ଉତ୍ପାଦକ ସଂଗଠନର ପ୍ରତିଷ୍ଠା ପାଇଁ ୬,୮୬୫ କୋଟି ଟଙ୍କା ପ୍ରଦାନ ।
- 'ବିହନ ଟୁ ମାର୍କେଟ'ର ଦୃଷ୍ଟିକୁ ମଜବୁତ କରିବା ପାଇଁ ଦେଶର ପ୍ରତ୍ୟେକ ବ୍ଲକରେ FPO ଗଠନ କରାଯିବ ।
- ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ FPO ଦ୍ୱାରା ବିନିଯୋଗ ଉପରେ ଇକ୍ୱିଟି ଗ୍ରାଣ୍ଟ ସହିତ ମେଳ ଖାଇବାର ବ୍ୟବସ୍ଥା ।
- ୨ କୋଟ ଟଙ୍କା ପର୍ଯ୍ୟନ୍ତ ପ୍ରତ୍ୟେକ FPO କୁ ସରକାରଙ୍କ ଦ୍ୱାରା ବିନା ସୁରକ୍ଷାରେ କ୍ରେଡିଟ୍ ଗ୍ୟାରେଣ୍ଟି ।
- କୃଷି ଭିତ୍ତିଭୂମି ପାଣ୍ଠି ଅଧୀନରେ FPO ପାଇଁ ମଧ୍ୟ ୧ ଲକ୍ଷ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ।

davp 01101/13/0026/2122

କାର୍ଯ୍ୟକ୍ରମର ସିଧା ପ୍ରସାରଣ ପାଇଁ ଡିଡି ନ୍ୟୁଜ୍ କିମ୍ବା ଡିଡି କିସାନ୍ ଚ୍ୟାନେଲ୍ ଦେଖନ୍ତୁ । | AgriGoI | କିସାନ କଲ୍ ସେଣ୍ଟର 1800-180-1551 | ପ୍ରାକୃତିକ ଚାଷ ଉପରେ ସୂଚନା ପାଇଁ ସ୍କାନ୍ କିମ୍ବା କୋଡ୍ ସ୍କାନ୍ କରନ୍ତୁ ।


# ଭାଙ୍ଗିଲା ସାତ ବର୍ଷର ସମ୍ପର୍କ, ଅଲଗା ହେଲେ ଏହି ଦୁଇ ସେଲିବ୍ରିଟି



ଅଲଗା ହେଲେ ଟେଲିଭିଜନ ଦୁନିଆର ମୋଷ୍ଟ ପପୁଲାର ଯୋଡି। ହ୍ୟାଣ୍ଡସମ ହଙ୍କ ଭିଭିଆନ ଡିସେନା ଓ ବାହବିଜ୍‌ଙ୍କ ହେଲା ଛାଡପତ୍ର। ଭାଙ୍ଗିଲା ସାତ ବର୍ଷର ସମ୍ପର୍କ। ଏନେଇ ଦୁହେଁ ସୋଶାଲ ମିଡିଆରେ ଏକ ବୟାନ ଜାରି କରି ସୂଚନା ଦେଇଛନ୍ତି।

ସାତ ବର୍ଷ ପୂର୍ବେ ଏ ଦୁଇ ସେଲେବ୍ରିଟିଙ୍କ ବିବାହ ହୋଇଥିଲା। ତେବେ ବିବାହର ତିନି ବର୍ଷ ପରେ ହିଁ ଭିଭିଅନ୍ ଓ ବାହବିଜ୍ ଅଲଗା ହୋଇଯାଇଥିଲେ। ଦୁହେଁ ଆଉ ଏକାଠି ରହୁନଥିଲେ। ଏହାପରେ ଦୀର୍ଘ ଦିନର ଆଇନଗତ ଲଢ଼େଇ ପରେ ତାଙ୍କୁ ଆଜି ଛାଡପତ୍ର ମିଳିଛି। ଉଭୟ ଅଫିସିଆଲି ଏବେ ଅଲଗା ହୋଇଯାଇଛନ୍ତି। ଟେଲି ଚକ୍କରର ରିପୋର୍ଟ ମୁତାବକ, ଭିଭିଆନ୍ ଏବଂ ବାହବିଜ୍ ମିଳିତ ବିବୃତ୍ତି ଜାରି କରି ଛାଡପତ୍ର ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ବିବୃତ୍ତିରେ ସେ ଛାଡପତ୍ର ପାଇଁ କାହାକୁ ଦାୟୀ କରିନାହାଁନ୍ତି ଏବଂ କୌଣସି କାରଣ ଦର୍ଶାଇ ନାହାଁନ୍ତି। ସେ ଲେଖିଛନ୍ତି- 'ଆମେ ଘୋଷଣା କରୁଛୁ ଯେ ଆମେ ଆଇନଗତ ଭାବରେ ଅଲଗା ହୋଇଛୁ ଏବଂ ବର୍ତ୍ତମାନ ଆମର ଛାଡପତ୍ର ହୋଇସାରିଛି। ଆମେ ବର୍ଷ ବର୍ଷ ଧରି ବହୁତ କଠିନ ପରିଶ୍ରମ କରିଥିଲୁ ଏବଂ ଆମେ ଏହି ସିଦ୍ଧାନ୍ତରେ ପହଞ୍ଚିଲୁ ଯେ ପରସ୍ପର ଠାରୁ ଅଲଗା ହୋଇଯିବା ଉଚିତ।'

ସେ ଆହୁରି କହିଛନ୍ତି, 'ଛାଡପତ୍ର ନେବା ନିଷ୍ପତ୍ତି ଆମ ଦୁହିଁଙ୍କର ଥିଲା। ଏହା ଏକ ପାରସ୍ପରିକ ନିଷ୍ପତ୍ତି ଏବଂ କାହାର ପକ୍ଷ ରଖିବା କିମ୍ବା କାହାକୁ ଦୋଷ ଦେବା କିମ୍ବା ଆମର ଅଲଗା ହେବାର କାରଣ ଖୋଜି ବାହାର କରିବା ଆବଶ୍ୟକ ନାହିଁ ବୋଲି ସେ କହିଛନ୍ତି। ଏହାକୁ ବୁଝିବା ପାଇଁ ଆମେ ଆମର ପ୍ରଶଂସକମାନଙ୍କୁ ନିବେଦନ କରୁଛୁ। ଆମେ ଆମର ସମ୍ପର୍କକୁ ବ୍ୟକ୍ତିଗତ ରଖିଛୁ ଏବଂ ଆମର ବ୍ୟକ୍ତିଗତ ଜୀବନ ବିଷୟରେ ଆଲୋଚନା କରିବା ଆମ ପାଇଁ କଷ୍ଟକର। ମୁଁ ଆଶା କରୁଛି ଯେ ପ୍ରଶଂସକଙ୍କ ପ୍ରେମ ଏବଂ ସମର୍ଥନ ସହ ଆମେ ଆମ କାର୍ଯ୍ୟ ଜାରି ରଖିବୁ।'

ଭିଭିଆନ୍ ଓ ବାହବିଜଙ୍କ 'ପ୍ୟାର କି ଏକ କାହାନୀ' ସେଟ୍‌ରେ ଦେଖାସାକ୍ଷାତ ହୋଇଥିଲା। ଏଠାରୁ ହିଁ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ପରେ ୨୦୧୩ରେ ଉଭୟ ଧୁମ୍‌ଧାମ୍‌ରେ ବିବାହ କରିଥିଲେ। ତେବେ ବିବାହର ତିନି ବର୍ଷ ପରେ ଦୁହିଁଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଯାଇଥିଲା। ଦୁହେଁ ପରସ୍ପର ଠାରୁ ଅଲଗା ରହିଥିଲେ।

# 'ଭାଇଜାନ୍' ସଲମାନ ଚଲାଇଲେ ଅଟୋ

ବଲିଉଡ ସୁପରଷ୍ଟାର ସଲମାନ ଖାନ ରାସ୍ତାରେ ଅଟୋ ଚଳାଉଥିବା ଦୃଶ୍ୟ ବହୁତ କମ ଦେଖିବାକୁ ମିଳିଥାଏ । ତେଣୁ ସେ ଯେତେବେଳେ ମୁମ୍ବାଇର ପାନଭେଲ ଅଞ୍ଚଳରେ ଓଟୋ ଚଲାଇଲେ,ସେହି ଭିଡିଓଟି ଭାଇରାଲ ହୋଇଯାଇଥିଲା । ସଲମାନ ପାନଭେଲ ଫାର୍ମହାଉସରେ ନିଜର ୫୬ତମ ଜନ୍ମଦିନ ପାଳନ କରିଥିଲେ। ଏବେ ସଲମାନ ଅଟୋ ଚଳାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ସଲମାନ ଖାନଙ୍କୁ ଉତ୍ସର୍ଗ କରାଯାଇଥିବା ସଲମାନ ଖାନଙ୍କ ଫ୍ୟାନ ପେଜଗୁଡିକରେ ଦେଖିବାକୁ ମିଳିଛି ଏହି ଭିଡିଓ । ଏହି ଭିଡିଓରେ ସଲମାନ ଗୋଟିଏ ନୀଳ ଟି-ସାର୍ଟ ଓ ଗୋଟିଏ ଟୋପି ପିନ୍ଧି ରାସ୍ତାରେ ଅଟୋ ରିକ୍ସା ଚଳାଉଥିବାର ଦେଖିବାକୁ ମିଳିଛି । ମିଡିଆ ରିପୋର୍ଟ ଅନୁସାରେ, କିଛିଦିନ ପୂର୍ବରୁ ସଲମାନଙ୍କୁ ପାନଭେଲରେ ଏକ ବିଷହୀନ ସାପ କାମୁଡି ଦେଇଥିଲା । ସଲମାନଙ୍କୁ ଅତିଶୀଘ୍ର ନେଇ ମୁମ୍ବାଇର ହସ୍ପିଟାଲରୁ ନିଆଯାଇଥିଲା,ପରେ ରବିବାର ସକାଳେ ତାଙ୍କୁ ହସ୍ପିଟାଲରୁ ମୁକ୍ତ କରାଯାଇଥିଲା ।ଏହି ଘଟଣା ବିଷୟରେ ବର୍ଣ୍ଣନା କରି ସଲମାନ ମଜାରେ କହିଛନ୍ତି, "ମୁଁ ଯେତେବେଳେ ଆସିଲି,ଆମେ ସାପକୁ ଯିବାକୁ ଦେଇଥିଲୁ । ମୋ ଭଉଣୀ ସତରେ ଡରିଯାଇଥିଲା । ତେଣୁ ମୁଁ ତା ପାଇଁ ସାପ ସହ ଏକ ଫଟୋ ଉଠେଇଥିଲି ।ସାପ ସହ ବନ୍ଧୁତା ହୋଇଗଲା ।" ମୋ ବାପା ପଚାରିଲେ ଯେ କଣ ହେଲା ? ସାପଟି ଜିଅନ୍ତା ଅଛି ? ମୁଁ କହିଲି, "ଟାଇଗର୍ ବି ଜିଅନ୍ତା ଅଛି, ସାପ ବି ଜିଅନ୍ତା ଅଛି ।"

# ସମ୍ବଲପୁରର ଗୁଟଖା କମ୍ପାନୀ ବନ୍ଦ କରିବାକୁ ଛାତ୍ର କଂଗ୍ରେସର ଦାବି

ଭୁବନେଶ୍ୱର,୩୦/୧୨ (ନି.ପ୍ର): ସମ୍ବଲପୁରରୁ ଝାରସୁଗୁଡ଼ା ରାସ୍ତା କଡ଼ରେ ପରଧୁଆ ପାଲ୍ଲିରେ କେ.ପି. ସୁଗନ୍ଧ ଲିମିଟେଡ ନାମକ କମ୍ପାନୀ ସରକାରଙ୍କ ସମସ୍ତ ପ୍ରତିବନ୍ଧକ ଓ ନିୟମାବଳୀ ଉଲଙ୍ଘନ କରି "ମଧୁବନ" ସଫଳ ଗୁଟଖା ଓ ପାନମସଲା ଅବାଧରେ ତିଆରି କରୁଛି ।ଅଗ୍ନିଶମ ବିଭାଗରୁ ଏହି କମ୍ପାନୀକୁ ଅନୁମତି ଦିଆଯାଇ ନାହିଁ । ଏଥିପାଇଁ ଗୃହବିଭାଗର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଦାୟୀ । ଏହି କମ୍ପାନୀର ଶ୍ରମିକ ଅତି ନିର୍ଯ୍ୟାତିତ ଅବସ୍ଥାରେ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ କାମ କରୁଛନ୍ତି । ହେଲେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଏହାକୁ ଘଂଟ ଘୋଡାଇଛନ୍ତି ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଭିଯୋଗ କରିଛନ୍ତି । ତେଣୁ କମ୍ପାନୀର ମାଲିକଙ୍କୁ ଗିରଫ ଓ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଏହି ଦୁର୍ଘଟଣା ପାଇଁ ଶ୍ରମମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କୁ ଦାୟୀ କରାଯାଇ ସେମାନଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରାଯାଉ ଏବଂ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି । ଏହା ବ୍ୟତୀତ ମୃତ ଶ୍ରମିକଙ୍କ ପରିବାରକୁ ୨୫ଲକ୍ଷ ଏବଂ ଆହତ ଶ୍ରମିକଙ୍କୁ ୫ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଏବଂ କମ୍ପାନୀକୁ ତୁରନ୍ତ ବନ୍ଦ କରିବାକୁ ଦାବି କରିଛି ଛାତ୍ର କଂଗ୍ରେସ ।

କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଏହି କମ୍ପାନୀର ମାଲିକଙ୍କ ସହ ଏହି ଦୁଇଜଣ ବିଶିଷ୍ଟ ରାଜନେତାଙ୍କର ଭିତିରି ସଂପର୍କ ରହିଛି । ସରକାରୀ ବ୍ୟାନ ସତ୍ତ୍ୱେ ଦୀର୍ଘ ୮ ବର୍ଷ ହେବ ଏହି ବ୍ୟବସାୟ ଖୁଲମଖୋଲା ଚାଲିଆସୁଛି । ଅନ୍ୟପକ୍ଷରେ ସରକାରଙ୍କ ନିୟମ ଅନୁଯାୟୀ ସ୍କୁଲ ନିକଟରେ ଗୁଟଖା ବିକ୍ରି ନିଷେଧ, ଏଠାରେ ପ୍ରଦୁଷଣ ଆଇନକୁ ଖୋଲାଖୋଲି ଉଲଙ୍ଘନ କରାଯାଇଛି । ପ୍ରଦୁଷଣ ବିଭାଗର କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଲୋକ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ ।

ନିକଟରେ ଏହି କମ୍ପାନୀରେ ହୋଇଥିବା ଅଗ୍ନିକାଣ୍ଡରେ ବହୁ ଶ୍ରମିକ ପୋଡ଼ିଯାଇଛନ୍ତି । ତିନିଜଣ ମଧ ମୃତ୍ୟୁବରଣ କରିଛନ୍ତି । ଏହି କମ୍ପାନୀ ଅଗ୍ନଶମ ବିଭାଗର ଅନୁମତି ଆଣିନାହିଁ । ମାତ୍ର ହାତଗଣତିରେ କେଇଟା ଛୋଟିଆ ଅଗ୍ନିନିର୍ବାପକ ଯନ୍ତ୍ର ଲୋକଦେଖାଣିଆ ଭାବରେ ରଖାଯାଇଛି । କେବଳ ସେତିକି ନୁହେଁ ଏହି କାରଖାନାରେ ରାଜ୍ୟ ବାହାରୁ ୫ଶହରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ଅଣାଯାଇ ତିନୋଟି ସିଫ୍ଟରେ ନିରନ୍ତର କାମରେ ଲଗାଯାଉଛି । ଅତ୍ୟନ୍ତ ଅସ୍ୱାସ୍ଥ୍ୟକର, ଅପିରଷ୍କାର ଓ ଅପରିଚ୍ଛିନ୍ନ ପରିବେଷ ମଧରେ ଶ୍ରମିକମାନେ କାମକରୁଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟପ୍ରତି ମଧ ସର୍ବନିମ୍ନ ଧାନ ଦିଆଯାଉ ନାହିଁ । ଗୁଟଖା ନିର୍ମାଣ ଓ ପ୍ୟାକିଂ ଆଦିର ବ୍ୟବହୃତ ବହୁତ ଗୁଡ଼ିଏ ସାମଗ୍ରୀ ଅତ୍ୟନ୍ତ ଜଳନଶୀଳ ହୋଇଥିବା ବେଳେ ସେଠାରେ ବାୟୁ ଚଳାଚଳ ପାଇଁ ପର୍ଯ୍ୟାପ୍ତ ସୁବିଧା ନାହିଁ । କେତେ ଶ୍ରମିକ ଅଛନ୍ତି ଏବଂ ଶ୍ରମିକଙ୍କର ଅବସ୍ଥା କଣ ସେ ବିଷୟରେ ଶ୍ରମ ବିଭାଗ ପାଖରେ ଖବର ନାହିଁ । ଏବେ ଶ୍ରମମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ଘଟଣାକୁ ଚପାଇଦେବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି ।

ଏ ଠା ରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଚିଠି ଅନୁଯାୟୀ ରାଜ୍ୟରେ ୨୦୧୩ ମସିହାରୁ ଗୁଟଖା ଉତ୍ପାଦନ ଓ ବିକ୍ରି ନିଷେଧ କରାଯାଇଛି । ଖାଦ୍ୟସୁରକ୍ଷା ଓ ସାଧାରଣ ଆଇନ ୨୦୧୧ ଅନୁଯାୟୀ ଗୁଟଖା ସ୍ୱାସ୍ଥ୍ୟ ପାଇଁ ହାନୀକାରକ ଦ୍ରବ୍ୟର ବ୍ୟବହାର ହୋଇଥିବାରୁ ଏହାକୁ ୨୦୧୩ ମସିହା ସଂଶୋଧନ ସଂଶୋଧନ ପରେ ନିଷିଦ୍ଧ କରାଯାଇଛି ।

# ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର,୩୦/୧୨ (ନି.ପ୍ର): ଆସନ୍ତା ୩ ତାରିଖରୁ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ନିମନ୍ତେ ବିଦ୍ୟାଳୟ ଖୋଲୁଥିବାରୁ ବିଦ୍ୟାଳୟର ସଫେଇ ଓ ବିଶୋଧନ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ କରାଯିବ । ମାତ୍ର କୌଣସି ପରିସ୍ଥିତିରେ ପିଲାମାନଙ୍କୁ ସ୍କୁଲ ଆସିବାକୁ ବାଧ କରାଯିବ ନାହିଁ । ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ରେ ଶିକ୍ଷାଦାନ କରାଯିବ । ସରକାରଙ୍କ ମାର୍ଗଦର୍ଶିକାର ଉପଯୁକ୍ତ ଅନୁପାଳନ ସହ ପାଠପଢ଼ା, ବିଦ୍ୟାଳୟ ପରିସରର ସ୍ୱଚ୍ଛତା, ସାନିଟାଇଜେସନ୍, ମାସ୍କ ପରିଧାନ, ସାମାଜିକ ଦୂରତା ଆଦି ବଜାୟ ରଖି ପିଲାମାନଙ୍କୁ ପାଠପଢ଼ା ଅବ୍ୟାହତ ରଖିବା ଉପରେ ଗୁରୁତ୍ୱ ଦିଆଯିବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ପଟିଆସ୍ଥିତ ଓ-ହବ୍ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ସମୀକ୍ଷା ବୈଠକରେ ଏହି ସୂଚନା ଦିଆଯାଇଛି । ବୈଠକର ସୂଚନା ଅନୁଯାୟୀ ଆଦର୍ଶ ବିଦ୍ୟାଳୟ ଲାଗି ଜିଲ୍ଲା ଶିକ୍ଷା ଅଧିକାରୀମାନେ ଗୁଣାତ୍ମକ ଆସବାବପତ୍ର କିଣିବେ । ଆବଶ୍ୟକ ସ୍ଥଳେ ଅଧିକ ଖର୍ଚ୍ଚ ବହନ କରାଯିବ । ଆସନ୍ତା ବର୍ଷ ୬୩ଟି ନୂଆ ଆଦର୍ଶ ବିଦ୍ୟାଳୟ ଖୋଲିବ । ଆଦର୍ଶ ବିଦ୍ୟାଳୟ ଲାଗି ପ୍ରବେଶିକା ପରୀକ୍ଷା ଆସନ୍ତା ତା. ୧୮/୦୨/୨୦୨୨ରେ କରାଯିବ । ଏଥି ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀମାନେ ଆବଶ୍ୟକୀୟ ପ୍ରଚାରପ୍ରସାର କରିବେ । କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଗୁଡ଼ିକରେ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରାଯିବ । ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ବାକି ରହିଥିବା ବିନିଯୋଗପତ୍ରଗୁଡ଼ିକ ଶୀଘ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଧନ୍ଦାମୂଳକ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ସ୍ଥିର କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଆଂଚଳିକ ନିର୍ଦ୍ଦେଶକମାନେ ଯୁକ୍ତ-୨ ଏବଂ ଯୁକ୍ତ-୩ର ପୃଥକୀକରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବେ । ପଠାଣୀ ସାମନ୍ତ ଏବଂ ଜୁନିଅର ମେରିଟ୍ ସ୍କଲାରସିପ୍ ପାଇଁ କିପରି ଅଧିକ ଛାତ୍ରଛାତ୍ରୀ ଆବେଦନ କରିବେ ସେଥି ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀମାନେ ଅଧିକ ଧାନ ଦେବାକୁ ପରାମର୍ଶ ଦିଆଯାଇଥିଲା । ୨୦ଟି ଡିଜିଟାଲ୍ ଲାଇବ୍ରେରୀ ପ୍ରତିଷ୍ଠା ଉପରେ ଆଲୋଚନା ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଯୋଗଦାନ କରି ରାଜ୍ୟର ଶିକ୍ଷା ବିକାଶ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ଉଦ୍ଦେଶ୍ୟରେ କହିଲେ ଯେ, ଶିକ୍ଷାକ୍ଷେତ୍ରରେ ଆମର ମାନବିକ ସ୍ୱଭାବକୁ ଜାଗ୍ରତ କରିବାକୁ ପଡ଼ିବ । ଶିକ୍ଷା ଅଧିକାରୀମାନେ ସ୍କୁଲ ପରିଦର୍ଶନ କରିବା, ଶିକ୍ଷକ ଏବଂ ଅଭିଭାବକମାନଙ୍କ ସହିତ ଆଲୋଚନା କରିବା ଏବଂ ଅତ୍ୟନ୍ତ ନିଷ୍ଠା ଓ ଆନ୍ତରିକତାର ସହ କ୍ରିୟାଶୀଳ ପ୍ରଦର୍ଶନ, ନିୟମିତତା ଓ ଶୃଙ୍ଖଳା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । ବୈଠକରେ ୫-'ଟି' ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକୁ ଆଗକୁ ନେବା ପାଇଁ ଡିଜିଟାଲ୍ ଲାଇବ୍ରେରୀ, କ୍ରୀଡ଼ା ଭିତିଭୂମି, ବିଜ୍ଞାନାଗାର, ସ୍ୱଚ୍ଛ ପିଇବା ପାଣି, ଶୌଚାଳୟ, ସ୍ମାର୍ଟ କ୍ଲାସ୍ ରୁମ୍, ଉତମ ଶୈକ୍ଷିକ ପରିବେଶ, ବିଦ୍ୟୁତ ସୁବିଧା, ଆସବାବପତ୍ର, ବଗିଚା, ଅଗ୍ନିନିର୍ବାପକ ବ୍ୟବସ୍ଥା ଆଦି ସଂପର୍କରେ ପ୍ରମୁଖ ସଚିବ ଶ୍ରୀ ସାହୁ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ପ୍ରମୁଖ ସଚିବ ଶ୍ରୀ ସାହୁ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଆୟୋଜନ ଓ ସୁପରିଚାଳନା ନେଇ ମଧ ଆଲୋଚନା କରିଥିଲେ ।

# ମାସେ ଭିତରେ ସରିବ କିଶୋରଙ୍କ ଟିକାକରଣ




ଭୁବନେଶ୍ୱର,୩୦/୧୨ (ନି.ପ୍ର): ରାଜ୍ୟରେ ମାସେ ଭିତରେ ସରିବ ଟିକାକରଣ । ୧୫ରୁ ୧୮ ବର୍ଷ କିଶୋରଙ୍କ ଟିକାକରଣ କାର୍ଯ୍ୟକୁ ମାସେ ଭିତରେ ସାରିବାକୁ ଯୋଜନା ପ୍ରସ୍ତୁତ ହୋଇଛି । ଏସମ୍ପର୍କରେ ଆଜି ସୂଚନା ଦେଇଛନ୍ତି ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ । ସେ କହିଛନ୍ତି, ଆସନ୍ତା ୧ ତାରିଖରୁ ଅନଲାଇନ୍ ପଞ୍ଜିକରଣ ହେବ । ୩ ତାରିଖରୁ ଟିକାକରଣ କରାଯିବ । ଏନେଇ ସବୁ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇଛି । ସ୍ୱତନ୍ତ୍ର ଟିକାକରଣ କ୍ୟାମ୍ପ ଦ୍ୱାରା କିଶୋର ମାନଙ୍କୁ କୋଭାକ୍ସିନ୍ ଦିଆଯିବ । ସକାଳୁ ଅପରାହ୍ନ ଯାଏଁ କିଶୋରଙ୍କୁ ଓ ପରେ ଅନ୍ୟ ମାନଙ୍କୁ ଟିକା ଦିଆଯିବ । କେବଳ କୋଭାକ୍ସିନ୍ ଟିକା କିଶୋରଙ୍କୁ ଦିଆଯିବ । ରାଜ୍ୟରେ ପ୍ରାୟ ୧୪ ଲକ୍ଷ ଡୋଜ୍ ଉପଲବ୍ଧ ଅଛି । ଆଜି ସବୁ ଜିଲ୍ଲାକୁ କୋଭାକ୍ସିନ ଟିକା ପଠାଇବାକୁ ବ୍ୟବସ୍ଥା ହୋଇଛି । ଜାନୁଆର ୧ତାରିଖ ସୁଦ୍ଧା ସବୁ ଜିଲ୍ଲାରେ ଟିକା ପହଞ୍ଚିଯିବ । ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଆହୁରି କହିଛନ୍ତି, ଜାନୁଆରୀ ୧୦ରୁ ୬୦ ବର୍ଷରୁ ଅଧିକ ବୟସ୍କ, ସମ୍ମୁଖ ଯୋଦ୍ଧା ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରତିଷେଧମୂଳକ ଡୋଜ୍ ଦିଆଯିବ । ତେବେ କେଉଁ ଟିକା ଦିଆଯିବ ତାହା ସ୍ପଷ୍ଟ ହୋଇନି । କେନ୍ଦ୍ର ସରକାରଙ୍କ ପକ୍ଷରୁ ମାର୍ଗଦର୍ଶୀକା ଆସିବା ପରେ ତାହା ସ୍ପଷ୍ଟ ହେବ । ଆମେ ଅଶା କରୁଛୁ ଜାନୁଆରୀ ଦଶ ତାରିଖ ପୂର୍ବରୁ ଆମ ପାଖକୁ ସ୍ପଷ୍ଟୀକରଣ ଆସିଯିବ । ୧୫ରୁ ୧୮ ବର୍ଷର ପିଲା ଟିକା ନେଲା ବେଳେ ସେମାନଙ୍କ ସହ ଅଭିଭାବକଙ୍କୁ ଆସିବାକୁ ପରାମର୍ଶ ଦିଆଯାଇଛି ବୋଲି ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି ।

# ଚନ୍ଦକାରେ ୪ଟି ଜଙ୍ଗଲ ସଫାରୀ ଯାନ ଲୋକାର୍ପିତ

ଭୁବନେଶ୍ୱର,୩୦/୧୨ (ନି.ପ୍ର): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବୁଧବାର ଚନ୍ଦକା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ଗୋଡ଼ିବାରୀଠାରେ ପର୍ଯ୍ୟଟକଙ୍କ ନିମନ୍ତେ ୪ଟି ଶୀତତାପ ନିୟନ୍ତ୍ରିତ ଜଙ୍ଗଲ ସଫାରୀ ଯାନର ଲୋକାର୍ପଣ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଆରୁଖ କହିଛନ୍ତି ଯେ ଗୋଡ଼ିବାରୀ, ଭରତପୁର ଏବଂ ଡେରାସକୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ଏହି ବ୍ୟବସ୍ଥା ଅଧିକ ଉପଯୋଗୀ ହେବ ଏବଂ ଆଗାମୀ ଦିନରେ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଏହା ଆକର୍ଷିତ କରିବ । ପ୍ରକାଶଯୋଗ୍ୟ ଯେ ସମୁଦାୟ ୬୧ ଲକ୍ଷ ୭୮ ହଜାର ଟଙ୍କା ବ୍ୟୟରେ ପ୍ରତ୍ୟେକ ୧୩ ସିଟ୍ ବିଶିଷ୍ଟ ଆରାମଦାୟକ ଏହି ଯାନଗୁଡ଼ିକରେ ଦର୍ଶକମାନେ ସୁବିଧାରେ ବସି ସଫାରୀ ଭ୍ରମଣକୁ ଉପଭୋଗ କରିପାରିବେ । ପ୍ରତ୍ୟେକ ସଫାରୀ ଯାନ ପାଇଁ ପର୍ଯ୍ୟଟକ ଗାଇଡ୍ ର ବ୍ୟବସ୍ଥା ମଧ କରାଯାଇଛି । ୪ଟି ଜଙ୍ଗଲ ସଫାରୀ ଯାନ ମଧ୍ୟରୁ ୨ଟି ଗୋଡ଼ିବାରୀଠାରେ ଏବଂ ୨ଟି ଭରତପୁର ସଂରକ୍ଷିତ ଜଙ୍ଗଲଠାରେ ଦର୍ଶକମାନଙ୍କ ପରିଭ୍ରମଣ ପାଇଁ ନିୟୋଜିତ ରହିବ । ଏସବୁ ଯାନଗୁଡ଼ିକରେ ସ୍ଥାନୀୟ ଅଂଚଳର ପ୍ରାୟ ୧୫ ଜଣ ଯୁବକଙ୍କୁ ଡ୍ରାଇଭର ଏବଂ ପର୍ଯ୍ୟଟକ ଗାଇଡ୍ ଭାବେ ନିଯୁକ୍ତି ପ୍ରଦାନ କରାଯାଇ ସେମାନଙ୍କର ଜୀବନଜୀବିକାକୁ ସୁରକ୍ଷିତ କରାଯାଇପାରିଛି । ସୂଚନାଯୋଗ୍ୟ ଯେ ପୂର୍ବରୁ ୮ ସିଟ୍ ବିଶିଷ୍ଟ ୫ଟି ଏବଂ ୧୨ ସିଟ୍ ବିଶିଷ୍ଟ ୪ଟି ଜଙ୍ଗଲ ସଫାରୀ ଯାନ ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ଉପଲବ୍ଧ ରହିଛି । ଗୋଡ଼ିବାରୀଠାରେ ୨୦୧୮ ମସିହାରୁ ପର୍ଯ୍ୟଟକମାନଙ୍କ ନିମନ୍ତେ ପ୍ରକୃତି ଶିବିର କାର୍ଯ୍ୟକ୍ଷମ ଅଛି । ଏହି ଶିବିରରେ ୮ଟି ସୁଟ୍ ରେ ୧୬ ଜଣ ପର୍ଯ୍ୟଟକଙ୍କର ରାତ୍ରି ରହଣୀର ବ୍ୟବସ୍ଥା ରହିଛି । ୪୦ ଜଣ ପର୍ଯ୍ୟଟକଙ୍କ ପାଇଁ ମଧାହ୍ନ ଭୋଜନର ବ୍ୟବସ୍ଥା ରହିଛି । ଦର୍ଶକମାନଙ୍କ ପାଇଁ ଚନ୍ଦକା-ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ସଂପର୍କିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ନିମନ୍ତେ ପରିବେଶ-ପ୍ରେକ୍ଷାଳୟର ସୁବିଧା ରହିଛି । ବନ୍ୟଜନ୍ତୁ ନିରୀକ୍ଷଣ କେନ୍ଦ୍ର ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ନେଚର ଟ୍ରେଲ୍ ଏବଂ ସାଇକେଲ୍ ଟ୍ରାକ୍ ର ବ୍ୟବସ୍ଥା କରାଯାଇଛି । ପର୍ଯ୍ୟଟକମାନେ ଇକୋଟୁର୍ ଓଡିଶା ଡଟ୍ କମ୍ ରେ ଲଗ୍‌ଇନ୍ କରି ଗୋଡ଼ିବାରୀ ପ୍ରକୃତି ଶିବିର ପରିଦର୍ଶନ ନିମନ୍ତେ ଆଗୁଆ ସଂରକ୍ଷଣ କରିପାରିବେ । ଏହି କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶଶିପଲ୍, ମୁଖ୍ୟ ବନ ସଂରକ୍ଷକ ମନୋଜ ଭି. ନାୟାର, ଆଂଚଳିକ ମୁଖ୍ୟ ବନ ସଂରକ୍ଷକ ମନୋଜ ମହାପାତ୍ର, ବନ ସଂରକ୍ଷକ ସତ୍ୟନାରାୟଣ ବେହୁରା, ବନ ସଂରକ୍ଷକ ବିକାଶ ଦାସ, ବନତତ୍ତ୍ୱବିତ୍ କପିଳ ଦାସ, ଚନ୍ଦକା ବନଖଣ୍ଡ ଅଧିକାରୀ ମହମ୍ମଦ ଜମିଲ୍ ଙ୍କ ସମେତ ଜଙ୍ଗଲ ବିଭାଗର ବହୁ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜଧାନୀରେ ହାତୀ ଉପଦ୍ରବ: ଘର ଭାଙ୍ଗିଲେ, ଜିନିଷ ନଷ୍ଟ କଲେ

ଭୁବନେଶ୍ୱର,୩୦/୧୨ (ନି.ପ୍ର): ରାଜଧାନୀରେ ଉପଦ୍ରବ ମଚାଇଛନ୍ତି ତିନୋଟି ହାତୀ । ଶୈଳଶ୍ରୀ ବିହାର ସରସ୍ୱତୀ ବସ୍ତିରେ ତିନୋଟି ହାତୀ ପଶି ଉପଦ୍ରବ କରିଛନ୍ତି । ଗତକାଲି ବିଳମ୍ବିତ ରାତିରେ ହାତୀ ପଲ ବସ୍ତି ଭିତରେ ପଶି ଉତ୍ପାତ କରିଥିଲେ । ଲୋକଙ୍କ ଘର ଭାଙ୍ଗିବା ସହ କିଛି ଜିନିଷପତ୍ର ବି ନଷ୍ଟ କରିଦେଇଥିଲେ । ଏହାସହ ଗାଡ଼ି ଗୁଡ଼ିକ ଭଙ୍ଗାରୁଜା କରିଥିଲେ । ବିଳମ୍ବିତ ରାତିରେ ହାତୀକୁ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡ଼ିଥିଲେ । ଜୀବନ ବିକଳରେ ଏଣେତେଣେ ଦୌଡ଼ି ପଳାଇଥିଲେ । ଏହି ସମୟରେ କିଛି ଲୋକ ଆହତ ହୋଇଥିବା ଜଣାଯାଇଛି । ବନବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଜଙ୍ଗଲ ଭିତରକୁ ଘଉଡ଼ାଇଥିଲେ । ସୂଚନାଯୋଗ୍ୟ, ରାଜ୍ୟରୁ ବିଭିନ୍ନ ସ୍ଥାନରେ ହାତୀ ପଲ ଉପଦ୍ରବ କରୁଥିବା ଖବର ପ୍ରତିଦିନ ଆସୁଛି । ହାତୀ ଆକ୍ରମଣରେ କାହାର ମୃତ୍ୟୁ ଘଟୁଥିବା ବେଳେ କାହାର ଘର ହାତୀପଲ ଭାଙ୍ଗି ଦେଉଛନ୍ତି, ଆଉ କାହାର ଫସଲ ମଧ ନଷ୍ଟ କରି ଦେଉଛନ୍ତି ।

# ଅଗମ୍ୟ ଆଦିବାସୀ ପଲ୍ଲୀରେ ବନବାସୀଙ୍କୁ ଶୀତବସ୍ତ୍ର ପ୍ରଦାନ

ଭୁବନେଶ୍ୱର,୩୦/୧୨ (ନି.ପ୍ର): ସମ୍ପ୍ରତି ରାଜ୍ୟରେ ହାଡ଼ଭଙ୍ଗା ଜାଡ଼ ସାଙ୍ଗକୁ ଶୀତ ଲହରୀ ଜାରି ରହିଛି । ରାଜ୍ୟର ଉପକୂଳରୁ ଉପାନ୍ତ ଅଂଚଳ ମଧରେ ଏମିତି ଅନେକ ଅଗମ୍ୟ ଆଦିବାସୀ ଗାଆଁ ରହିଛି ଯେଉଁଠି ଅଭାବୀ ପରିବାର ହାଡ଼ଭଙ୍ଗା ଜାଡ଼ରୁ ମୁକୁଳିବା ପାଇଁ ଖଣ୍ଡିଏ ଚାଦର ଅଥବା ସୁଇଟର ଖଣ୍ଡିଏ କିଣିବା ବଡ଼ କଷ୍ଟ । ଏଭଳି ଅଗମ୍ୟ ଆଦିବାସୀ ପଲ୍ଲୀରେ ପହଂଚି ସହଯୋଗର ହାତ ବଢାଇଛି ସାମାଜିକ ଅନୁଷ୍ଠାନ ରେଡ୍ ସ୍ୱସ୍ତିକ୍ ସୋସାଇଟି ଓଡ଼ିଶା ଶାଖା । ସୂଚନାଯୋଗ୍ୟ, ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଛତାବର ଗ୍ରାମପଂଚାୟତ ଅଧିନସ୍ଥ ଚନ୍ଦକା-ଡମ୍ପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧରେ ରହିଥିବା ଆଦିବାସୀ ପଲ୍ଲୀ କନ୍ଦଳେଇର ମୋଟ ୫୦ଟି ବନବାସୀ ପରିବାରକୁ ଅନୁଷ୍ଠାନ ପକ୍ଷରୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି । ଗାଆଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବଂଟନ କାର୍ଯ୍ୟକ୍ରମରେ ରେଡ୍ ସ୍ୱସ୍ତିକ ସୋସାଇଟି ଓଡ଼ିଶା ଶାଖାର ସମ୍ପାଦକ ଦେବାଶିଷ ପଟ୍ଟନାୟକ, ସାମାଜିକ କର୍ମୀ ଶ୍ରୀପତି ଆଚାର୍ଯ୍ୟ, ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ବାଳକୃଷ୍ଣ ରାଉତ, ପ୍ରଦୀପ୍ତ ରଞ୍ଜନ ରାଉତ, ବାଲୁକାଶିଳ୍ପୀ ସୁବଳ ମହାରଣା, ମନୋଜ ପ୍ରଧାନ, ଅଙ୍କିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବନବାସୀଙ୍କୁ ଶୀତବସ୍ତ୍ର ବଂଟନ କରିଥିଲେ ।

# ସାଧାରଣ ଜନତାଙ୍କ ବିଶ୍ୱାସଭାଜନ ହେବାକୁ ନବନିଯୁକ୍ତ ଓସିଏସ୍ ଅଫିସରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୩୦/୧୨ (ନି.ପ୍ର): ପ୍ରଶାସନିକ ସେବା କେବଳ ଏକ ବୃତି ନୁହେଁ , ଏହା ମାତୃଭୂମି ଓ ଏହାର ସାଧାରଣ ଜନତାଙ୍କର ସେବା । ସାଧାରଣ ଜନତାର ବିଶ୍ୱାସକୁ କୌଣସି ପରିସ୍ଥିତିରେ ଏଡ଼ାଇ ଦେବା ଅନୁଚିତ ବୋଲି ଓଡ଼ିଶା ପ୍ରଶାସନିକ ସେବାରେ ନୂତନ ଭାବେ ଯୋଗ ଦେଇଥିବା ୧୫୩ ଅଧିକାରୀଙ୍କୁ ଏହି ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

ଲୋକସେବା ଭବନରେ ଆୟୋଜିତ ଓରିଏଂଟେସନ କାର୍ଯ୍ୟକ୍ରମରେ ଭର୍ଚୁଆଲ ମୋଡ୍ ରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଅଫିସରମାନଙ୍କ ଦ୍ୱାରା ନିଆଯାଉଥିବା ପ୍ରତ୍ୟେକ ନିଷ୍ପତି ଜନତାଙ୍କ ଆଶା ଓ ବିଶ୍ୱାସକୁ ଶକ୍ତିଶାଳୀ କରିବା ଦିଗରେ ଉଦ୍ଦିଷ୍ଟ ହେବା ଆବଶ୍ୟକ । ଏହି ଦିନ ପ୍ରତି ଅଫିସରଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅୟମାରମ୍ଭ । ଜଣେ ପ୍ରଶାସନିକ ସେବକ ଭାବେ ପ୍ରତି ଅଫିସର ଦାୟିତ୍ୱ ନିର୍ବାହ କରିବା ଆବଶ୍ୟକ । ନିଜର ଭୂମିକା ଓ ଦାୟିତ୍ୱବୋଧକୁ ସେମାନେ ସୂଚାରୁରୂପେ ପାଳନ କରିବା ଉଚିତ । ରାଜ୍ୟର ବିକାଶ ଓ ଗରିବଙ୍କ କଲ୍ୟାଣ ଉପରେ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି- କଠିନ ପରିଶ୍ରମ ଓ ତ୍ୟାଗ ବଳରେ ହିଁ ଏହି ଆଶା ସାକାର ହୋଇପାରିବ । ଏହା ଜରିଆରେ ଓଡିଶା ୧ ନମ୍ବର ହୋଇପାରିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଫାଇଭ-ଟି ଓ ମୋ ସରକାର ଜରିଆରେ ପ୍ରଶାସନିକ ବ୍ୟବସ୍ଥାରେ ବୈପ୍ଲବିକ ପରିବର୍ତନ ଘଟିଛି । ଲୋକଙ୍କ ନିକଟରେ ସେବା ଯୋଗାଇ ଦେବା ଲାଗି ସରକାର ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି ।

ଏହାସହ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ପେନସନ୍ ଧାରୀଙ୍କ ପାଇଁ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ୍ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ସେ କହିଛନ୍ତି ଯେ ନୂଆ ବ୍ୟବସ୍ଥାରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଆଧାରିତ ଭିଡ଼ିଓ ଓ ଫଟୋ ସଂଶୋଧନ ପ୍ରକ୍ରିୟାରେ ପେନ୍‌ସନରମାନେ ସେମାନଙ୍କ ଚିହ୍ନଟ ପ୍ରମାଣପତ୍ର ଓ ଲାଇଫ୍ ସାର୍ଟିଫିକେଟ୍ ଦାଖଲ କରିପାରିବେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପେନ୍ ସନ୍ ଭୋଗୀମାନେ କୌଣସି ସରକାରୀ ଦପ୍ତରକୁ ନଯାଇ ନିଜ ନିଜର ମୋବାଇଲ୍ ଫୋନ୍ ବ୍ୟବହାରପୂର୍ବକ ସେମାନଙ୍କର ଚିହ୍ନଟ ପ୍ରମାଣପତ୍ର ଓ ଲାଇଫ୍ ସାର୍ଟିଫିକେଟ୍ ଡିଜିଟାଲ୍ ମାଧମରେ ଦାଖଲ କରିପାରିବେ । ସାରା ରାଜ୍ୟର ବିଭିନ୍ନ ସ୍ଥାନରେ ରହିଥିବା 'ମୋ ସେବା କେନ୍ଦ୍ର'ଗୁଡ଼ିକରେ ଏହି ସୁବିଧା ମଧ ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସରକାରୀ ଇ-ଡାଏରୀର ଶୁଭାରମ୍ଭ କରିଛନ୍ତି ।ଏଥିରେ ନାଗରିକମାନେ ନିଜ ନିଜର ମୋବାଇଲ୍ ଫୋନ୍, ଟାବ୍‌ଲେଟ୍ କିମ୍ବା କୌଣସି କମ୍ପ୍ୟୁଟର ବ୍ୟବହାର କରି ସରକାରୀ ଡାଏରୀରେ ରହିଥିବା ସମସ୍ତ ତଥ୍ୟ ତୁରନ୍ତ ଓ ସହଜ ଉପାୟରେ ପାଇପାରିବେ ।

# ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଚତୁର୍ଥ ଦିବସରେ ଅଭିନୟ ଓ ନୃତ୍ୟର ଚିତାକର୍ଷକ ପ୍ରଦର୍ଶନ

ଭୁବନେଶ୍ୱର,୩୦/୧୨ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ , ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଉତ୍କଳ ରଙ୍ଗମଂଚରେ ଆୟୋଜିତ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଚତୁର୍ଥ ଦିବସରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ସୁଧାଶ୍ରୀ ପ୍ରିୟଦର୍ଶନୀଙ୍କ ଏକକ ନୃତ୍ୟାଭିନୟ ଅଭିଶପ୍ତରୁ । ପରେ ଦେବୀ କୁମାର ପ୍ରଦାନଙ୍କ ଦ୍ୱାରା ଅଭିନୟ କିଏ ଲୋ ସଜନୀ କେଳି କଦମ୍ବ ମୂଳେ, ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ କଲିକତାରୁ ଆସିଥିବା ଅସିତ୍ ବରଣ ବିଶ୍ୱାସ ଓ ମାନସି ଚକ୍ରବର୍ତ୍ତିଙ୍କ ଦ୍ୱାରା ଅଭିନୟ ମହାଦେବ ଜୟ ମହେଶ ଜଟାଜୁଟ, ଏକକ ନୃତ୍ୟ ପର୍ଯ୍ୟାୟରେ ଶୁଭାଶିଷ ଆଚାର୍ଯ୍ୟଙ୍କ ଦ୍ୱାରା ଅଭିନୟ ଦୁର୍ଗାସ୍ତୁତି, ପିନାକୀନି ନାୟକଙ୍କ ଦ୍ୱାରା ଅଭିନୟ ନ ଯା ଯମୁନା ଲୋ ସହୀ, ଶୁଭ୍ରକାନ୍ତ ପ୍ରଧାନଙ୍କ ଦ୍ୱାରା ଅଭିନୟ ନବ ଦୁର୍ଗା- ଜୟ ଭଗବତୀ ଦେବୀ, ଅଦିତି ପ୍ରଧାନଙ୍କ ଦ୍ୱାରା ପଲ୍ଲବୀ, ଲୀଜାରାଣୀ ନାୟକଙ୍କ ଦ୍ୱାରା ଅଭିନୟ ଏକା ତୁ ନ ଯିବୁ ଯମୁନା, ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ଅନୁସ୍କା ଦାସ ଓ ଅଲିସା ଧଳଙ୍କ ଦ୍ୱାରା ଅଭିନୟ କହ ଲୋ ଦୂତୀ, ଅମ୍ରିତ ଆନନ୍ଦ ଖଣ୍ଡୁଆଳ ଓ ଯାଗ୍ୟସେନୀ ସାହୁଙ୍କ ଦ୍ୱାରା ଏବଂ ଶେଷରେ ଓଁକାର କଳାଶ୍ରମର ଶିଳ୍ପୀମାନଙ୍କ ଦ୍ୱାରା ଶୁଦ୍ଧ ନୃତ୍ୟ ବଟୁ ପରିବେସିତ ହୋଇଥିଲା । ଅପରାହ୍ନ ଅଧିବେଶନର ପ୍ରଥମ ପ୍ରସ୍ତୁତି ଥିଲା କଲିକତାରୁ ଆସିଥିବା ଓଡ଼ିଶୀ ଆଶ୍ରମର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟାଭିନୟ ଶିବସ୍ତୁତି ଓ ମାତଙ୍ଗୀ ଧାନ ପରେ ପରେ ଏକକ ନୃତ୍ୟ ପର୍ଯ୍ୟାୟରେ ଅର୍ଚ୍ଚନା ପାଠୀଙ୍କ ଦ୍ୱାରା ପଲ୍ଲବୀ, ସ୍ୱନ୍ଦିତା କୁମାରୀଙ୍କ ଦ୍ୱାରା ଅଭିନୟ ଅଷ୍ଟପଦୀ, ଦ୍ୱୈତ ନୃତ୍ୟରେ ଅଲିଭା ପୃଷ୍ଟି ଓ ଅର୍ଘ୍ୟରୂପା ରାଉତଙ୍କ ଦ୍ୱାରା ହଂସଧ୍ୱନୀ ପଲ୍ଲବୀ, ଚନ୍ଦ୍ରିମା ଦେଙ୍କ ଦ୍ୱାରା ଅଭିନୟ ଦୁର୍ଗାସ୍ତୁତି, ଆଦ୍ୟାଶା ମିଶ୍ରଙ୍କ ଦ୍ୱାରା ଅଭିନୟ ସଜନୀ ନଜାଣି ପୀରତି ଯାହା କଲି, ଦିପ୍ତିମୟୀ ଦାସ ଓ ଇନ୍ଦ୍ରାଣୀ ହାଲଦାରଙ୍କ ଦ୍ୱାରା ଅଭିନୟ ଜୟ ମହେଶ, ବିନାୟକ ସାମଲଙ୍କ ଦ୍ୱାରା ଅଭିନୟ ପଂଚଭୂତ, ବିପଂଚି ଦାସଙ୍କ ଦ୍ୱାରା ଅଭିନୟ କାଲି ଯାହା କଲେ ସଖି ନାଗର ରାଜ ଏବଂ ଶେଷରେ ଓଡ଼ିଶୀ ନୃତ୍ୟ ମଣ୍ଡଳର କଳାକାରମାନଙ୍କ ଦ୍ୱାରା ଦଳଗତ ନୃତ୍ୟାଭିନୟ ଜୟ ରାସେଶ୍ୱରୀ ରାଧିକେ ପରିବେସିତ ହୋଇଥିଲା । ଚତୁର୍ଥ ସଂଧ୍ୟାର ଅତିଥି ଥିଲେ ବରିଷ୍ଠ ପ୍ରଶାସକ ଅଶୋକ କୁମାର ତ୍ରିପାଠୀ ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ରୀନା ମହାପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ମନସ୍ୱନୀ ସାହୁ, ଭୁବନେଶ୍ୱରର ଏ.ଡ଼ି.ଏମ୍ ଅରୁଣ ବେହେରା ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ସଙ୍ଗୀତା ଗୋସାଇଁ । ସଂଧ୍ୟା ଅଧିବେଶନର ପ୍ରଥମ ପ୍ରସ୍ତୁତିରେ ଥିଲା ବିଶିଷ୍ଟ ନୃତ୍ୟାଙ୍ଗନା କସ୍ତୁରୀ ପଟ୍ଟନାୟକଙ୍କ ମଙ୍ଗଳା ଚରଣ ପରିବେଶଣ ପରେ ପରେ ମୌମିତା ଘୋଷଙ୍କ ଦ୍ୱାରା ଅଷ୍ଟପଦି, ସାଗରିକା ପରିଡ଼ାଙ୍କ ଦ୍ୱାରା ଅଭିନୟ ବ୍ରଜକୁ ଚୋର ଆସିଛି, ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ପବିତ୍ର ପ୍ରଧାନ ଓ ଶ୍ରୀଦତ ଭଳଙ୍କ ଦ୍ୱାରା ଅଭିନୟ ରାଧାବଦନ, ଦିବ୍ୟଶ୍ରୀ ପଣ୍ଡାଙ୍କ ଦ୍ୱାରା ଅଭିନୟ ସତେ କି ଭଙ୍ଗି ପରିବେସିତ ହୋଇଥିଲା । ପରବର୍ତୀ ନୃତ୍ୟଶିଳ୍ପୀମାନେ ଥିଲେ ଏକକ ନୃତ୍ୟରେ ଅନ୍ୱେଶା ମହାନ୍ତି, ଐଶର୍ଯ୍ୟା ମହାନ୍ତି, ଶୁଭଶ୍ରୀ ପ୍ରିୟଦର୍ଶିନୀ, ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ସୌର୍ଣ୍ଣକି ଦାସ ଓ ଶୁହାନି ପ୍ରଧାନ ଓ ଶେଷରେ ଗୁରୁ ମୀରା ଦାସଙ୍କ ତତ୍ତ୍ୱାବଧାନରେ ଗୁଞ୍ଜନ ଡ୍ୟାନ୍ସ ଏକାଡ଼େମୀର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଶଣ । କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ଡ଼. ଶ୍ରୀନିବାସ ଘଟୁଆରୀ ।

# ଆସନ୍ତାବର୍ଷ ଖୋଲିବ ୬୩ଟି ନୂଆ ଆଦର୍ଶ ବିଦ୍ୟାଳୟ

ଭୁବନେଶ୍ୱର,୩୦/୧୨ (ନି.ପ୍ର): ଆସନ୍ତାବର୍ଷ ଆଉ ୬୩ଟି ନୂଆ ଆଦର୍ଶ ବିଦ୍ୟାଳୟ ଖୋଲିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏହାସହିତ ଆଦର୍ଶ ବିଦ୍ୟାଳୟ ପାଇଁ ପ୍ରବେଶିକା ପରୀକ୍ଷା ଆସନ୍ତା ଫେବୃୟାରୀ ୧୮ତାରିଖରେ ଅନୁଷ୍ଠିତ ହେବ । ଆଜି ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକରେ ଏହି ସୂଚନା ଦିଆଯାଇଛି । ବୈଠକରେ ଆଲୋଚନାବେଳେ ଜଣାପଡ଼ିଛି ଯେ, ଆଦର୍ଶ ବିଦ୍ୟାଳୟ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀମାନେ ଗୁଣାତ୍ମକ ଆସବାବପତ୍ର କିଣିବେ । ଆବଶ୍ୟକ ପଡ଼ିଲେ ଅଧିକ ଖର୍ଚ୍ଚ ବହନ କରାଯିବ । ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀମାନେ ଆବଶ୍ୟକ ପ୍ରଚାରପ୍ରସାର କରିବେ । କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟଗୁଡ଼ିକର ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରାଯିବ । ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ବାକି ରହିଥିବା ୟୁସି ତୁରନ୍ତ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହିତ ପଠାଣୀ ସାମନ୍ତ ଓ ଜୁନିୟର ମେରିଟ୍ ସ୍କଲାରସିପ୍ ପାଇଁ କିପରି ଅଧିକ ଛାତ୍ରଛାତ୍ରୀ ଆବେଦନ କରିବେ ସେଥିପାଇଁ ଜିଲ୍ଲା ଶିକ୍ଷା ଅଧିକାରୀମାନେ ଅଧିକ ଧାନ ଦେବାକୁ ପରାମର୍ଶ ଦିଆଯାଇଛି । ୨୦ଟି ଡିଜିଟାଲ ଲାଇବ୍ରେରୀ ପ୍ରତିଷ୍ଠା ନିମନ୍ତେ ମଧ ଆଜି ବୈଠକରେ ଆଲୋଚନା ହୋଇଛି । ସୂଚନାଯୋଗ୍ୟ, ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ସହ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁ ଆଲୋଚନା କରିଥିଲେ । ଏହି ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଯୋଗ ଦେଇ ଶିକ୍ଷା ଅଧିକାରୀମାନଙ୍କୁ ସ୍କୁଲ ପରିଦର୍ଶନ କରିବା, ଶିକ୍ଷକ ଓ ଅଭିଭାବକଙ୍କ ସହ ନିୟମିତ ଆଲୋଚନା, ନିୟମିତତା ଓ ଶୃଙ୍ଖଳା ବଜାୟ ରଖବାକୁ ଆହ୍ୱାନ ଦେଇଛନ୍ତି । ସୂଚନାଯୋଗ୍ୟ, ରାଜ୍ୟ ସରକାର ସମସ୍ତ ବ୍ଲକରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ଖୋଲିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି । ଏପର୍ଯ୍ୟନ୍ତ ୧୯୦ଟି ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲିଛି । ୨୦୧୫ ଶିକ୍ଷା ବର୍ଷରୁ ରାଜ୍ୟରେ ଏହି ଆଦର୍ଶ ବିଦ୍ୟାଳୟ ମାନ ଖୋଲିଛି ।

# ମଙ୍ଗୁଳି-ଅନୁଗୁଳ ରାସ୍ତା ମରାମତିର ପ୍ରତିଶ୍ରୁତି: ଘରୋଇ ବସ୍ ମାଲିକ ସଂଘର ଆନ୍ଦୋଳନ ପ୍ରତ୍ୟାହୃତ

ଭୁବନେଶ୍ୱର ,୩୦/୧୨ (ନି.ପ୍ର): ଜାନୁଆରି ୨୨ ତାରିଖ ସୁଦ୍ଧା ୫୫ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ମଙ୍ଗୁଳି-ଅନୁଗୁଳ ରାସ୍ତାର ମରାମତି କାର୍ଯ୍ୟ ଏବଂ ଜୁନ୍ ସୁଦ୍ଧା ଚାରି ଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ପରିବହନ ବିଭାଗ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ତ୍ରିପାକ୍ଷିକ ବୈଠକରେ ଏହି ପ୍ରତିଶ୍ରୁତି ଦେଇଛନ୍ତି ଏନଏଚଏଆଇ ଆଞ୍ଚଳିକ ଅଧିକାରୀ । ଏଥିସହିତ ଘରୋଇ ବସ୍ ମାଲିକ ସଂଘ ୧ ତାରିଖରୁ ଦେଇଥିବା ବସ ଚଳାଚଳ ବନ୍ଦ ଡାକରାକୁ ପ୍ରତ୍ୟାହାର କରିଛି । ଏହି ବୈଠକରେ ବସ୍ ମାଲିକ ସଂଘ ପକ୍ଷରୁ ସଭାପତି ଲୋକନାଥ ପାଣି, ମୁଖପାତ୍ର ଦେବାଶିଷ ନାୟକ ଏବଂ ସମ୍ପାଦକ ଦେବେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଅନୁଯାୟୀ, ୫୫ ନମ୍ବର ଜାତୀୟ ରାଜପଥର ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଛି । ବସ୍ ଯାତ୍ରା କଷ୍ଟକ ହେବା ସହିତ ବିଭିନ୍ନ ସମୟରେ ବସ୍ ଅଚଳ ହୋଇ ପଡୁଛି । ମରାମତି ପାଇଁ ବସ୍ ମାଲିକଙ୍କୁ ଖର୍ଚ୍ଚାନ୍ତ ହେଉଛନ୍ତି । ସେଥିରେ ପୁଣି ଯାତ୍ରୀଙ୍କ ଦୁର୍ଦ୍ଦଶା କହିଲେ ନସରେ । ଏଥିପାଇଁ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସାରିବା ପାଇଁ ଘରୋଇ ବସ୍ ମାଲିକ ସଂଘ ଦାବି କରି ଆସୁଥିଲା । ଚଳିତ ବର୍ଷ ଜୁନ୍ ସୁଦ୍ଧା ନିର୍ମାଣ କାର୍ଯ୍ୟ ସରିବା ନେଇ ପ୍ରତିଶ୍ରୁତି ରହିଥିଲା । ମାତ୍ର ବର୍ତ୍ତମାନ ସୁଦ୍ଧା ଏସଂକ୍ରାନ୍ତରେ ବିଶେଷ ଅଗ୍ରଗତି ଘଟିନଥିବାରୁ ୨୩ ତାରିଖରେ ପ୍ରତୀକାତ୍ମକ ଧର୍ମଘଟ କରାଯାଇଥିଲା । ୧ ତାରିଖରୁ ବସ୍ ଚଳାଚଳ ବନ୍ଦ ଘୋଷଣା କରାଯାଇ ଥିଲା ।

## ଉଚ୍ଚ ନ୍ୟାୟାଳୟର ଆଦେଶକୁ ଉପେକ୍ଷା : ବସୁଧା ଯୋଜନାରେ ଖନନ ଚାଲିଛି ପାଣିପମ୍ପ

ଜଳେଶ୍ୱର, ୨୯/୧୨(ନିପ୍ର): ଜଳେଶ୍ୱର ତହସିଲ ଅନ୍ତର୍ଗତ ଉତ୍ତରପଡା ଗାଁରେ ଏକ ଜବରଦଖଲ ପାଳ ଜମିରେ ବସୁଧା ଯୋଜନାରେ ପିଇବା ପାଇପ୍ ପାଣି ନମନ୍ତେ ଖନନ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ସ୍ଥାନଟି ବିଭୁତି ଭୂଷଣ ସେନାପତି ଓ ତାଙ୍କ ୨ ଭାଇ ୩୦ ବର୍ଷରୁ ଉର୍ଦ୍ଧ୍ୱ ଜବରଦଖଲରେ ରଖିଥିବା ଯୋଗୁଁ ବସୁଧା ଯୋଜନାରେ ଉକ୍ତ ପ୍ରକଳ୍ପ ନ କରିବାକୁ ସେ ଉଚ୍ଚ ନ୍ୟାୟାଳୟରେ ରିଟ୍ ପିଟିସ୍ନ ନଂ ୩୯୯୫୦/୨୧ ମୂଳେ ମାମଲା ରୁଜୁ କରିଥିଲେ। ମାନ୍ୟବର କୋର୍ଟ ୨୪/୧୨/୨୧ରେ ଏହି ମାମଲା ର ତହସିଲଦାର ଶୁଣାଣି ବେଳେ ଜବରଦଖଲକାରୀଙ୍କ ଉପସ୍ଥିତି ଏକାନ୍ତ ଆବଶ୍ୟକ ବୋଲି ଦର୍ଶାଇଥିଲେ। କିନ୍ତୁ ତହସିଲଦାର ଏହି ନିର୍ଦ୍ଦେଶ ପାଇବାପୂର୍ବରୁ ଠିକାଦାର ଉକ୍ତ ବିବାଦୀୟ ଖାତା ନଂ ୩୨୨ ଓ ଖସଡା ନଂ ୧୦୧୫ରେ ବସୁଧା ଯୋଜନାର ଖନନ କାର୍ଯ୍ୟ ଆରମ୍ଭ କରିଛନ୍ତି। କୌଣସି ବ୍ୟକ୍ତି ୩୦ ବର୍ଷରୁ ଉର୍ଦ୍ଧ୍ୱ କାଳ ଭୋଗଦଖଲରେ ଥିଲେ ସେପରି ମାମଲାର ଶୁଣାଣି ତହସିଲଦାର ନ କରି ଉପଜିଲ୍ଲାପାଳ କରିବାର ନିୟମ ରହିଛି ବୋଲି ହାଇକୋର୍ଟ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା ଆଜି ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ତହସିଲଦାର ୩୦ ଦିନିଆ ନୋଟିସ୍ ନ କରି କିମ୍ବା ମୋକର୍ଦ୍ଦମାର ଶୁଣାଣି ନ କରି ସେଠାରେ କିପରି କାର୍ଯ୍ୟ ଦେଶ ଦିଆଗଲା ଏ ସମ୍ପର୍କରେ ସେ ପ୍ରଶ୍ନ ଉଠାଇଛନ୍ତି । ଏ ସମ୍ପର୍କରେ ଜଳେଶ୍ୱର ତହସିଲଦାର ସ୍ମୃତିରଂଜନ ମଲ୍ଲିକଙ୍କୁ ପଚାରିବାରୁ ଏପରି କୌଣସି ଘଟଣା ଘଟିନଥିବା ସେ କହିଛନ୍ତି ।

# କୃଷିନୀତି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ



ଭଦ୍ରକ, ୩୦/୧୨ (ନି.ପ୍ର): ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଅଧ୍ୟକ୍ଷତାରେ ତା୨୯.୧୨.୨୧ରିଖ ସନ୍ଧ୍ୟାରେ ସଦ୍‌ଭାବନା ଗୃହରେ ୨୦୨୧-୨୨ ବର୍ଷ ପାଇଁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜଗନ୍ନାଥ ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ସମସ୍ତ କୃଷି ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଚଳିତ ରବି ଋତୁରେ ଉତ୍ପାଦନ ବୃଦ୍ଧି ଜରିଆରେ କୃଷକ ସଶକ୍ତିକରଣ ଆଭିମୁଖ୍ୟରେ ସରକାରଙ୍କ ନିର୍ଦ୍ଦେଶ ମତେ ବିଭିନ୍ନ ଯୋଜନା କୃଷିନୀତିରେ ଅନ୍ତର୍ଭୁକ୍ତ କରାଯାଇଥିବା ବୈଠକରେ ପ୍ରକାଶ କରାଯାଇଥିଲା। ବଦଳ କୃଷିକୁ ପ୍ରୋତ୍ସାହନ ସହ ଉନ୍ନତ ପରିଚ୍ଛଳନା ଜରିଆରେ କୃଷି ଉତ୍ପାଦନ ଖର୍ଚ୍ଚ ହ୍ରାସ କରାଯିବା, କୃଷକମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିବା ସହ ଉନ୍ନତ ମୃତ୍ତିକା ସ୍ୱାସ୍ଥ୍ୟ ପରିଚ୍ଛଳନା ପାଇଁ ମୃତ୍ତିକା ପରୀକ୍ଷା ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରିବା, ଅଧିକ ଆୟ ପାଇଁ ଧାନଚାଷ ଅଞ୍ଚଳରେ ରବି ଋତୁରେ ଡାଲି, ତୈଳ, ପରିବା ଆଦି ଅଣଧାନ ଚାଷକୁ ଆପଣାଇବା, ପ୍ରମାଣିକୃତ ଉନ୍ନତମାନର ବିହନ ବ୍ୟବହାର କରିବା, କୃଷି ପୋଖରୀ ଓ ସମନ୍ୱିତ କୃଷି ଜରିଆରେ କୃଷକ ମାନଙ୍କ ଆୟ ବୃଦ୍ଧି କରାଯିବା, ଅଣରଣୀ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ କୃଷକ ବୀମା ଯୋଜନାରେ ବୀମାଭୁକ୍ତ କରାଯିବା, ରବି ଋତୁରେ ଡାଲି ଓ ତୈଳ ଜାତୀୟ ଫସଲ ପ୍ରକ୍ରିୟାକରଣ ଉପରେ ଗୁରୁତ୍ୱ ପ୍ରଦାନ କରାଯିବା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଜରିଆରେ କୃଷି କ୍ଷେତ୍ରରେ କୃଷି-ଉଦ୍ୟୋଗୀ ମାନଙ୍କୁ ପ୍ରୋତ୍ସାହନ ଦିଆଯାଇ ଗ୍ରାମାଞ୍ଚଳରେ ଯୁବଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ସୁବିଧା ସୃଷ୍ଟି କରାଯିବା, ବଳରାମ ଯୋଜନାରେ ଭୂମିହୀନ ଚାଷୀ ମାନଙ୍କୁ ଋଣ ପ୍ରଦାନ ଓ ଚାଷ ପାଇଁ ସୁଯୋଗ ଯୋଗାଇଦେଇ ସେମାନଙ୍କ ଆୟ ବୃଦ୍ଧି କରିବା, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କୁ କୃଷି ଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରାଯିବା ସହ ମହିଳା କୃଷକ ମାନଙ୍କ ସଶକ୍ତିକରଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯିବା ନେଇ ସୂଚନା ପ୍ରଦାନ କରାଯାଇଥିଲା। ଚଳିତ ରବି ଋତୁରେ ଜିଲ୍ଲାର ୩୬,୪୦୦ ହେକ୍ଟର ଜମିରେ ଚାଷ କରାଯିବାକୁ ଥିବାବେଳେ ସେଥିରୁ ୬୦୦ ହେ. ରେ ଆଖୁ, ୨୦୦୦ ହେ. ରେ ମସଲା ଜାତୀୟ, ୫,୪୫୦ ହେ. ରେ ସମୁଦାୟ ପରିବା, ୪,୩୦୦ ହେ. ରେ ସମୁଦାୟ ତୈଳ ଜାତୀୟ, ୧୯,୨୦୦ ହେ. ରେ ସମୁଦାୟ ଡାଲି ଜାତୀୟ, ୩୦୦ ହେ. ରେ ମକା, ୫୦ ହେ. ରେ ଗହମ, ୪,୫୦୦ ହେ. ରେ ଅଧିକ ଅମଳକ୍ଷମ ଧାନଚାଷ କରାଯିବା ନେଇ ସୂଚନା ଦିଆଯାଇଥିଲା। କୃଷିଜନିତ ଆୟ ବୃଦ୍ଧି ପାଇଁ ପ୍ରଣୀତ ହୋଇଥିବା ସମନ୍ୱିତ କୃଷି ଯୋଜନାରେ କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଏହି ୩ ମଡେଲରେ ୨୩ଟି ୟୁନିଟ୍ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ୨୦୨୧-୨୨ ବର୍ଷରେ କାର୍ଯ୍ୟକାରୀ କରାଯିବା ନେଇ ମଧ୍ୟ ସୂଚନା ପ୍ରଦାନ କରାଯାଇଥିଲା। ବନ୍ତ ଏବଂ ତିହିଡ଼ି ବ୍ଲକ୍‌ରେ ୪ଟି ଲେଖାଏଁ ଏବଂ ଅନ୍ୟ ସମସ୍ତ ବ୍ଲକରେ ୩ଟି ଲେଖାଏଁ ୟୁନିଟ୍ ସ୍ଥାପନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

# ଜଳେଶ୍ୱରରୁ ନିଶାଦ୍ରବ୍ୟ ମୂଳୋତ୍ପାଟନ ପାଇଁ ଅଣ୍ଟା ଭିଡିଲା ମିଳିତ ନିଶା ନିବାରଣ କମିଟି

ଜଳେଶ୍ୱର ୨୯/୧୨(ନିପ୍ର): ଜଳେଶ୍ୱର ନିଶାକାରବାରର ପେଣ୍ଠସ୍ଥଳୀ ଭାବେ କୁହାଯାଉଥିବା ବେଳେ ସେଠାରୁ ନିଶାଦ୍ରବ୍ୟର ମୂଳୋତ୍ପାଟନ ଲାଗି ଜଳେଶ୍ୱରର ମିଳିତ ନିଶାନିବାରଣ କମିଟି ବିଭିନ୍ନ ପ୍ରଶାସନୀକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି । ଜାନୁଆରୀ ୧୧ ତାରିଖ ସୁଦ୍ଧା ଏହାର ସମାଧାନ ନ ହେଲେ ୧୨ ତାରିଖ ଯୁବ ସ୍ୱାଭିମାନ ଦିବସ ଅବସରରେ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ନିମନ୍ତେ କମିଟି ପକ୍ଷରୁ ଲିଖିତଭାବେ ଅବକାରୀ କମିସନରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପାକିସ୍ଥାନ, ବାଂଲାଦେଶ ଓ ମେଦିନୀପୁର ସୀମାଦେଇ ଜଳେଶ୍ୱରକୁ ବ୍ୟାପକ ବ୍ରାଉନ୍‌ସୁଗର ଏବଂ ପଶ୍ଚିମବଂଗର ବିଭିନ୍ନ ସ୍ଥାନରୁ ଚୋରାମଦ ପ୍ରବେଶ କରୁଥିବା ବେଳେ ଏହାକୁ ଜଳେଶ୍ୱରର କେତେକ ସାମାଜିକ ଓ ସାଂସ୍କୃତିକ ସଂଗଠନ ଓ ବ୍ୟକ୍ତି ବିଶେଷ ବିରୋଧ କରି ଆସୁଛନ୍ତି । ପ୍ରକାଶଯୋଗ୍ୟ ଜଳେଶ୍ୱରରେ ଚଳିତବର୍ଷ ଏଭଳି ୨୨୮ଟି ମାଦକଦ୍ରବ୍ୟ ମାମଲା ରୁଜୁ ହୋଇଥିବା ବେଳେ ୨୩୩ ଜଣଙ୍କୁ ଗିରଫ, ୭ଟି ୪ଚକିଆ ଯାନ ଓ ୨୦ଟି ମୋଟରସାଇକେଲ ଜବତ୍ ସହିତ ୩ କିଲୋ ରୁ ଅଧିକ ବ୍ରାଉନ୍‌ସୁଗର ଜବତ୍ କରାଯାଇଛି । ଜଳେଶ୍ୱର ଏକ ସମ୍ବେଦନଶୀଳସ୍ଥାନ ହୋଇଥିବା ବେଳେ ଏହାର ନିରାକରଣ ଲାଗି ପ୍ରଶାସନୀକ ସ୍ତରରେ ବିଶେଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ସଂପର୍କରେ ସେମାନେ ଉଲ୍ଲେଖ କରିଛନ୍ତି । କେତେକ ପୁଲିସ୍, ସ୍ୱତନ୍ତ୍ର ଆରକ୍ଷୀ ବଳ ଓ ଅବକାରୀ ବିଭାଗର କାର୍ଯ୍ୟାନୁଷ୍ଠାନ ଫଳରେ ସାମୟିକ ଭାବେ ଏହା କମିଥିବା ବେଳେ ଗତ ୨୮ତାରିଖରେ ଜଣେ କୁଖ୍ୟାତ ନିଶାବ୍ୟବସାୟୀ ଗ୍ୟାରେଜବଜାର ନିକଟରୁ ପୁଲିସ୍ ହାତରୁ ଖସିଯିବାକୁ ଜଳେଶ୍ୱରବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଅନ୍ୟପକ୍ଷରେ ଜଳେଶ୍ୱରରେ ଜଣେ ଯୁବ ଆଇପିଏସ୍‌ଙ୍କ ନିଯୁକ୍ତି, ଏସ୍‌ଟିଏଫର ଶାଖା କାର୍ଯ୍ୟାଳୟ ପ୍ରତିଷ୍ଠା, ପୁଲିସ୍ ଓ ଅବକାରୀ ବିଭାଗର ମୋବାଇଲ ପେଟ୍ରୋଲିଂ, ଦକ୍ଷ କର୍ମଚାରୀ ନିଯୁକ୍ତି, କର୍ମଚାରୀଙ୍କ ସୁବିଧା ସୁଯୋଗ ଦେବା ସହିତ ଉପାନ୍ତ ଲକ୍ଷ୍ମଣନାଥ ଠାରେ ଏକ ବିଟ୍‌ହାଉସ୍ ଓ ପଶ୍ଚିମବାଡ ଠାରେ ଏକ ଫାଣ୍ଡି ପ୍ରତିଷ୍ଠା ଲାଗି ମିଳିତ ନିଶା ନିବାରଣ ଅଭିଯାନର ସଭାପତି କମଳ ଚକ୍ରବର୍ତ୍ତୀ, ସଂପାଦକ ଅରୁଣ ବେଜ, ସଂଗଠନ ସଂପାଦକ ମନୋରଂଜନ ଦାସ ରାଜ୍ୟ ଅବକାରୀ କମିଶନରଙ୍କୁ ଲିଖିତଭାବେ ଜଣାଇଛନ୍ତି । ତାଙ୍କ ବ୍ୟତିତ ବାଲେଶ୍ୱର ଅବକାରୀ ଏସ୍‌ପି, ଏସ୍‌ପି, ପୂର୍ବାଞ୍ଚଳ ଆଇଜି, ଜିଲାପାଳ, ଅବକାରୀ ବିଭାଗ ପ୍ରମୁଖ ସଚିବ, ୫ଟି ସଚିବ, ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ସଂକ୍ରମଣ ରୋକିବାକୁ କଡା କଟକଣା....

ସଂକ୍ରମଣ ବାବଦରେ ଦୁନିଆକୁ ଅନ୍ଧାରରେ ରଖୁଥିଲା ବେଜିଂ । ଟିକାକରଣ ପରେ ସବୁକିଛି ଠିକ ଠାକ ଥିଲା ବୋଲି ଆଶା କରାଯାଉଥିଲ । କିନ୍ତୁ ଚୀନର ସୋଶିଆଲ ମିଡିଆ 'ଭିଭୋ'ରେ ଲିକ୍ ହୋଇଥିବା ତଥ୍ୟ ସବୁକିଛି ପଦାରେ ପକାଇଛି । ଭିଭୋରେ ଲୋକମାନେ ନିଜର ଅସନ୍ତୋଷ ଜାହିର କରୁଥିବା ଜଣାପଡିଛି । ମୁଖ୍ୟତଃ କଡା ପ୍ରତିବନ୍ଧକକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜଣେ ଅସନ୍ତୋଷ ପ୍ରକାଶ କରି କହିଛନ୍ତି, ଚୀନରେ ଲୋକେ ଭୋକରେ ରହୁଛନ୍ତି । ଘରୁ ବାହାରିବା ଉପରେ ରୋକ୍ ଲଗାଯାଇଛି । ସଉଦା ଆଣିବାକୁ ଲୋକେ ବାହାରକୁ ଯାଇପାରୁ ନାହାନ୍ତି । ଆଉ ନିୟମ ଉଲଂଘନ କଲେ ଜେଲ୍ ଯିବାକୁ ପଡୁଛି । କେବଳ କରୋନା ନେଗେଟିଭ୍ ରିପୋର୍ଟ ଆସିଥିବା ବ୍ୟକ୍ତି ଘରୁ ବାହାରିପାରିବେ । ମେଡିକାଲ ଜନିତ ସମସ୍ୟା ଥିଲେ ଜରୁରୀକାଳୀନ ଭାବରେ ଘରୁ ବାହାରିବାକୁ ଅନୁମତି ରହିଛି ।

## ମହାତ୍ମା ଗାନ୍ଧୀଙ୍କ ଉପରେ ବିବାଦୀୟ....

ଦେଇଥିବା ବୟାନକୁ ନେଇ ଦୁଃଖିତ ନୁହନ୍ତି ବୋଲି କହିଥିଲେ। ଯଦି ସତ କହିବାର ଦଣ୍ଡ ଯଦି ମୃତ୍ୟୁ ଦଣ୍ଡାଦେଶ ହୁଏ ତଥାପି ମଧ ସେ ତାଙ୍କ ବୟାନରୁ ପଛଘୁଂଚା ଦେବେନି ବୋଲ୍ କହିଛନ୍ତି ବାବା କାଳିଚରଣ । ଶେଷରେ ଫେରାର ବାବାକୁ ରାୟପୁର ପୁଲିସ ମଧ୍ୟପ୍ରଦେଶ ଖଜୁରାଉରୁ ଗିରଫ କରିଛି । ସେହିପରି ତାଙ୍କର ଦୁଇଜଣ ଶିଷ୍ୟ ମଧ ଗିରଫ ହୋଇଥିବା ଜଣାପଡିଛି । ଅନ୍ୟପଟେ ବାବା କାଳିଚରଣ ଗିରଫ ହେବା ପରେ ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ଓ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ମଧରେ ବାକ୍ ଯୁଦ୍ଧ ଆରମ୍ଭ ହୋଇଛି ।

## ବିଧାୟକ କିଶୋର ମହାନ୍ତିଙ୍କ....

ସେ ଝାରସୁଗୁଡ଼ାର ବିଧାୟକ ଥିଲେ। ନିକଟରେ ଶ୍ରୀମନ୍ଦିର ଦର୍ଶନ କରି ଫେରିବା ସମୟରେ କିଶୋର ଭାଇ ଏବଂ ସପରିବାର ସହ ସାକ୍ଷାତ୍ ହୋଇଥିଲା। ମୁଁ ବିଶ୍ୱାସ କରିପାରୁ ନାହିଁ ଆଜି ସେ ଆମ ଗହଣରେ ନାହାନ୍ତି। ତାଙ୍କ ବିୟୋଗରେ ଓଡ଼ିଶା ରାଜନୀତିରେ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ତିଆରି ହୋଇଛି। ଲମ୍ବା ସମୟର ରାଜନୀତିରେ ସେ ଜନପ୍ରତିନିଧି ଭାବେ କରିଥିବା କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇ ରହିବ। ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି। ଏହି ଦୁଃଖଦ ସମୟରେ ମହାପ୍ରଭୁ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହାସ ଦିଅନ୍ତୁ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି ଜଣାଇଛନ୍ତି ।

## ଜାନୁଆରୀ ମାସରେ ପିକନିକ୍ ମନା....

ଅନୁମତିରେ ଯାତ୍ରା କରାଯାଇପାରିବ। ହେଲେ ଏସବୁ କୋଭିଡ୍ ନିୟମ ଅନୁସାରେ ଆୟୋଜନ କରାଯିବ। ଏହଛଡ଼ା ସିନେମା ହଲ୍ ଗୁଡ଼ିକ ୫୦ ପ୍ରତିଶତ ଦର୍ଶକ କ୍ଷମତାରେ ଚାଲିବ। ତେବେ ସିନେମା ହଲ୍ ଯିବା ପାଇଁ ଦର୍ଶକଙ୍କୁ ଡବଲ ଡୋଜ୍ ଟିକା ବା ନେଗେଟିଭ୍ ଟେଷ୍ଟ ରିପୋର୍ଟ ଜରୁରୀ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିବାହ , ବ୍ରତୋପନୟ ଓ ଶୁଦ୍ଧିକ୍ରିୟା ଆଦି ସାମାଜିକ କାର୍ଯ୍ୟରେ ୨୫୦ରୁ ଅଧିକ ଲୋକ ଯୋଗ ଦେଇପାରିବେ ନାହିଁ।

# ଦୁଷ୍କର୍ମ ଅଭିଯୋଗରେ ପାଦ୍ରିଙ୍କୁ ଆଜୀବନ କାରାଦଣ୍ଡ

ମୁମ୍ବାଇ, ୩୦/୧୨ (ନି.ପ୍ର): ମୁମ୍ବାଇ ଶିବାଜୀ ନଗର ଅଂଚଳରେ ୧୩ ବର୍ଷିୟ ଜଣେ ପିଲା ସହିତ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଖ୍ରୀଷ୍ଟିଆନ ପାଦ୍ରୀ ଜାନସନ ଲାରେସ୍ ଙ୍କୁ ସ୍ୱତନ୍ତ୍ର କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ଅଭିଯୁକ୍ତଙ୍କୁ ୧୩ ହଜାର ଟଂକାର ଜୋରିମାନା ଦେବାକୁ ମଧ ଆଦେଶ ଦେଇଛନ୍ତି । ଅଭିଯୁକ୍ତ ପାଦରିକୁ ଏହି ଘଟଣା ପରେ ଆର୍ଥର ରୋଡ ଜେଲ ହାଜତକୁ ପଠାଇ ଦିଆ ଯାଇଛି। ସରକାରୀ ଓକିଲ ସୀମା ଜାଦବଙ୍କ ଅନୁସାରେ ଶିବାଜି ନଗର ଅଂଚଳ ସ୍ଥିତ ଚର୍ଚ୍ଚରେ ଛୋଟ ପିଲାଟି ତାର ବାପା ମାଙ୍କ ସହିତ ଯାଇଥିଲା । ପାଦରୀର ଏହି ପରିବାର ସହିତ ଆଗରୁ ଜଣା ଶୁଣା ଥିଲେ । ଏହି ପରିଚୟର ଫାଇଦା ନେଇ ପାଦରୀ ୨୦୧୫ ମେ ୩ ତାରିଖରେ ପିଲା ସହିତ ଦୁଷ୍କର୍ମ କରିଥିଲା। ଏହାପରେ ପିଲାର ଦେହ ଖରାପ ହେବା ସହିତ ପିଲାଟି ଭୟଭିତ ହୋଇଜାଇଥିଲା । ପିଲାର ବାପା ମା ଯେତେବେଳେ ପିଲାକୁ ପଚରା ଉଚରା କଲେ ସେତେବେଳେ ପୁରା ଘଟଣା ପଦାକୁ ଆସିଥିଲା । ଏହା ପରେ ପିଲାର ପିତା ମାତା ପାଦରି ବିରୋଧରେ ସ୍ଥାନୀୟ ପୋଲିସ ଷ୍ଟେସନ୍‌ରେ ଜଣାଇଥିଲେ। ଓକିଲ କହିଛନ୍ତି ଏହି କେସ୍‌ର ମଧ ଲୋକମାନଙ୍କଠାରୁ ସାକ୍ଷୀ ପ୍ରମାଣ ନିଆଯାଇଥିଲା ।

# ପ୍ରଥମ ଟେଷ୍ଟରେ ଭାରତ ଦକ୍ଷିଣ ଆଫ୍ରିକାକୁ ୧୧୩ ରନ୍‌ରେ ପରାସ୍ତ କଲା

ସେଂଚୁରିୟନ, ୩୦/୧୨ (ନି.ପ୍ର): ଭାରତୀୟ କ୍ରିକେଟ ଦଳ ଦକ୍ଷିଣ ଆଫ୍ରିକାକୁ ପ୍ରଥମ ଟେଷ୍ଟରେ ୧୧୩ ରନରେ ପରାସ୍ତ କରି ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି । ୩୦୫ ରନର ଲକ୍ଷ୍ୟକୁ ପଛରେ ପକାଇ ଦକ୍ଷିଣ ଆଫ୍ରିକା ପଂଚମ ଦିନରେ ମଧ୍ୟାହ୍ନ ଭୋଜନ ପରେ ୧୯୧ ରନ୍‌ରେ ସୀମିତ ରଖି ପାରିଥିଲା । ପ୍ରଥମ ଇନିଂସରେ ଭାରତ ୩୨୭ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଦକ୍ଷିଣ ଆଫ୍ରିକା ଦଳ କେବଳ ପ୍ରଥମ ଇନିଂସରେ ୧୯୭ ରନ୍ ସ୍କୋର କରିପାରିଥିଲା । ଭାରତ ଦ୍ୱିତୀୟ ଇନିଂସରେ ୧୭୪ ରନ୍ ସଂଗ୍ର କରି ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୩୦୫ ରନ୍ ସଂଗ୍ରହ କରିଥିଲା । ପଂଚମ ଦିନରେ ଦକ୍ଷିଣ ଆଫ୍ରିକା ଚାରିଟି ୱିକେଟରେ ୯୪ ରନରେ ଖେଳିବା ଆରମ୍ଭ କଲା । କ୍ୟାପଟେନ ଡିନ ଏଲଗାର ଦିନର ପଂଚମ ବଲରେ ମହମ୍ମଦ ଶାମିଙ୍କୁ ଚୌକା ସହ ଦଳକୁ ତିନି ଅଙ୍କ ବିଶିଷ୍ଟ କରିଥିଲେ। ମୋଟ ୧୩୦ରେ ଏଲଗାର (୭୭) ବୁମ୍‌ରାଙ୍କ ଦ୍ୱାରା ଏଲବିଡବ୍ଲୁ ହୋଇଥିଲେ ଏବଂ ଦକ୍ଷିଣ ଆଫ୍ରିକାକୁ ଦିନର ପ୍ରଥମ ଝଟକା ଏବଂ ଇନିଂସର ପଂଚମ ଝଟକା ଦେଇଥିଲେ। କ୍ୱିଂଟନ ଡି କକ୍ (୨୧) ମୋଟ ୧୬୧ ରେ ମହମ୍ମଦ ସିରାଜଙ୍କ ଦ୍ୱାରା ବୋଲିଂ କରି ଦକ୍ଷିଣ ଆଫ୍ରିକାକୁ ଷଷ୍ଠ ଝଟକା ଦେଇଥିଲେ। ମୋଟ ଉପରେ ୧୬୪ପରେ ମହମ୍ମଦ ଶାମି ଭିଆନ ମୋଲଡ଼ର (୧)କୁ ବୋଲିଂ କରି ଭାରତକୁ ସପ୍ତମ ସଫଳତା ଦେଇଥିଲେ । ମୋଟ ୧୯୦ ସ୍କୋରରେ ଶାମି ମାର୍କୋ ଜନସନ (୧୩) କୁ ପାଭିଲିୟନକୁ ପଠାଇ ଭାରତକୁ ଅଷ୍ଟମ ସଫଳତା ଦେଇଥିଲେ । ଏହା ପରେ ଅଶ୍ୱିନ କାଗିସୋ ରାବାଡ଼ା (୦୦) ଏବଂ ଲୁଙ୍ଗି ଏନଗିଡ଼ (୦୦) କୁ ମୋଟ ୧୯୧ ପାଇଁ ପାଭଲିୟନକୁ ପଠାଇ ଭାରତକୁ ୧୧୩ ରନ୍‌ର ବିଜୟ ଦେଇଥିଲେ। ତେମ୍ବା ବାବୁମା ୩୫ରେ ଅପରାଜିତ ରହିଥିଲେ। ଭାରତ ପାଇଁ ଜସପ୍ରୀତ ବୁମରା ଏବଂ ମହମ୍ମଦ ଶାମି ୩ ଏବଂ ମହମ୍ମଦ ସିରାଜ ଏବଂ ରବିଚନ୍ଦ୍ରନ ଅଶ୍ୱିନି ୧ ୱିକେଟ୍ ନେଇଛନ୍ତି ।

# କୋଭିଡ ଟିକାକରଣ କାର୍ଯ୍ୟକ୍ରମ ଅଗ୍ରଗତିର ସ୍ଥିତି ସମ୍ପର୍କରେ ପ୍ରଶାସନିକ ସ୍ତରରେ ସମୀକ୍ଷା



ବାରିପଦା, ୩୦/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ କୋଭିଡ ଟୀକାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବା ନେଇ ଭିଡିଓ କନଫରେନ୍‌ସ ଜରିଆରେ ଜିଲ୍ଲାସ୍ତରୀୟ ଏକ ସମୀକ୍ଷା ମୂଳକ ଆଲୋଚନା ବୈଠକ ତା ୨୮-୧୨-୨୦୨୧ରିଖରେ ଜିଲ୍ଲାପାଳ ମୟୂରଭଞ୍ଜ ବିନୀତ ଭରଦ୍ୱାଜ, ଭାପ୍ରସେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଓସ୍ୱାନ ଭିଡିଓ କନଫରେନ୍‌ସିଂ ହଲରେ ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପି.ଅନ୍ୱେଷା ରେଡି, ଭାପ୍ରସେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମୟୂରଭଞ୍ଜ, ରୁଦ୍ରନାରାୟଣ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ରୂପଭାନୁ ମିଶ୍ର, ଜିଲ୍ଲା କୋଭିଡ ନୋଡାଲ ଅଧିକାରୀ ଡା. ଜ୍ଞାନ ରଂଜନ ମହାନ୍ତି ଏପିଡି(ପ୍ରଶାସନ) ଡିଆରଡିଏ ପ୍ରିୟବ୍ରତ ପଟ୍ଟନାୟକ, ପିଏଚଓ ଡା.ଚାରୁବାଳା ରଥ,ଏଡିଏମଓ ମେଡିକାଲ ଡା. ନିହାର ରଂଜନ ଦାସ, ଡିପିଏମ୍ ଏନ୍‌ଏଚ୍‌ଏମ ପି ପି ପତି, ଡିଏସଡବ୍ଲୁଓ ତଥା ସଂପୃକ୍ତ ବିଭାଗ ଅଧିକାରୀ ସମେତ ବ୍ଲକସ୍ତରରେ ସଂପୃକ୍ତ ବିଡିଓ, ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକାରୀ, ସିଡିପିଓ ତଥା ସଂପୃକ୍ତ କ୍ଷେତ୍ର ଅଧିକାରୀମାନେ ଯୋଗଦେଇ ଆଲୋଚନା ଓ ସମୀକ୍ଷାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ବୈଠକରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଜିଲ୍ଲାରେ କୋଭିଡ ଟୀକାକରଣ କାର୍ଯ୍ୟ କ୍ରମ ସ୍ଥିତି ଉପରେ ବିସ୍ତୃତ ସମସ୍ତ ବ୍ଲକ ୱାରୀ ବିସ୍ତୃତ ଭାବରେ ଆଲୋଚନା ମୂଳକ ଓ ସମୀକ୍ଷା କରିବା ସହିତ ଦୈନିକ ଧାର୍ଯ୍ୟ ଲକ୍ଷଥିବା ଟୀକା କରଣ ସଂଖ୍ୟା ବୃଦ୍ଧି କରିବା ପାଇଁ ବିଶେଷ କରି ପ୍ରତ୍ୟେକ ଗ୍ରାମ/ସାହି/ ୱାର୍ଡରେ ଯେଉଁମାନେ କୋଭିଡ ଟୀକା ନେଇ ନାହାନ୍ତି ସେମାନଙ୍କ ନାମ ତାଲିକା ପ୍ରସ୍ତୁତ କରି ପ୍ରଥମ ଓ ଦ୍ୱିତୀୟ ଡୋଜ ଟୀକା ଦେବା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସଂପୃକ୍ତ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ପାଇଁ ଜରୁରୀ କାଳୀନ ଭିତିରେ ଟୀକାକରଣ ଜିଲ୍ଲାର ସମସ୍ତ ବ୍ଲକ ଅଂଚଳରେ କୋଭିଡ ଟୀକା କରଣ କେନ୍ଦ୍ର ସଂଖ୍ୟା ବୃଦ୍ଧି କରିବା ଏବଂ ଯେଉଁ ବ୍ଲକରେ ୫୦ପ୍ରତିଶତରୁ କମ୍ ଟୀକା କରଣ ହୋଇଥିବା ବ୍ଲକରେ ଅତିରିକ୍ତ ୧୨ଟି ମୋବାଇଲ୍ ଭି.ଟି. (ଭ୍ରାମ୍ୟମାଣ ଟୀକା କରଣ ଟିମ୍) ନିୟୋଜିତ କରାଯିବା ଏବଂ ସେହିପରି ୫୦ ପ୍ରତିଶତରୁ ଅଧିକ ଟୀକା କରଣ ହୋଇଥିବ ବ୍ଲକ ଅଂଚଳରେ ଅତିରିକ୍ତ ୮ ମୋବାଇଲ୍ ଭି.ଟି. (ଭ୍ରାମ୍ୟମାଣ ଟୀକା କରଣ ଟିମ୍) ନିୟୋଜିତ କରାଯାଇ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ବିଡିଓ / ସିଏଚ୍‌ସି ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ଗୁରୁତ୍ୱାରୋପ କରାଯାଇଛି । ଏଥି ସହିତ ପୂର୍ବ ନିର୍ଦ୍ଧାରିତଥିବା ସମସ୍ତ କୋଭିଡ ଟୀକା କରଣ କେନ୍ଦ୍ରରେ ଯଥା ବିଧି ନିୟମିତ ଟୀକା କରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବା ଏବଂ ଟୀକାକରଣ କାର୍ଯ୍ୟକ୍ରମର ଅଗ୍ରଗତି ସ୍ଥିତି ସଂପର୍କରେ ପ୍ରତିଦିନ ତଦାରଖ ଓ ସମୀକ୍ଷା କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ / ଡିପିଏମ୍‌ଏନ୍‌ଏଚ୍‌ଏମ୍ / ସିଏଚ୍‌ସି ସ୍ୱାସ୍ଥ୍ୟ ଅଧିକାରୀ / ବିଡିଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସର୍ବପରି ଜିଲ୍ଲାର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦେଇ ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଆଶାକର୍ମୀ / ଅଙ୍ଗନ ୱାଡି କର୍ମୀ / ସ୍ୱାସ୍ଥ୍ୟ କର୍ମୀମାନଙ୍କ ସାମିଲ କରାଯାଇ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବା ଦିଗରେ ଗୁରୁତ୍ୱାରୋପ କରାଯାଇଥିବାବେଳେ ଯେଉଁମାନେ ପ୍ରଥମ ଡୋଜ ଟୀକା ନେଇଥବା ବ୍ୟକ୍ତି ମାନେ ନିର୍ଦ୍ଧାରିତ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦ୍ୱିତୀୟ ଡୋଜ ଟୀକା ନେବା ଏବଂ ଯେଉଁମାନେ ଅଦ୍ୟାବଧି ଆଦୌ ଟୀକା ନେଇଥିବା ନାହାନ୍ତି ସେମାନେ ପ୍ରଥମ ଡୋଜ ଟୀକା ନେବା ପାଇଁ ପରାମର୍ଶ ଦିଆଯାଉଅଛି।

# କଳା, ସଂସ୍କୃତି ସମ୍ପନ୍ନ ଶତାୟୁ ପୁରୁଷ ଭଜହରି ଘୋଷଙ୍କ ପରଲୋକ ଓ ଶୋକସଭା

ଜଳେଶ୍ୱର ୨୯/୧୨(ନିପ୍ର): ବିଶିଷ୍ଟ ପାଲା ଗାୟକ, କଳା ସଂସ୍କୃତିର ପୂଜାରୀ ତଥା ଶତାୟୁ ପୁରୁଷ ଭଜହରି ଘୋଷଙ୍କ ଗତ ୨୨ ତାରିଖରେ ପରଲୋକ ଘଟିଛି । ମୃତ୍ୟୁବେଳେ ପୁଅ ପ୍ରାଧ୍ୟାପକ ବିଜୟ କୁମାର ଘୋଷ, ଅଜୟ କୁମାର ଘୋଷ, ସଂଜୟ କୁମାର ଘୋଷ, ପୁତ୍ରବଧୂ, କନ୍ୟା ରେବତୀ, ମାହେଶ୍ୱରୀ, ରାସେଶ୍ୱରୀ, ନିଳିମା ଓ ନାତିନାତୁଣୀ ପରିବାରବର୍ଗ ଉପସ୍ଥିତ ଥିଲେ । ସେ ଜଣେ ଲୋକକଳାର ବରିଷ୍ଠ କଳାକାର ଥିବାରୁ ବସ୍ତାସ୍ଥିତ କଳା, ସଂସ୍କୃତି ସଂଘ ପକ୍ଷରୁ ପାଲାଗାୟକ ପିତାମ୍ବର ଦାସଙ୍କ ଅଧ୍ୟକ୍ଷତାରେ ଶୋକ ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଜୟ ଘୋଷ, ଚନ୍ଦ୍ରମୋହନ ରାଉଳ, ଜଗଦିଶ୍ୱର ଜେନା, ହରିଶ୍ଚନ୍ଦ୍ର ବେହେରା, ଅଶୋକ ସାହୁ, ପ୍ରଫୁଲ୍ ଘୋଷ, ବିଜୟ ଜେନା, ଭଜହରି ଦାସ, ଅଦୈତ୍ୟ ଦାସ, ପର୍ଶୁରାମ ପରିଡା, ସୁରେନ୍ଦ୍ର ରାଉତ, ପିତାମ୍ବର ଦାସ, ପୂର୍ଣ୍ଣଚନ୍ଦ ଜ୍ୟୋତି, ଚନ୍ଦ୍ରକାନ୍ତ ପରିଡା, ପଂଚାନନ ପରିଡା, ପର୍ଶୁରାମ ପରିଡା, ଅଂଜଳି ବିଶ୍ୱାଳ, ରାଧାକୃଷ୍ଣ ରାଉତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ କରିଥିଲେ ।

# ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ : ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ

ଭଦ୍ରକ, ୩୦/୧୨ (ନି.ପ୍ର): ତମାଖୁ ସେବନ ଜନିତ କୁପ୍ରଭାବରୁ ଧନ, ଜୀବନ ଓ ସ୍ୱାସ୍ଥ୍ୟ ଜନିତ କ୍ଷୟକ୍ଷତିରୁ ଜନଜୀବନକୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ପ୍ରଣୀତ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ତା୨୯.୧୨.୨୧ରିଖ ଅପରାହ୍ଣରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ନୋଡାଲ ଅଧିକାରୀ ଡା. ଜୟନ୍ତ କୁମାର ପଣ୍ଡା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏସ୍.ଏମ୍.ଓ. ଅର୍ଚ୍ଚନା ଗାଏନ୍, ଅନ୍ୟ ଡାକ୍ତର, ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଦୃଶ୍ୟ ଫଳକ ଜରିଆରେ ତମାଖୁ ସେବନ ନିୟନ୍ତ୍ରଣ ପାଇଁ ସଚେତନତା, ଆଇନଗତ କାର୍ଯ୍ୟାନୁଷ୍ଠାନ, ତମାଖୁ ସେବନ ଜନିତ ଦୁରାରୋଗ୍ୟ, ତମାଖୁ ନିୟନ୍ତ୍ରଣ ପାଇଁ ସଂପୃକ୍ତ ବିଭାଗୀୟ କାର୍ଯ୍ୟପନ୍ଥା ଆଦି ସମ୍ବନ୍ଧରେ ବୈଠକରେ ଉପସ୍ଥାପନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ କି ୨୦୦୭-୦୮ ବର୍ଷରେ ଏକାଦଶ ପଞ୍ଚବାର୍ଷିକ ଯୋଜନା କାଳରେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ତମାଖୁ ସେବନ ଜନିତ କୁପ୍ରଭାବ ସମ୍ବନ୍ଧରେ ସଚେତନତା ଏବଂ ତମାଖୁ ନିୟନ୍ତ୍ରଣ ଆଇନ୍ ଓ ତାର କାର୍ଯ୍ୟକାରୀତା ଉଦ୍ଦେଶ୍ୟରେ ପ୍ରଣୀତ ଏହି କାର୍ଯ୍ୟକ୍ରମକୁ ପ୍ରଥମ ଦଫାରେ ଦେଶର ୨୧ଟି ରାଜ୍ୟରେ ୪୨ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯାଇଥିଲା ବେଳେ ଦ୍ୱିତୀୟ ଦଫାରେ ୨୦୧୧ରେ ଓଡ଼ିଶାର ଖୋର୍ଦ୍ଧା ଓ କଟକ ଜିଲ୍ଲା ଏବଂ ୨୦୧୭ରେ ରାଜ୍ୟର ସମସ୍ତ ଜିଲ୍ଲାକୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଥିଲା। ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଜନିତ ବିଭିନ୍ନ କାର୍ଯ୍ୟପନ୍ଥା ବାବଦରେ ବୈଠକରେ ଆଲୋଚନା କରାଯାଇଥିଲା। ସମସ୍ତ ସ୍କୁଲରେ ତମାଖୁମୁକ୍ତ ସ୍କୁଲ ମାର୍ଗଦର୍ଶିକାକୁ ଅନୁପାଳନ କରିବା, ସମସ୍ତ ସ୍କୁଲ ହତାକୁ ତମାଖୁ ମୁକ୍ତ ରଖିବା, ତମାଖୁ ସେବନ ଜନିତ ଭୟାବହତା ଓ କ୍ଷତିସାଧନ ବିଷୟ ନେଇ ସ୍କୁଲ ମାନଙ୍କରେ ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, ସ୍ଲୋଗାନ ଆଦି ପ୍ରତିଯୋଗିତା ଆୟୋଜନ କରିବା, ବିଦ୍ୟାଳୟ ହତା ସୀମାରୁ ୧୦୦ ଗଜ ଦୂର ମଧ୍ୟରେ ତମାଖୁ ଉତ୍ପାଦନ ସାମଗ୍ରୀ ବିକ୍ରୟ କେନ୍ଦ୍ର ନରହିବା, ଥିଲେ ନିକଟସ୍ଥ ଥାନାକୁ ସୂଚନା ଦେବା, ସାଧାରଣ ପରିବହନ ବ୍ୟବସ୍ଥାରେ ନିୟୋଜିତ ବସ୍ ଓ ଅନ୍ୟ ଯାନବାହନ ଆଦି ତମାଖୁ ଓ ଧୂମ୍ରପାନ ମୁକ୍ତ ରଖିବା ସହ ରାଜ୍ୟ ପରିବହନ ବସ୍ ମାନଙ୍କରେ ତମାଖୁ ଜନିତ ବିଜ୍ଞାପନକୁ ସ୍ଥାନ ନଦେଇ ତମାଖୁ ସେବନ ନିଷେଧ ଜନିତ ବାର୍ତ୍ତାକୁ ପ୍ରଚାର ପାଇଁ ପଦକ୍ଷେପ ନେବା, ଚେକ୍‌ଗେଟ୍ ମାନଙ୍କରେ ଅବୈଧ ତମାଖୁ ପ୍ରବେଶ କରାଇ ନଦେବା, ଅନୈତିକ ବ୍ୟବସାୟ କରୁଥିବା ତମାଖୁ ଶିଳ୍ପକୁ ବନ୍ଦ କରାଯିବା, ତମାଖୁ ଉତ୍ପାଦନକାରୀ କୃଷକ ମାନଙ୍କୁ ଅନ୍ୟ କୃଷି ବା ଅନ୍ୟ ଜୀବନ ଜୀବିକା ଆପଣାଇବା ପ୍ରତି ପ୍ରୋତ୍ସାହନ ଯୋଗାଇଦେବା ଆଦି ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

# ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କର୍ଣ୍ଣେଲ ଦୀନକୃଷ୍ଣ କଲେଜ ବିଭାଗୀୟ କାର୍ଯ୍ୟ ସମୀକ୍ଷା କଲେ

ଜଳେଶ୍ୱର, ୨୯/୧୨(ନିପ୍ର): ସମଗ୍ର ଉତ୍ତର ବାଲେଶ୍ୱରରେ ସର୍ବପୁରାତନ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ କାର୍ଯ୍ୟ କରୁଥିବା ଦୀନକୃଷ୍ଣ ମହାବିଦ୍ୟାଳୟରେ ବିଭାଗୀୟ ଲେଫ୍ଟନ୍ୟାଣ୍ଟ କର୍ଣ୍ଣେଲ କେ ଶାନ୍ତା ସିଂ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଦୀନକୃଷ୍ଣ ମହାବିଦ୍ୟାଳୟର ୭୦ ଦଶକରୁ ଏହି ବିଦ୍ୟାଳୟ କାର୍ଯ୍ୟ କରୁଛି ଓ ସମଗ୍ର ରାଜ୍ୟରେ ସୁଖ୍ୟାତି ରହିଥିବାରୁ ଭଦ୍ରକସ୍ଥିତ ୭ମ ବ୍ୟାଟାଲିୟନର କମାଣ୍ଡିଂ ଅଫିସର ଶ୍ରୀ ଶାନ୍ତା ସିଂ ସମୀକ୍ଷା ବୈଠକପରେ ପ୍ରତ୍ୟେକେ ବିଓସି ସିର୍ଟିଫିକେଟ୍ ପରୀକ୍ଷା ଦେଇ ପାସ୍ କରିପାରିଲେ ଭବିଷ୍ୟତରେ ବିଭିନ୍ନ ପଦପଦବୀରେ ଚାକିରୀ ପାଇବାରେ ସହାୟକ ହେବ । ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ହେବାଲାଗି ସମର ଶିକ୍ଷାର୍ଥୀ ବାହିନୀରେ ଯୋଗ ଦେବାଲାଗି ସେ ଆହ୍ୱାନ ଦେଇଥିଲେ। ସାମ୍ପ୍ରତିକ ସମାଜରେ ଦେଶର ସୁରକ୍ଷାଲାଗି ଛାତ୍ରଜୀବନରୁ ଦେଶ ଗଢିବାର ସ୍ୱପ୍ନ ପ୍ରତ୍ୟେକଙ୍କ ଠାରେ ଉଦ୍ରେକ ହେବା ଉଚିତ୍ ବୋଲି ସେ କହିଥିଲେ । ଏହି ସଭାରେ ଭାରପ୍ରାପ୍ତ ଅଧ୍ୟକ୍ଷ ଅଜୟ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ କୟ କମେଣ୍ଡାର ଧନେଶ୍ୱର ସେଠୀ ସ୍ୱାଗତ ଅଭିଭାଷଣ ରଖିଥିଲେ । ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ତାଙ୍କୁ ଉଚ୍ଛସୀତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

ଧ୍ୱନି ପ୍ରତିଧ୍ୱନି



# କୋରାପୁଟ ଗଣଦୁଷ୍କର୍ମ ଘଟଣାରେ ଆନ୍ଦୋଳନ କରିବ ବିଜେପି

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ଗତ ୨୪ ତାରିଖରେ କୋରାପୁଟ ସଦର ଅଂଚଳର ଗୋଟିଏ ପରିବାରକୁ ବନ୍ଧକ ରଖି ଗନ୍ ପଏଂଟରେ ଭୟଭୀତ କରାଯାଇ ଯେଉଁ ଭଳି ଭାବେ ମହିଳାଙ୍କ ସହ ଗଣଦୁଷ୍କର୍ମ କରାଯାଇଛି, ତାହା ଅତ୍ୟନ୍ତ ଲଜ୍ଜାଜନକ । ଏଭଳି ଜଘନ୍ୟ ଘଟଣା ଘଟିବାର ୭ ଦିନ ବିତି ଯାଇଥିଲେ ସୁଦ୍ଧା ଜଣେ ହେଲେ ଅଭିଯୁକ୍ତକୁ ଗିରଫ କରିବାରେ ବିଫଳ ହୋଇଛି ପୋଲିସ । ଏହା ରାଜ୍ୟ ସରକାରଙ୍କ ମହିଳାବିରୋଧୀ ନୀତିକୁ ପୁଣି ଥରେ ସ୍ପଷ୍ଟ ପ୍ରମାଣିତ କରିଛି । ଏହି ସ୍ପର୍ଷକତାପୁର୍ଣ୍ଣ ଘଟଣାକୁ ବିଜେପି ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରି ଆଜି ଜୟପୁରଠାରେ ଆନ୍ଦୋଳନ ଆରମ୍ଭ କରିଛି । ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରୀ ତୀବ୍ରତର କରିବ ବୋଲି ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଂପାଦିକା ଡ.ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି । ବିଜେଡି ଶାସନରେ ମହିଳା ବିପଦରେ । ପ୍ରତ୍ୟେକ ଦିନ ରାଜ୍ୟରେ ହାରାହାରି ୪ ଦୁଷ୍କର୍ମ ଏବଂ ୬ ଅପହରଣ ହେଉଛି । ଗତ ୫ ବର୍ଷରେ ୨୭୦୦୦ ଶିଶୁ ନିଖୋଜ ଅଛନ୍ତି । ମମିତା ମେହେର ହତ୍ୟାକାଣ୍ଡ, ପରୀ ହତ୍ୟାକାଣ୍ଡ, ମାହାଙ୍ଗା କ୍ୱାଡ୍ରାପଲ ମର୍ଡର, ଏସିଏଫ ସୌମରଞ୍ଜନ ହତ୍ୟାକାଣ୍ଡରେ ରାଜ୍ୟ ମନ୍ତ୍ରୀମଣ୍ଡଳର ବରିଷ୍ଠ ମନ୍ତ୍ରୀମାନଙ୍କ ସଂପୃକ୍ତିକୁ ରାଜ୍ୟ ସରକାର ଘଂଟ ଘୋଡାଇ ସୁରକ୍ଷା ପ୍ରଦାନ କରୁଛନ୍ତି । ବିଜେଡି ଶାସନରେ 'କ୍ରିମିନାଲାଇଜେସନ୍ ଇନ୍ ପଲିଟିକ୍ସ' କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି ଏବଂ ଏହା ବନ୍ଦ ନହେବା ପର୍ଯ୍ୟନ୍ତ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ରହିବେ । ବିଶେଷ ଭାବେ ମହିଳା ସୁରକ୍ଷାକୁ ଆଦୌ ଗୁରୁତ୍ୱ ଦେଉନାହାନ୍ତି ରାଜ୍ୟ ସରକାର । ଯେତେ ଦିନ ପର୍ଯ୍ୟନ୍ତ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଂକର ମିଶ୍ର, ଆଇନ ମନ୍ତ୍ରୀ ପ୍ରତାପ ଜେନା, ଶିକ୍ଷା ମନ୍ତ୍ରୀ ଅରୁଣ ସାହୁ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ ଆରୁଖଙ୍କ ଭଳି ଅଭିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀ ନିଜ କୋଳରେ ବସାଇ ସୁରକ୍ଷା ପ୍ରଦାନ କରୁଥିବେ, ସେତେ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଆହୁରି ଖରାପ ଆଡକୁ ଗତି କରିବ ବୋଲି ଡ.ବିଶ୍ୱାଳ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମଳନୀରେ ମହିଳା ମୋର୍ଚ୍ଚା ରାଜ୍ୟ ସଂପାଦିକା ଶ୍ରୀମତୀ ରଶ୍ମୀରେଖା ଦାସ ଉପସ୍ଥିତ ଥିଲେ ।

## ୱାଲର୍ଡ ବୁକ୍ ଅଫ୍ ରେକର୍ଡସର ପ୍ରମାଣପତ୍ର ଗ୍ରହଣ କଲେ ରାଜ୍ୟପାଳ

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ଅନ୍ତର୍ଜାତୀୟ ସ୍ତରୀୟ ବିଶିଷ୍ଟ ଲେଖିକା, ୱାଲର୍ଡ ବୁକ୍ସ ଅଫ୍ ରେକଡର୍ସର ଉପସଭାପତି ତଥା ମାନବ ଅଧିକାର, ରାଜସ୍ଥାନ, ଜୟପୁରର ସଭାପତି ଶ୍ରୀମତୀ ମୀତା ମହାପାତ୍ର ଗୁରୁବାର ପୂର୍ବାହ୍ନରେ ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ଯୋଗ ଉପରେ ବିଭିନ୍ନ ଆସନ, ପ୍ରଣାଳୀ, ଉପକାରିତା ଉପରେ ପର୍ଯ୍ୟବସିତ ତାଙ୍କର ଲିଖିତ ପୁସ୍ତକ ' ଯୋଗିକ୍ ଭିଜନ୍' ଭେଟି ଦେଇଛନ୍ତି । ଏତଦ୍‌ବ୍ୟତୀତ କରୋନା ମହାମାରୀ ସମୟରେ ଓଡ଼ିଶାରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ୱାଲର୍ଡ ବୁକ୍ସ ଅଫ୍ ରେକଡର୍ସ ସଂସ୍ଥା ତରଫରୁ ପ୍ରତିବଦ୍ଧତା ପ୍ରାଣପତ୍ର ମହାମହିମ ରାଜ୍ୟପାଳଙ୍କୁ ଉପହାର ସ୍ୱରୂପ ଭେଟି ଦେଇଛନ୍ତି । ଏହି ଅବସରରେ ତାଙ୍କ ସ୍ୱାମୀ ମନୋଜ କୁମାର ମହାପାତ୍ର ଏବଂ ରାଜଭବନରେ ଲୋକସଂପର୍କ ଅଧିକାରୀ ରକ୍ଷକ ନାୟକ ଉପସ୍ଥିତ ଥିଲେ ।

## ରାଜ୍ୟରେ କରୋନାରେ ଆଉ ୧ ଜଣଙ୍କର ମୃତ୍ୟୁ : ମୋଟ ମୃତ୍ୟୁ ସଂଖ୍ୟା ୮୪୫୮ ହେଲା

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୧ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୪୫୮ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

# ବାଲେଶ୍ୱରରେ ଆଞ୍ଚଳିକ ଚିତ୍ରକଳା ଗ୍ୟାଲେରୀ ଉଦ୍‌ଘାଟିତ



ବାଲେଶ୍ୱର,୩୦/୧୨ (ନି.ପ୍ର): ବାଲେଶ୍ୱର ଜିଲା ସଂସ୍କୃତି ଭବନ ପରିସରରେ ନବନିର୍ମିତ ଆଞ୍ଚଳିକ ଚିତ୍ରକଳା ଗ୍ୟାଲେରୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି(ଭର୍ଚୁଆଲ)ରେ ଗୁରୁବାର ଉଦଘାଟନ କରିଛନ୍ତି । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡିଶା ଲଳିତ କଳା ଏକାଡେମୀର ମିଳିତ ଆନୁକୂଲ୍ୟରେ ନିର୍ମିତ ଭୁବନେଶ୍ୱରର କଳିଙ୍ଗ ଆର୍ଟ ଗ୍ୟାଲେରୀ ଏବଂ ଗଞ୍ଜାମ, ପୁରୀ, ବାଲେଶ୍ୱର, ସମ୍ବଲପୁର ଓ କୋରାପୁଟଠାରେ ନିର୍ମିତ ୫ଟି ଆଞ୍ଚଳିକ ଚିତ୍ରକଳା ଗ୍ୟାଲେରୀକୁ ଏକକାଳୀନ ଉଦଘାଟନ କରାଯାଇଛି । ଉଦଘାଟନ ଅବସରରେ ଓଡିଶାର ସାଂସ୍କୃତିକ ଗୌରବ ଓ ଐତିହ୍ୟ ଉପରେ ଆଲୋକପାତ ସହ ଓଡିଶା ସଂସ୍କୃତି ଏବଂ କଳାର ଗନ୍ତାଘର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆମ ଚିତ୍ରକଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଏବଂ ହସ୍ତଶିଳ୍ପର ପରମ୍ପରା ଅନନ୍ୟ ହୋଇଥିବା ବେଳେ ଏହାର ସୁରକ୍ଷା, ସଂରକ୍ଷଣ ଓ ପ୍ରୋତ୍ସାହନ ସବୁ ବହଲରୁ ମିଳିତ ଉଦ୍ୟମ ଏକାନ୍ତ ଆବଶ୍ୟକ ବୋଲି ସେ ମତ ଦେଇଥିଲେ । ଭୁବନେଶ୍ୱରରେ ଆୟୋଜିତ ଏହି ଆଭାସି କାର୍ଯ୍ୟକ୍ରମରେ ରାଜ୍ୟ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଓଡ଼ଶା ଲଳିତ କଳା ଏକାଡେମୀ ସଭାପତି ସୁଦର୍ଶନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ.ପାଣ୍ଡିଆନ, ଉନ୍ନୟନ ଆୟୁକ୍ତ ପି.କେ. ଜେନା ପ୍ରମୁଖ ଉପସ୍ଥିତ ଥିଲେ।ଏହି ପରିପ୍ରେକ୍ଷୀରେ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ଲଳିତ କଳା ଏକାଡେମୀ କାର୍ଯ୍ୟକାରିଣୀ ସଦସ୍ୟ ଗଜେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଆଭାସିରେ ଉଦଘାଟନ କରିବା ପରେ ବାଲେଶ୍ୱର ସଦର ବିଧାୟକ ଶ୍ରୀ ଦାସ ଓ ଅନ୍ୟାନ୍ୟ ଅତିଥିମାନେ ନୂତନ ଗ୍ୟାଲେରୀର ଫଳକ ଅନାବରଣ କରିଥିଲେ । ବାଲେଶ୍ୱରର ଏହି ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ସ୍ଥାନୀତ ବିଭିନ୍ନ ଚିତ୍ରଶିଳ୍ପୀଙ୍କ ୩୩ରୁ ଉର୍ଦ୍ଧ୍ୱ ଚିତ୍ରକଳାକୁ ଅତିଥିମାନେ ବୁଲି ଦେଖିବା ସହ ଏହାର ଉଚ୍ଚ ପ୍ରଶଂସା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ନଳଗଜା କଲେଜରେ ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ




ବାରିପଦା, ୩୦/୧୨ (ନି.ପ୍ର): ନଳଗଜା ଉପେନ୍ଦ୍ର ନାଥ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଗଠନ ଆନୁକୁଲ୍ୟରେ ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିରରକୁ ମହାବିଦ୍ୟାଳୟର ଅଧକ୍ଷ ଡ଼. ନୀଳରନ୍ କଲିଆ ଏବଂ ଏନଏସଏସ ୟୁନିଟର ଡିପିଓ ଡ଼. ସ୍ମୃତି ରଞ୍ଜନ ଦାସଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା । ନଳଗଜା ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡ଼. ସ୍ମୃତି ସିଲଭା ଧରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ସ୍ୱାସ୍ଥ୍ୟ କେନ୍ଦ୍ରର ଅନ୍ୟାନ୍ୟ ଦାୟତ୍ୱବାନ ଅଭିଜ୍ଞ କର୍ମଚାରୀ ବୃନ୍ଦଙ୍କ ସହାୟତାରେ ଉକ୍ତ କାର୍ଯ୍ୟକ୍ରମ ଦିବା ୩ ଘଟିକା ପର୍ଯ୍ୟନ୍ତ ଚାଲିଥିଲା । ସ୍ୱାସ୍ଥ୍ୟ ସେବା ମଧ୍ୟରେ ମୁଖ୍ୟତ ରକ୍ତଚାପ, ମଧୁମେୟ ଆଦିର ପରୀକ୍ଷା ନିରୀକ୍ଷା ସାଙ୍ଗକୁ ରୋଗ ପ୍ରତି ସତର୍କତା ମୂଳକ ପଦକ୍ଷେପ ତା'ର ନିରାକରଣ ସମ୍ପର୍କରେ ମଧ ସୂଚନା ଦିଆଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କର୍ମଚାରୀ ବୃନ୍ଦ, ଛାତ୍ରଛାତ୍ରୀ, ଗ୍ରାମବାସୀ ଭାଗନେଇ ତାଙ୍କର ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷାର ସୁଯୋଗ ନେଇଥିଲେ । ଏଥିରେ ପୂର୍ବତନ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଦୀପକ ବେହେରା , ଶୁଭମ ଦାସ ଯୋଗ ଦେଇଥିଲେ । ସର୍ବୋପରି ଏହି କାର୍ଯ୍ୟକ୍ରମକୁ ସଫଳ ଭାବେ ରୂପାୟିତ କରିବା ପାଇଁ ମହାବିଦ୍ୟାଳୟର ରାଜନୀତି ବିଭାଗର ଅଧାପକ ଚନ୍ଦ୍ର ଶେଖର ଜେନା, ରାଜନୀତି ବିଭାଗର ମୁଖ୍ୟ ପ୍ରାଧାପକ ସୁଜିତ କୁମାର ପାତ୍ର, ଓଡିଆ ବିଭାଗର ଅଧାପକ କନ୍ଦା ନାଏକ ପ୍ରମୁଖ ସହଯୋଗ କରିଥିଲେ ।

## ମୁମ୍ବାଇରେ ନୂଆବର୍ଷ ପାର୍ଟି ନିଷେଧ, ୭ ଜାନୁଆରୀ ପର୍ଯ୍ୟନ୍ତ ନିଷେଧାଜ୍ଞା ଲାଗୁ

ମୁମ୍ବାଇ, ୩୦/୧୨ (ନି.ପ୍ର): ମୁମ୍ବାଇରେ କରୋନା ମହାମାରୀର ବୃଦ୍ଧିକୁ ଦୃଷ୍ଟିରେ ରଖି ନୂଆବର୍ଷ ପାର୍ଟି ଉପରେ କଟକଣା ଲଗାଇଦିଆ ଯାଇଛି। ଏହାସହିତ ଗୁରୁବାର ରାତି ୧୨ଟା ଠାରୁ ୭ ଜାନୁଆରୀ ପର୍ଯ୍ୟନ୍ତ ମୁମ୍ବାଇରେ ନିଷେଧାଜ୍ଞା(ଧାରା ୧୪୪) ଲାଗୁ କରିବାର ନିର୍ଣ୍ଣୟ ନିଆଯାଇଛି। ଏହି ସମୟରେ ସମସ୍ତ କାର୍ଯ୍ୟକ୍ରମ ରଦ୍ଦ କରିବାର ମଧ ଆଦେଶ ଜାରି କରାଯାଇଛି। ମୁମ୍ବାଇ ପୋଲିସ ଆୟୁକ୍ତ ଧାରା ୧୪୪ ଲାଗୁ କରିବା ସହିତ ସମସ୍ତ ହୋଟେଲ୍‌ର ପ୍ରତ୍ୟେକ ଦିନର ସିସିଟିଭି ଫୁଟେଜକୁ ଯାଂଚ କରିବାକୁ ଆଦେଶ ମଧ ସମସ୍ତ ପୋଲିଷ୍ଟ ଷ୍ଟେସନକୁ ଦେଇଛନ୍ତି।

# ଜିଲ୍ଲା ପ୍ରଶାସନ ପକ୍ଷରୁ କୋଭିଡ କଟକଣା ଜାରି

## ୩୧ ଡିସେମ୍ବରରୁ ୨ ଜାନୁଆରୀ ପର୍ଯ୍ୟନ୍ତ ସାମୂହିକ କାର୍ଯ୍ୟକ୍ରମ ମନା

ବାଲେଶ୍ୱର,୩୦/୧୨ (ନି.ପ୍ର): କୋଭିଡ୍-୧୯ର ନୂତନ ପ୍ରଜାତି ଓମିକ୍ରନର ସଂକ୍ରମଣକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ୩୧ରୁ ୨ଜାନୁଆରୀ ପର୍ଯ୍ୟନ୍ତ ନୂତନ ମାର୍ଗଦର୍ଶିକା ଜାରି କରିଛନ୍ତି । ରାଜ୍ୟ ସରକାରଙ୍କ ଆଦେଶନାମା ୭୪୫୮/ ତା।୨୪.୧୨.୨୦୨୧ରିଖ ଅନୁଯାୟୀ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଜିଲାରେ ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି କଟକଣାକୁ କଡ଼ାକଡ଼ି ଲାଗୁ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ୩୧ ତାରିଖରୁ ୨ ତାରିଖ ମଧ୍ୟରେ ଜିଲାରେ କୌଣସି ବଡ଼ ସମାବେଶ, ଶୋଭାଯାତ୍ରା, ନାଚଗୀତ, ନ୍ୟୁ ଇୟର ଜିରୋ ନାଇଟ ସେଲିବ୍ରେସନ, ନୂତନ ବର୍ଷକୁ ସ୍ୱାଗତ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଅନୁମତି ଦିଆଯିବ ନାହିଁ । ସେହିପରି ଧାର୍ମିକ କ୍ଷେତ୍ର ଓ ପର୍ଯ୍ୟଟନସ୍ଥଳୀ ଯଥା ତାଳସାରୀ-ଉଦୟପୁର, ଡଗରା, ଚାନ୍ଦିପୁର ବେଳାଭୂମି ସମେତ ଭୂଷଣ୍ଡେଶ୍ୱର, ଚନ୍ଦନେଶ୍ୱର, ପଂଚୁଲିଙ୍ଗେଶ୍ୱର, ନୀଳଗିରି ଜଗନ୍ନାଥ ମନ୍ଦିର, କୁଲଡିହା ଅଭୟାରଣ୍ୟ, କ୍ଷୀରଚୋରା ମନ୍ଦିର, ଇମାମୀ ଜଗନ୍ନାଥ ମନ୍ଦିର, ଇତ୍ୟାଦିରେ ଜନସମାଗମ କିମ୍ବା ପିକନିକ୍ ପାଇଁ ନିଷେଧାଦେଶ ଜାରି କରାଯାଇଛି । କୌଣସି ପ୍ରକାର ସାମୂହିକ ଭୋଜିଭାତ ଆୟୋଜନ ଉପରେ କଟକଣା ଲଗାଯାଇଛି । ପିକନିକ ସ୍ପଟ ଏବଂ ପର୍ଯ୍ୟଟନସ୍ଥଳୀରେ ତୀକ୍ଷ୍ଣ ନଜର ରଖିବାକୁ ପ୍ରଶାସନିକ ଏବଂ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ବ୍ୟକ୍ତି ଏହାର ଉଲ୍ଲଙ୍ଘନ କଲେ ବିପର୍ଯ୍ୟୟ ପରିଚାଳନା ଅଧିନିୟମ-୨୦୦୫ର ଧାରା ୫୧ ରୁ ୬୦, କୋଭିଡ୍-୧୯ ରେଗୁଲେସନ୍ ୨୦୨୦ ଏବଂ ଆଇପିସିର ଧାରା ୧୮୮ ଅନୁଯାୟୀ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚାଇ ଦିଆଯାଇଛି ।

# ଫକୀରମୋହନ ସାହିତ୍ୟ ପରିଷଦର ପୁରସ୍କାର ଘୋଷଣା

## ହରପ୍ରସାଦଙ୍କୁ ସାହିତ୍ୟଶ୍ରୀ ଓ ସଞ୍ଜୟ ପଣ୍ଡାଙ୍କୁ ଉଦୟପ୍ରତିଭା



ବାଲେଶ୍ୱର, ୩୦/୧୨ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ଜୟନ୍ତୀ ଉତ୍ସବରେ ୨୦୨୨ ମସିହା ପାଇଁ ପ୍ରଦାନ କରାଯାଉଥିବା ବିଭିନ୍ନ ପୁରସ୍କାର ଓ ସମ୍ମାନ ଘୋଷଣା ହୋଇଯାଇଛି । ବରିଷ୍ଠ କବି ଓ ଆଲୋଚକ ହରପ୍ରସାଦ ଦାସଙ୍କୁ ପରିଷଦର ସର୍ବଶ୍ରେଷ୍ଠ ପୁରସ୍କାର 'ଫକୀରମୋହନ ସାହିତ୍ୟଶ୍ରୀ' ପ୍ରଦାନ କରାଯିବ। ଯୁବ ସାହିତ୍ୟିକ ସଞ୍ଜୟ କୁମାର ପଣ୍ଡା ହାଜି ଅସରଫ୍ ଅଲ୍ଲି ଉଦୟ ପ୍ରତିଭା ପୁରସ୍କାରରେ ପୁରସ୍କୃତ ହେବେ। ମାନପତ୍ର ଓ ଉପଢୌକନ ବ୍ୟତୀତ ସେମାନଙ୍କୁ ପରିଷଦ ତରଫରୁ ଅର୍ଥରାଶି ମଧ୍ୟ ପ୍ରଦାନ କରାଯିବ। ଏହା ବ୍ୟତୀତ ନାଟକ ପାଇଁ ଆନନ୍ଦ ଚନ୍ଦ୍ର ପହି, କବିତାରେ ସେନାପତି ପ୍ରଦ୍ୟୁମ୍ନ କେଶରୀ, ସମ୍ବାଦ ସାହିତ୍ୟ ପାଇଁ କୁଳମଣି ବାରିକ, ପ୍ରବନ୍ଧରେ ଡ.ମହେନ୍ଦ୍ର କୁମାର ମିଶ୍ର, ଗୀତି କବିତାରେ ବାବାଜୀ ଜେନା, ଅନୁବାଦରେ ସ୍ନେହପ୍ରଭା ଦାସ, ଶିଶୁ ସାହିତ୍ୟରେ ଲୋଚନ ବେହେରା,ବ୍ୟଙ୍ଗ ସାହିତ୍ୟ ପାଇଁ ଶ୍ରୀମତୀ ବସନ୍ତ ମିଶ୍ର, ସମାଲୋଚନାରେ ଡ.ନୃସିଂହ ଷଡ଼ଙ୍ଗୀ, ଉପନ୍ୟାସ ପାଇଁ ସୁନୀତି ମୁଣ୍ଡ, ଗଳ୍ପରେ ସଦାନନ୍ଦ ତ୍ରିପାଠୀ,ସାହିତ୍ୟ ସଙ୍ଗଠନ ପାଇଁ ବିକାଶ ଶତପଥୀ, ଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ଡ.ଅଶ୍ୱିନୀ ଶତପଥୀ, ପତ୍ରିକା ସମ୍ପାଦନାରେ ସରୋଜ ବଳ, ସାହିତ୍ୟ ଓ ସମାଜ ସେବା ପାଇଁ ମମତା ମହାପାତ୍ର, ଆଧ୍ୟାତ୍ମିକ ସାହିତ୍ୟରେ ସୁରେନ୍ଦ୍ର ପ୍ରସାଦ ଧଳ ଓ ଭ୍ରମଣ ସାହିତ୍ୟ ପାଇଁ ଡ.ବିବେକାନନ୍ଦ ପାଣିଗ୍ରାହୀ ପରିଷଦ ତରଫରୁ ସମ୍ମାନିତ ହେବେ। ଆସନ୍ତା ଜାନୁଆରୀ ୧୪ ତାରିଖ ମକର ସଂକ୍ରାନ୍ତିର ପୂର୍ବାହ୍ଣ ୧୦ଟା ସମୟରେ ଶାନ୍ତିକାନନଠାରେ ସମ୍ମାନମାନ ପ୍ରଦାନ କରାଯିବ। ପରିଷଦର ସଭାପତି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସମ୍ପାଦକ ଦୀପକ ଘୋଷ, କବି ଡ.ହରିଶନ୍ଦ୍ର ବେହେରା, ପ୍ରାବନ୍ଧିକ ଡ.ଶିରୀଶ ଚନ୍ଦ୍ର ଜେନା, ଗାଳ୍ପିକ ଓ ଔପନ୍ୟାସିକ ନିବାରଣ ଜେନା ସମ୍ମାନିତ ହେବାକୁ ଥିବା ବ୍ୟକ୍ତିମାନଙ୍କୁ ବାଛିବାରେ ମୁଖ୍ୟଭୂମିକା ଗ୍ରହଣ କରିଥିଲେ। କାର୍ଯ୍ୟକାରୀ ସମିତିରେ ଗୃହୀତ ହୋଇସାରିବା ପରେ ସମସ୍ତଙ୍କ ସହ ଯୋଗାଯୋଗ କରାଯାଇ ସମ୍ମାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଏହିଦିନ କବୀନ୍ଦ୍ର ନାଥ ଦାସଙ୍କୁ ମଧ୍ୟ ପରିଷଦ ଗୌରବ ସମ୍ମାନରେ ସମ୍ମାନିତ କରାଯିବ।

# ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ପାଳିତ

ଜଳେଶ୍ୱର ୨୯/୧୨(ନିପ୍ର): ରାଜ୍ୟ ମନ୍ତ୍ରୀ ମଣ୍ଡଳରେ କେବଳ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ସହିତ ସୀମା ସୁରକ୍ଷା ଲାଗି ଏକ ସ୍ୱତନ୍ତ୍ର ବିଭାଗର ମନ୍ତ୍ରୀ ନିଯୁକ୍ତି କରାଯାଉ । ଉପାନ୍ତ ଜିଲାଗୁଡିକରେ ଓଡିଆ-ଜିଲାପାଳ ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟ ରାଇବଣିଆ ଦୁର୍ଗ ଗବେଷଣାର ଦାୟିତ୍ୱ ନେବା ସହିତ ଜଳେଶ୍ୱର ରେଳ ଷ୍ଟେସନକୁ ରାଇବଣିଆ ଗଡ ଢାଞ୍ଚାରେ ନିର୍ମାଣ ତଥା ଭକ୍ତକବି ଦୀନକୃଷ୍ଣଙ୍କ ପ୍ରତିମୂର୍ତ୍ତି ଷ୍ଟେସନ ପରିସରରେ ସ୍ଥାପିତ ହେବାକୁ ଆଜି କେନ୍ଦ୍ରୀୟ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ଅବସରରେ ଜଳେଶ୍ୱର ଶାଖା ପକ୍ଷରୁ ପ୍ରସ୍ତାବ ଗୃହିତ ହୋଇଛି । ୧୯ ବର୍ଷ ପୂର୍ବେ ୧୯୦୩ ଡିସେମ୍ବର ୩୦ ତାରିଖରେ ଭାଷାଭିତ୍ତିକ ଓଡିଶା ପ୍ରଦେଶ ଗଠନ ଲାଗି ଗଠିତ ହୋଇଥିଲା ଉତ୍କଳ ସମ୍ମିଳନୀ । ଆଜି ଜଳେଶ୍ୱର ଶାଖା ପକ୍ଷରୁ କେନ୍ଦ୍ରୀୟ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ପାଳନ ଜଳେଶ୍ୱରସ୍ଥିତ ଭଂଜଶ୍ରୀ ଭବନରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ଜଳେଶ୍ୱର ଶାଖା ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ର ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ସୁନୀଲ କୁମାର ନାୟକ ବିବରଣୀ ଓ ସୂଚନା ପାଠ କରିଥିବା ବେଳେ କେନ୍ଦ୍ରୀୟ ସମ୍ପାଦକ କମଳ ଚକ୍ରବର୍ତ୍ତୀ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ସମ୍ମାନୀତ ଅତିଥିଭାବେ ଉପସଭାପତି ଅରୁଣ କୁମାର ବେଜ, ଡ. ରମାକାନ୍ତ ଭଂଜ, ଦିଲ୍ଲିପ ଗିରି, ଡ. ଲଳିରଂଜନ ସେନାପତି ବକ୍ତବ୍ୟ ରଖିଥିଲେ । ଏଥିରେ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଖୋଲାଯାଇ ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀ ପଦବୀ ସୃଷ୍ଟି କରାଯାଉଥିବା ବେଳେ ସୀମା ସୁରକ୍ଷା ଏକ ବିଭାଗ ଖୋଲି ତାଙ୍କୁ ଦାୟିତ୍ୱ ଦିଆଯାଉ । ସେହିପରି ଉପାନ୍ତ ଜିଲାଗୁଡିକରେ ଓଡିଆ ଜିଲାପାଳ ନିଯୁକ୍ତିକୁ ଆଲୋଚନାରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ଜିଲାପାଳ ଓ ରାଜସ୍ୱ ପର୍ଷଦ ସଦସ୍ୟ (ଆର୍‌ଡିସି)ଙ୍କୁ ଉତ୍କଳ ସମ୍ମିଳନୀର ଏକ ପ୍ରତିନିଧି ଦଳ ସାକ୍ଷାତ କରି ଆଲୋଚନା ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଛି । ରାଇବଣିଆ ଦୁର୍ଗର ସୀମା ନିର୍ଦ୍ଧାରଣ ଓ ସୁରକ୍ଷା ଦାୟିତ୍ୱ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କମିଟି ଗ୍ରହଣ କରିବା, ପ୍ରତ୍ୟେକ ବିଦ୍ୟାଳୟରେ ଓଡିଆ ଶିକ୍ଷକ ନିଯୁକ୍ତି, ବିଶ୍ୱବିଦ୍ୟାଳୟରେ ଓଡିଆ ଭାଷାର ଗୁରୁତ୍ୱ ବୃଦ୍ଧି, ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଇବଣିଆ ଦୁର୍ଗର ଗବେଷଣା ଇତ୍ୟାଦି ଲାଗି ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଛି । ପ୍ରଶାସନୀକ ଦୃଢତା ଓ ରାଜନୈତିକ ଇଚ୍ଛାଶକ୍ତି ସୁଦୃଢ ହେଲେ ଭାଷାଭିତ୍ତିକ ରାଜ୍ୟ ଗଠନ ଓ ସୀମା ସୁରକ୍ଷା ଦୂର ହୋଇ ପାରିବ ବୋଲି ବହୁ ବକ୍ତା ମତବ୍ୟକ୍ତି କରିଥିଲେ ।

# ବାଘୁଣୀ ଖଇରୀକୁ ଝିଅ ଭଳି ପାଳିଥିବା ମାଆ ନିହାର ନଳିନୀ ଦେବୀଙ୍କର ପରଲୋକ



ବାରିପଦା, ୩୦/୧୨ (ନି.ପ୍ର): ଖଇରୀ ବାଘୁଣୀକୁ ନେଇ ଶିମିଳିପାଳ ତଥା ମୟୂରଭଞ୍ଜ ଦିନେ ସାରା ବିଶ୍ୱରେ ଚର୍ଚ୍ଚିତ ହୋଇଥିଲା । ଖଇରୀ ବାଘୁଣୀ ପୋଷା ମାନିବା ଘଟଣା ସାରା ବିଶ୍ୱରେ ବିରଳ, ଖଇରୀର ସ୍ମୃତିରକ୍ଷା ପାଇଁ ଏବେ ମଧ ବହୁ ଯୋଜନା କାର୍ଯ୍ୟକାରୀ କରାଯାଉଛି । ତେବେ ଶିମିଳିପାଳ ବାଘରାଣୀ ଖଇରୀକୁ ନିଜ ଝିଅ ଭଳି ଲାଳନ ପାଳନ କରି ସାରା ବିଶ୍ୱରେ ଏକ ନିଆରା ମାତୃ ବାତ୍ସଲ୍ୟତାର ପରିଚୟ ସୃଷ୍ଟି କରି ମୟୂରଭଞ୍ଜ ମାଟିକୁ ସାରା ବିଶ୍ୱରେ ଗୌରବାନିତ୍ୱ କରିଥିବା ନିହାର ନଳିନୀ ଦେବୀଙ୍କର ଆଜି ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇ ଥିଲା । ତାଙ୍କର ମୃତ୍ୟୁରେ ବହୁ ପରିବେଶ ବିତ ବୁଦ୍ଧିଜିବୀ ଶୋକ ପ୍ରକାଶ କରିବା ସହିତ ବାଘୁଣୀକୁ ନିଜ କନ୍ୟାବତ ବୋଲ ମନାଇବା ପାରିଥିବା କଳାର ଅଧିକାରିଣୀ ନଳିନୀ ଦେବୀଙ୍କର ଅମର ଆତ୍ମାର ସଦଗତି କାମନା କରିଛନ୍ତି । ଏବଂ ଭଞ୍ଜ ମାଟିର ଜନ ମାନସରେ ସେ ଚିରଦିନ ପାଇଁ ଅମର ହୋଇ ରହିବେ ଏଥିରେ ସନ୍ଦେହ ନାହିଁ ବୋଲି କୁହାଯାଇଛି । ଘଟଣା ମୁତାବକ ୧୯୭୪ ମସିହାରେ ଏକ ୩ମାସର ରୋଗାକ୍ରାନ୍ତ ବାଘଛୁଆକୁ କିଛି ଖଡିଆ ସମ୍ପ୍ରଦାୟର ଲୋକେ ପାଇ ଯଶିପୁର ବନ ବିଭାଗକୁ ହସ୍ତାନ୍ତର କରିଥିଲେ । ସେତେବେଳେ ସରୋଜ ରାଜ ଚୌଧୁରୀ ଜଣେ ଭାରତୀୟ ପରିବେଶବିତ୍, ବନ୍ୟଜନ୍ତୁ ସଂରକ୍ଷଣବାଦୀ, ଲେଖକ ଏବଂ ଓଡିଶା ସରକାରଙ୍କ ଅଧୀନରେ ପ୍ରଥମ ବନ ସଂରକ୍ଷଣକାରୀ ଥିଲେ । ସେ ଭାରତର ମୟୂରଭଞ୍ଜ ଜିଲ୍ଲାର ଶିମଳିପାଳ ଜାତୀୟ ଉଦ୍ୟାନର ପ୍ରଥମ ନିର୍ଦ୍ଦେଶକ ମଧ ଥିଲେ । ଶ୍ରୀ ଚୌଧୁରୀ ବାଘ ଗଣନା ପାଇଁ ନିୟୋଜିତ ହୋଇ ସ୍ୱତନ୍ତ୍ର କୌଶଳ ପାଇଁ ଏବଂ ଏକ ଘରୋଇ ବାଘୁଣୀ ଖଇରୀ ସହିତ ତାଙ୍କର ବଂଧୁତା ପାଇଁ ଜଣାଶୁଣା ଥିଲେ । ଖଇରୀ ବାଘୁଣିକୁ ଉଦ୍ଧାର କରିବା ପରେ ସେ ଘରେ ରଖି ତାର ଚିକିତ୍ସା କରିଥିଲେ କିନ୍ତୁ ବାଘୁଣୀ ଖଇରିର ସବୁକଥା ବୁଝୁଥିଲେ ନଳିନୀ ଦେବୀ । ତାଙ୍କ ବାତ୍ସଲ୍ୟ ମମତା ଭିତରେ ବାନ୍ଧି ହୋଇ ଖଇରୀ ରାଣୀ ବଣରେ ଛାଡିଦେଲେ ମଧ ଘରକୁ ଫେରି ଆସି ନିଜ ପରିବାର ସଦଶ୍ୟ ପରି ବୋଲମାନି ରହିଯାଇଥିଲା । ଏବଂ ସାରା ବିଶ୍ୱରେ ବାଘ ମଣିଷର ପ୍ରେମ କାହାଣୀର ନିଦର୍ଶନ ସାଜିଥିଲା ଖଇରିରାଣୀ ।

## ଅଫୁଟାବାଣ ହେଲା କାଳ

ଖୋର୍ଦ୍ଧା, ୩୦/୧୨ (ନି.ପ୍ର): ଆଜି ତା ୨୯.୧୨.୨୦୨୧ରିଖ ବେଗୁନିଆ ବ୍ଲକ୍ ସୀମାର ପଞ୍ଚାୟତର ଗପୂର୍ ଗ୍ରାମରେ କିଛି ନାବାଳକପିଲା ଗ୍ରାମ ଖେଳପଡ଼ିଆରେ ଖେଳିଲା ବେଳେ କଛି ଅଫୁଟା ବାଣ (ବମ୍ବ ଠାରୁ ବହୁ ବଡ ବିସ୍ପୋରକ ବାଣ) ଗୋଟାଇ ଏକତ୍ର କରି ନିଆଁ ଲାଗାଇ ଫୁଟାଇବାପାଇଁ ଚେଷ୍ଟା କରିଥିଲେ। ମାତ୍ର ଏହିବାଣ ଏକାବେଳେକେ ସବୁ ଫୁଟି ଯାଇଥିଲା। ଫଳରେ ଏହି ପିଲା ମଧ୍ୟରୁ ୪ ନାବାଳକ ଗୁରୁତର ହୋଇଛନ୍ତି । ଉକ୍ତ ପିଲାଙ୍କ ବୟସ ୧୦ରୁ୧୨ ବର୍ଷ ହେବ। ସେମାନେ ହେଲେ ଆଶୁତୋଷ ବାରିକ, ଲୋକନାଥ ବାରିକ, ସମ୍ୟ ସାହୁ , ବିଭୂତି ସାହୁ । ଏମାନେ ଗୁରୁତର ହୋଇ ଖୋର୍ଦ୍ଧା ଡାକ୍ତରଖାନା ଆସିଥିଲେ। ମାତ୍ର ଖୋର୍ଦ୍ଧା ଡାକ୍ତର ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରିଛନ୍ତି।

# ଉଦ୍‌ଘାଟନ ହେଲା ସାଇବର ଥାନା



ବାରିପଦା, ୩୦/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଦିନକୁ ଦିନ ସାଇବର ଅପରାଧ ବୃଦ୍ଧି ପାଉ ଥିବା ବେଳେ, ଜିଲ୍ଲାରେ ସାଇବର ଥାନା ଖୋଲା ଯିବା ପାଇଁ ଦାବୀ ହୋଇ ଆସୁଥିଲା । ତେବେ ନିକଟ ଅତୀୟରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ୧୪ ଟି ସାଇବର ଥାନା ଖୋଲା ଯିବାର ଘୋଷଣା କରିଥିଲେ ସେଥିରୁ ଗୋଟିଏ ସାଇବର ଥାନା ବାରିପଦା ଠାରେ ଖୋଲା ଯିବାର ଘୋଷଣା ହୋଇଥିଲା । ଆଜି ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡରେ ଏହି ସାଇବର ଥାନା ଗୁଡିକର ଉଦଘାଟନ କରିଛନ୍ତି । ଏହି ଅବସର ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ରେ ଥିବା ଅସ୍ମାନ ସଭାଗୃହ ରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୋରୋଡା ବିଧାୟକ ରାଜକିଶୋର ଦାସ, କରଞ୍ଜିଆ ବିଧାୟିକା ବାସନ୍ତି ହେମ୍ବ୍ରମ, ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ମୟୂରଭଞ୍ଜ ଏସପି ରିଷିକେଶ ଦ୍ୟାନଦେଓ ଖିଲାରୀ, ଏଡିସନାଲ ଏସପି ସୁରେଶ ଚନ୍ଦ୍ର ପାତ୍ର, ବାରିପଦା ଏସଡିପିଓ କେ.କେ ହରିପ୍ରସାଦ, ବାରିପଦା ଟାଉନ ଆଇଆଇସି ବିରେନ୍ଦ୍ର କୁମାର ସେନାପତି, ରିଜର୍ଭ ଇନସ୍ପେକ୍ଟର କୁଳମଣି ଗିରି ପ୍ରମୁଖ ବହୁ ଅଧିକାରୀ ଭର୍ଚୁଆଲ ମାଧ୍ୟମରେ ଏହି ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ । ସାଇବର ଥାନାର ଉଦଘାଟନ ଫଳରେ ରାଜ୍ୟରେ ବିଭିନ୍ନ ସମୟରେ ହେଉଥିବା ସାଇବର ଠକେଇରେ ରୋକ ଲଗାଇବାରେ ସହାୟକ ହେବ ବୋଲି କହିଛନ୍ତି ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧକ୍ଷକ ଶ୍ରୀ ଦ୍ୟାନଦେଓ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo